# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

| VOL-1 | ISSUE-11 | BHUBANESWAR | 03 May to 09 May, 2026 | Rs--8/- | ବର୍ଷ-୧ | ସଂଖ୍ୟା-୧୧ | ଭୁବନେଶ୍ୱର | ୦୩ ମଇ ରୁ ୦୯ ମଇ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା |
|---|---|---|---|---|---|---|---|---|---|---|



| ADVERTISEMENT TARIFF | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


## ସୁପ୍ରିମକୋର୍ଟରେ ଟିଏମସିକୁ ଝଟକା

ନୂଆଦିଲ୍ଲୀ, ୦୨/୦୫ : ଆସନ୍ତା ୪ ତାରିଖରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଭୋଟ ଗଣତି ହେବ। ଏହାପୂର୍ବରୁ କ୍ଷମତାସୀନ ଟିଏମସିକୁ ଲାଗିଛି ବଡ଼ ଝଟକା। କାଉଣ୍ଟିଂ ସୁପର ଭାଇଜର ଓ ସହାୟକ ଭାବେ ନିର୍ବାଚନ କମିଶନ କେବଳ କେନ୍ଦ୍ରୀୟ କର୍ମଚାରୀ ଓ ପିଏସ୍‌ୟୁ ଅଧିକାରୀଙ୍କୁ କରିଥିବା ନିଯୁକ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ମେ' ୪ ତାରିଖ ଭୋଟ ଗଣତି ପାଇଁ କେବଳ କେନ୍ଦ୍ରୀୟ ଓ ପିଏସ୍‌ୟୁ ଅଧିକାରୀ ନିଯୁକ୍ତ ହୋଇଥିବାରୁ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା ଟିଏମସି। ହେଲେ ଏହି ପ୍ରସଙ୍ଗରେ କୌଣସି ରାୟ ପାରିତ କରିବାକୁ ମନା କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ ଆଜି ଜରୁରୀ ଶୁଣାଣି ସମୟରେ ସ୍ପଷ୍ଟ କରିଛନ୍ତି ଯେ ନିର୍ବାଚନ କମିଶନ ନିଜ ଇଚ୍ଛାରେ ଅଧିକାରୀ ଚୟନ କରିବାର ଅଧିକାର ପାଇଛନ୍ତି। ଯଦି କେନ୍ଦ୍ରୀୟ କର୍ମଚାରୀଙ୍କୁ ବୁଥ କାଉଣ୍ଟିଂ ସୁପର ଭାଇଜର ଓ କାଉଣ୍ଟିଂ ଏଜେଣ୍ଟ ଭାବେ ନିଯୁକ୍ତି ମିଳୁଛି, ତେ'ହେଲେ ମଧ ଏସଂକ୍ରାନ୍ତ ବିଜ୍ଞପ୍ତିକୁ ଖାରଜ କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆଜି ଜିତୁ ମୁଣ୍ଡାଙ୍କ କାହାଣି ପ୍ରତ୍ୟେକ ସ୍ୱାଭିମାନୀ ଓଡିଆକୁ ବ୍ୟଥିତ କରୁଛି । ଟଙ୍କା ଉଠାଇବା ପାଇଁ ନିଜ ଭଉଣୀର ଶବକୁ ନେଇ ବ୍ୟାଙ୍କରେ ପହଞ୍ଚିବା ଯେତିକି ନିଛକ ସରଳତାର କାହାଣୀ, ସେତିକି ଦାରିଦ୍ର ଓ ଅଜ୍ଞତାର ଏକ ନଗ୍ନ ଚିତ୍ର । କେନ୍ଦୁଝର ଜିଲ୍ଲା ପ୍ରତି ବର୍ଷ ଓଡ଼ିଶା ସରକାରଙ୍କୁ ୫୦,୦୦୦ କୋଟି ଟଙ୍କାର ଖଣି ରାଜସ୍ୱ ଦେଇ ଆସୁଛି । ଖଣି ପ୍ରଭାବିତ ଲୋକଙ୍କ ପାଇଁ ଜିଲ୍ଲାପାଳଙ୍କ ନିକଟରେ ହଜାର ହଜାର କୋଟି ଟଙ୍କାର ଜିଲ୍ଲା ଖଣି ଉନ୍ନୟନ ପାଣ୍ଠି ଗଚ୍ଛିତ ହୋଇ ରହିଛି । ଉକ୍ତ ପାଣ୍ଠିର ସଦୁପଯୋଗ ପାଇଁ ଯେଉଁ କମିଟି ଗଠନ କରାଯାଇଛି ସେଥିରେ ସବୁ ବିଧାୟକ ଓ ସାଂସଦ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ । କିନ୍ତୁ ଜିଲ୍ଲାର ଆଦିବାସୀମାନେ ଦାରିଦ୍ର ଓ ଅଶିକ୍ଷାର ଅନ୍ଧକାର ମଧ୍ୟରେ ବୁଡ଼ି ରହିଛନ୍ତି ।

କିଛି ବର୍ଷ ପୂର୍ବେ ଦାନ ମାଝୀ ନାମକ ଜଣେ ଦାଦନ ଶ୍ରମିକ ତାଙ୍କର ମୃତ ସ୍ତ୍ରୀକୁ ଅର୍ଥାଭାବରୁ ନିଜ କାନ୍ଧରେ ଗାଁକୁ ବୋହି ନେଉଥିବାର ହୃଦୟ ବିଦାରକ ଦୃଶ୍ୟ ଆଜି ମଧ ଜନମାନସରୁ ଲିଭି ନାହିଁ । ଭାରତ ବର୍ଷରେ ଜନସାଧାରଣ ସମ୍ରାଟ ଖାରବେଳଙ୍କ ଦିଗବିଜୟ ବିଷୟରେ ଜାଣି ନାହାନ୍ତି, କିନ୍ତୁ ଜାଣିଛନ୍ତି ଦାନ ମାଝୀ ବିଷୟରେ । ଏହା ଆଜିକା ଦିନରେ ଓଡ଼ିଆ 'ସ୍ୱାଭିମାନ'ର ଏକ ସାଙ୍କେତିକ ଦୃଶ୍ୟ ।

୧୯୮୦ ଦଶକରେ ଫାନସ ପୁଞ୍ଜି ନାମକ ଜଣେ ଅପ୍ରାପ୍ତ ବୟସ୍କ ଯୁବତୀକୁ ଦାରିଦ୍ର ଯୋଗୁଁ ବିକ୍ରି କରାଯାଇଥିବା ସମ୍ବାଦ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଆନ୍ଦୋଳିତ କରିଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ସମୟରେ ଶିଶୁ ବିକ୍ରି ହେଉଥିବା ସମ୍ବାଦ ପ୍ରକାଶିତ ହୁଏ । ସେଥିପାଇଁ କେତେକ ସମୀକ୍ଷକ ଓଡ଼ିଶାକୁ ଆଫ୍ରିକାର ସୋମାଲିଆ ସହ ତୁଳନା କରିଥାନ୍ତି ।

କିନ୍ତୁ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪-୨୫ ବର୍ଷରେ ଓଡ଼ିଶାର ଜନସାଧାରଣଙ୍କର ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ଥିଲା ୧.୭୧ ଲକ୍ଷ ଟଙ୍କା । ଯଦି ଜିତୁ ମୁଣ୍ଡାଙ୍କର ବାର୍ଷିକ ଆୟ ତାହା ହୋଇଥାନ୍ତା ତେବେ ମାତ୍ର ୧୯,୩୦୦ ଟଙ୍କାର ବ୍ୟାଙ୍କ ଟଙ୍କା ଉଠାଇବା ପାଇଁ ତାଙ୍କୁ ଦୁଇ ମାସ ତଳେ ମୃତ୍ୟୁ ବରଣ କରିଥିବା ତାଙ୍କର ଭଉଣୀର ଶବକୁ ଖୋଳି ବାହାର କରିବାକୁ ପଡ଼ି ନଥାନ୍ତା । ୨୦୨୪-୨୫ ମସିହାରେ ଓଡ଼ିଶାର ସମୁଦାୟ ଉତ୍ପାଦନ ହେଉଛି ନଅ ଲକ୍ଷ କୋଟି ଟଙ୍କା । ତାହାକୁ ଉତ୍ପାଦନ କରୁଛି କିଏ ? କିଏ ତାହାର ଲାଭାର୍ଥୀ ?

ଏହା ସ୍ୱୀକାର କରିବାକୁ ହେବ ଯେ, ଓଡ଼ିଶାର ସମ୍ପଦକୁ ବିଭବରେ ପରିଣତ କରିବା ପାଇଁ ଜିତୁ ମୁଣ୍ଡା, ଦାନ ମାଝୀ, ଫାନସ ପୁଞ୍ଜି ବା ଷାଠିଏ ଲକ୍ଷ ସୁଭଦ୍ରା ମହିଳାଙ୍କ ସାମଗ୍ରିକ ପାଣ୍ଠି ଯଥେଷ୍ଟ ନୁହେଁ । ସେଥିପାଇଁ ପୁଞ୍ଜି ନିବେଶକାରୀଙ୍କ ଆବଶ୍ୟକତା ରହିଛି । କିନ୍ତୁ ମୁଷ୍ଟିମେୟ କିଛି ଅତି ଧନୀକ ବ୍ୟକ୍ତିଙ୍କ ସମୃଦ୍ଧିରୁ ଓଡ଼ିଶା ପାଇଛି କ'ଣ ? ସରକାର, ଯେ କୌଣସି ଦଳର ହୋଇଥାନ୍ତୁ ନା କାହିଁକି, ଏଇ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ । କାରଣ ଲୋକଙ୍କ ମଧ୍ୟରେ ଓ ବିଭିନ୍ନ ଅଞ୍ଚଳ ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟ ଦୂର କରିବାର ଗୁରୁ ଦାୟିତ୍ୱ ସମ୍ବିଧାନ ସରକାରଙ୍କ ଉପରେ ନ୍ୟସ୍ତ କରିଛି ।

କେଉଁ ପନ୍ଥା ଅବଲମ୍ବନ କଲେ ଧନୀ ଓ ଦାରିଦ୍ରଙ୍କ ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ କମା ଯାଇପାରିବ ? ଏହି ମୌଳିକ ପ୍ରଶ୍ନର ଉତ୍ତର ପାଇବା ପାଇଁ ସମଗ୍ର ବିଶ୍ୱର ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ମାନେ ଅନେକ ପ୍ରୟାସ କରିଛନ୍ତି । କାର୍ଲ ମାର୍କସଙ୍କ ଠାରୁ ଅମର୍ତ୍ତ୍ୟ ସେନଙ୍କ ପର୍ଯ୍ୟନ୍ତ, ଯୋସେଫ ଷ୍ଟିଗଲିଜଙ୍କ ଠାରୁ ଆରମ୍ଭ କରି ଅଭିଜିତ ବାନର୍ଜୀଙ୍କ ପର୍ଯ୍ୟନ୍ତ ଚିନ୍ତାଶୀଳ ବ୍ୟକ୍ତିମାନେ ଅନେକ ଉପାୟର ଅବତାରଣା କରି ଆସିଛନ୍ତି । ମାଓ ସେ ତୁଙ୍ଗଙ୍କ ଠାରୁ ଆରମ୍ଭ କରି ଚାରୁ ମଜୁମଦାରଙ୍କ ପର୍ଯ୍ୟନ୍ତ ନେତାମାନେ ଧନୀ ଲୋକଙ୍କ ଉପରେ ପ୍ରତ୍ୟକ୍ଷ ସଂଗ୍ରାମରେ ବିଶ୍ୱାସ ରଖିଛନ୍ତି ଯାହାକି ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ ସମ୍ଭବପର ନୁହେଁ। ଷ୍ଟିଗଲିଜ ଓ ପ୍ରଭାତ ପଟ୍ଟନାୟକଙ୍କ ଭଳି କେତେକ ବାମପନ୍ଥୀ ଅର୍ଥନୀତିଜ୍ଞ ମତ ଦେଇଛନ୍ତି ଯେ, ଆର୍ଥନୀତିକ ବୈଷମ୍ୟ କମାଇବା ପାଇଁ ଧନୀମାନଙ୍କ ଉପରେ ଅଧିକ ଟାକ୍ସ ବସାଇବା ଉଚିତ ଏବଂ ସେହି ଟିକସ ଅର୍ଥକୁ ବିନିଯୋଗ କରି ଦରିଦ୍ର ବ୍ୟକ୍ତିଙ୍କର ଉତ୍‌ଥାନ କରିବା ଉଚିତ । କିନ୍ତୁ ମନେ ରଖିବାକୁ ହେବ ଯେ, ଟିକସ ବସାଇବା ସହଜ। କିନ୍ତୁ ଟିକସ ଅର୍ଥକୁ ସଠିକ ଭାବରେ ବିନିଯୋଗ କରିବା ସହଜ ନୁହେଁ । ତାହାର ସୂତ୍ର ଆବିଷ୍କାର କଲେ ବିକାଶ ସାର୍ବଜନୀନ ହୋଇପାରିବ ।

ଓଡ଼ିଶାରେ ଏହା କେତେ ଦୂର ସଫଳ ହୋଇଛି ତାହା ଅନୁଧ୍ୟାନ କରିବା ପାଇଁ କେତେକ ଉଦାହରଣ ଅନୁଶୀଳନ କରାଯାଉ। ଗୋଟିଏ ହେଲା ଜିଲ୍ଲାସ୍ତରୀୟ ଖଣିଜ ଉନ୍ନୟନ ପାଣ୍ଠି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଶେଷ କରି କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ହଜାର ହଜାର କୋଟି ଟଙ୍କା ଖଣିଜ ଉନ୍ନୟନ ପାଣ୍ଠିରେ ସଂଗୃହିତ ହୋଇ ରହିଛି । ଉଦ୍ଦେଶ୍ୟ ହେଲା ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ମୁଖ୍ୟତଃ ଆଦିବାସୀମାନଙ୍କୁ ଲାଭାନ୍ୱିତ କରିବା । କିନ୍ତୁ ପ୍ରକୃତରେ ସେଠିକାର ଆଦିବାସୀମାନଙ୍କର କ'ଣ ଉନ୍ନତି ହୋଇଛି ? ସୁନ୍ଦରଗଡ଼ ପାଣ୍ଠିରୁ ଶହ ଶହ କୋଟି ଟଙ୍କା ବ୍ୟୟରେ ଏକ ଷ୍ଟାଡିୟମ ତିଆରି ହୋଇଛି ହକି ବିଶ୍ୱ କପ ଖେଳ ପାଇଁ । ବିଦେଶୀ ଖେଳାଳୀ ମାନଙ୍କ ରହିବା ପାଇଁ ଏକ ପଞ୍ଚତାରକା ହଷ୍ଟେଲ ତିଆରି ହୋଇଛି । ଖେଳ ସରିବା ପରେ ଉକ୍ତ ହଷ୍ଟେଲଟି ଅବ୍ୟବହୃତ ହୋଇ ପଡି ରହିଥିଲା। ବର୍ତ୍ତମାନ ତାହାକୁ ଏକ ସୂତ୍ରରେ ଦେଇ ଦିଆଯାଇଛି । ବିଶ୍ୱ କପ ତାରକା ହଷ୍ଟେଲ ପାଇଁ ଲିଜ ଖେଳ ଆୟୋଜନ କରି ସରକାର ବିଶ୍ୱରେ ବିଖ୍ୟାତ ହେଲେ । କିନ୍ତୁ ସୁନ୍ଦରଗଡ଼ର ଆଦିବାସୀ, ଯେଉଁମାନଙ୍କ ପାଇଁ ଏଇ ଅର୍ଥ ଉଦ୍ଦିଷ୍ଟ ଥିଲା, ସେମାନଙ୍କର ଆର୍ଥିକ ଅବସ୍ଥାରେ କି ଉନ୍ନତି ହେଲା ? ସେହି ଟଙ୍କାରେ ସୁନ୍ଦରଗଡ଼ର ସ୍କୁଲମାନଙ୍କରେ ୫୦୦୦ଟି କ୍ଲାସ୍ ରୁମ ନିର୍ମାଣ କରାଯାଇ ପାରିଥାନ୍ତା, କିମ୍ବା ୧୦୦ ଟି ସରକାରୀ ଆଇଟିଆଇ ନିର୍ମାଣ କରି ୨୦,୦୦୦ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଚାକିରି ଦିଆଯାଇ ପାରିଥାନ୍ତା । ଆଉ ଏକ ଉଦାହରଣ ନିଆଯାଉ । କେନ୍ଦୁଝର ଜିଲ୍ଲାରେ ଆଦିବାସୀ ମାନଙ୍କ ପାଇଁ ନିରନ୍ତର ପାଇପ ଜଳ ଯୋଗାଣ ପାଇଁ ଖଣିଜ ଉନ୍ନୟନ ପାଣ୍ଠିରୁ ସହସ୍ରାଧିକ ଟଙ୍କାର ବରାଦ କରାଗଲା । ପ୍ରତ୍ୟେକ ଘର ଦୁଆରେ ୨୪ ଘଣ୍ଟା ପାଣି ଯୋଗାଇଦେବାପାଇଁ ପରିକଳ୍ପନା କରାଗଲା । ଉଦ୍ଦେଶ୍ୟ ମନ୍ଦ ବୋଲି କୁହାଯାଇ ପାରିବ ନାହିଁ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଦେଖାଯାଉଛି ଯେ, ଏହି ଯୋଜନାଟି କେବଳ କେତେକ ଓଡ଼ିଶା ବାହାରର ଠିକାଦାରମାନଙ୍କ ପାଇଁ ହୋଇଥିବା ଭଳି ମନେ ହୁଏ ।



ବିଜୟ କୁମାର ପଟ୍ଟନାୟକ

ପାଇପ ଜଳ ଯୋଗାଇବା ପାଇଁ ଓଡ଼ିଶାର କଣ୍ଟ୍ରାକ୍ଟର ମାନେ ସକ୍ଷମ । କିନ୍ତୁ ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କୁ ଏଥିରୁ ଦୂରେଇ ଦିଆଗଲା । ପ୍ରଥମେ ଛୋଟ ଛୋଟ ପ୍ରକଳ୍ପ ଗୁଡିକ ଏକାଠି କରି ଠିକାର ଆକାର ଏତେ ବଡ଼ କରି ଦିଆଗଲା ଯେ ଓଡ଼ିଶାର ଠିକାଦାରମାନେ ଏଥିପାଇଁ ଅଯୋଗ୍ୟ ହୋଇଗଲେ । ସମସ୍ତ ଭାରତ ବର୍ଷରେ କେତେକ ମୁଷ୍ଟିମେୟ ଠିକାଦାର ଏଥିପାଇଁ ଯୋଗ୍ୟ ବିବେଚିତ ହେଲେ । ଠିକା ସେମାନଙ୍କ ହାତକୁ ଗଲା । ଯେହେତୁ ସେମାନେ ଓଡ଼ିଶା ବାହାରର ଠିକାଦାର, ସେମାନେ ଠିକାରୁ ନିଜର ଲାଭ କାଟି ନେଇ ବଳକା ଅଂଶ ଓଡ଼ିଶାର ଛୋଟ ଛୋଟ ଠିକାଦାରଙ୍କୁ ଦେଇଦେଲେ, ମାଂସ ଖାଇ ହାଡ଼ ଛାଡ଼ିଦେବା ଭଳି । ଓଡ଼ିଶାର ଠିକାଦାର ମାନେ ଉକ୍ତ ବଳକା ଅର୍ଥରେ ପ୍ରକଳ୍ପ ସାରିବା ଅବସ୍ଥାରେ ନାହାନ୍ତି । ଏଭଳି କେତେକ ଘଟଣା ମଧ ଘଟିଛି ଯେଉଁଥିରେ କି ବାହାରର କଣ୍ଟ୍ରାକ୍ଟର ଓଡ଼ିଶାର କଣ୍ଟ୍ରାକ୍ଟର ଦ୍ୱାରା କାମଟି କରାଇ ନେଇ ତାକୁ ତାହାର ପ୍ରାପ୍ୟ ଦେଇ ନାହିଁ ଏବଂ ସରକାର ନିର୍ବିକାର ଭାବରେ ବସି ରହିଛନ୍ତି । ଯେଉଁ କେତୋଟି ହାତଗଣତି ପ୍ରକଳ୍ପ ଶେଷ ହୋଇଛି, ତାହାର ରକ୍ଷଣାବେକ୍ଷଣର ବ୍ୟବସ୍ଥା ନାହିଁ। କାରଣ ମୂଳ ଠିକାଦାର ଜଣକ ଉଭାନ ହୋଇଯାଇଛନ୍ତି । ତେଣୁ ଆଦିବାସୀମାନଙ୍କର ଉନ୍ନତି ପାଇଁ ସଂଗୃହିତ ହୋଇଥିବା ଅର୍ଥରେ ବାହାରର ଠିକାଦାର ଲାଭବାନ ହୋଇଛନ୍ତି । ଜିତୁ ମୁଣ୍ଡା ଯେଉଁଠି ଥିଲେ ସେଇଠି ରହିଯାଇଛନ୍ତି ।

ଆଦିବାସୀମାନେ ଆଜି ବିଭିନ୍ନ ସମସ୍ୟା ଘେରରେ ରହିଛନ୍ତି । ସିଜିମାଳୀରେ ସେମାନେ ବକ୍ସାଇଟ ଖନନର ବିରୋଧ କରି ଆସୁଛନ୍ତି । ତାଙ୍କରି ବିଧାୟକ କହୁଛନ୍ତି ଯେ, ବକ୍ସାଇଟ ଖନନ କଲେ ଆଦିବାସୀମାନଙ୍କର ଉନ୍ନତି ହେବ । ତାହା ଯଦି ସତ୍ୟ, ତେବେ ସେ ତାଙ୍କର ଭୋଟରମାନଙ୍କୁ ଏହା ବୁଝାଉ ନାହାନ୍ତି କାହିଁକି ? ଏହି 'ଉନ୍ନତି' ଖଣି ଠିକାଦାରମାନଙ୍କର ଉନ୍ନତି ଆଣିବ ନା ଆଦିବାସୀଙ୍କର ? ସୁନ୍ଦରଗଡ଼ରେ କୋଇଲା ଖଣି ଖନନ ଆଦିବାସୀମାନଙ୍କର ଘର ଅଗଣା ପର୍ଯ୍ୟନ୍ତ ମାଡ଼ି ଆସିଲାଣି । ସେମାନଙ୍କ ପାଇଁ କ'ଣ ବ୍ୟବସ୍ଥା ହୋଇଛି ? ଖଣି ମାଲିକମାନେ ହଜାର ହଜାର କୋଟି ଟଙ୍କାର ମାଲିକ ହେବା ବେଳେ ତାହାର ଏକ ଶତାଂଶରୁ କମ୍ ବିସ୍ଥାପିତ ଲୋକଙ୍କ ପାଇଁ କାହିଁକି ଖର୍ଚ୍ଚ କରୁ ନାହାନ୍ତି ?

ଜିତୁ ମୁଣ୍ଡା ହୁଅନ୍ତୁ ବା ଦାନ ମାଝୀ, ବଣ୍ଡା ଘାଟି ହେଉ ବା ନଗଡା, ଗୋଟିଏ ଅଞ୍ଚଳ ବା ଗୋଟିଏ ସମ୍ପ୍ରଦାୟର ଉନ୍ନତି କରିବାକୁ ହେଲେ ପ୍ରଥମେ ଲୋକଙ୍କର ସଶକ୍ତିକରଣ କରିବାକୁ ହେବ । ବିଶ୍ୱସ୍ତରୀୟ ଷ୍ଟାଡିୟମ ଗଢ଼ିବା ଆଗରୁ ବିଶ୍ୱସ୍ତରୀୟ ସ୍କୁଲ ଓ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା କରିବା ଆବଶ୍ୟକ । ଏଭଳି ଶିକ୍ଷା ବ୍ୟବସ୍ଥା ହେବା ଦରକାର ଯାହା ମାଧ୍ୟମରେ ଆଦିବାସୀ ଛାତ୍ରଛାତ୍ରୀ ମାନେ ନିଯୁକ୍ତି ପାଇ ପାରିବେ । ରାସ୍ତାଘାଟ, ବିଜୁଳି, ଜଳସେଚନ, ବିଶୁଦ୍ଧ ପାନୀୟ ଜଳ, ମୋବାଇଲ ଭିତ୍ତିଭୂମି ଆଦିର ବ୍ୟବସ୍ଥା କରିବା ଦରକାର । ପ୍ରଗତି ସହ ପରିବେଶର ସନ୍ତୁଳନ ରହିବା ଦରକାର ।

ସ୍ଥାୟୀ ଉନ୍ନତି ପାଇଁ ସ୍ଥାୟୀ ଯୋଜନାର ଆବଶ୍ୟକତା ରହିଛି । ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ରାଜନୈତିକ ଦଳର ପ୍ରତିବଦ୍ଧତା ରହିବା ଉଚିତ । ନ ହେଲେ ଯେତେ ବିକାଶ ପରିଷଦ ବା ଉନ୍ନୟନ ପରିଷଦ ଗଢ଼ିଲେ ମଧ ଓଡ଼ିଶାର ଅଧିବାସୀମାନେ ବିଶ୍ୱ ଦରବାରରେ ଉପହାସିତ ହେଉଥିବେ ।

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର

## ବ୍ୟଙ୍ଗ ପ୍ରହାର: ପ୍ରମାଦ

ମୋଦୀ-ଦିଦି ଲଢ଼େଇ ଚାଲିଛି
ପଶ୍ଚିମବଙ୍ଗର କିଏ ସେ ଧରିବ ମଙ୍ଗ ?
ଆଉ ଥରେ ଘାଷ ଫୁଲ ଫୁଟିବ କି
ଅବା ଫୁଟିବ ପଦ୍ମ ରଙ୍ଗ
ନିର୍ବାଚନ ଫଳ ପ୍ରକାଶ ପାଇଲେ
ଆରମ୍ଭ ହେବ କୁରୁକ୍ଷେତ୍ର ଜଙ୍ଗ
ପଶ୍ଚିମବଙ୍ଗର ଫଳାଫଳ
୨୦୨୯ ପାଇଁ ଦେଶକୁ
ଦେଖାଇବ ନୂଆ ଦିଗ



# ପଶ୍ଚିମବଙ୍ଗରେ କିଏ ଧରିବ ମଙ୍ଗ ?

## ବଙ୍ଗ ଦଖଲ ପାଇଁ 'ଦିଦି' ଓ 'ଦାଦା' ମଧ୍ୟରେ କଡ଼ା ଟକ୍କର



**ଭୁବନେଶ୍ୱର, ୦୨/୦୫ (ପ୍ରମୋଦ ସାମନ୍ତରାୟ) :** ସଂପ୍ରତି ଭାରତର ୫ଟି ପ୍ରମୁଖ ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ଆସନ୍ତା ମଇ ୪ ତାରିଖରେ ଏହି ସବୁ ରାଜ୍ୟର ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ। ତେବେ ସେଗୁଡ଼ିକର ଏକଜିଟ ପୋଲ୍ ଆକଳନ ଅନୁଯାୟୀ, ପଶ୍ଚିମବଙ୍ଗରେ ଟିଏମସି ଓ ବିଜେପି ମଧ୍ୟରେ କଡ଼ା ଟକ୍କର, ଆସାମରେ ବିଜେପିକୁ ବହୁମତ, ତାମିଲନାଡୁରେ ଡିଏମକେ ମେଣ୍ଟକୁ ବହୁମତ, କେରଳରେ ଏଲଡିଏଫ ମେଣ୍ଟକୁ ବହୁମତ ଏବଂ ପୁଡୁଚେରୀରେ ବିଜେପି ସମର୍ଥିତ ଏଆଇଏନଆରସି ମେଣ୍ଟକୁ ବହୁମତ ମିଳିବା ନେଇ ପ୍ରାକ ସୂଚନା ମିଳିଛି।
ବିଶେଷକରି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି ମଧ୍ୟରେ ଜୋରଦାର ଲଢ଼େଇ ହୋଇଛି। ତେବେ ନିକଟରେ ପ୍ରକାଶିତ ଟୁଡେଜ-ଚାଣକ୍ୟ ଏବଂ ପି-ମାର୍କ ପରି ସଂସ୍ଥାର ଏକଜିଟ ପୋଲ ଅନୁଯାୟୀ ଅଧିକାଂଶ ଗଣମାଧ୍ୟମ ସଂସ୍ଥା ବିଜେପିକୁ ଅଗ୍ରଣୀ ଦେଖାଉଥିବା ବେଳେ କିଛି ସଂସ୍ଥା ମମତା ବାନାର୍ଜୀଙ୍କୁ ପୁଣି କ୍ଷମତାକୁ ଫେରୁଥିବା ଦର୍ଶାଉଛନ୍ତି। ଗୋଟେ ପଟେ ଦୀର୍ଘ ଦଶନ୍ଧି ଧରି ରାଜ୍ୟ ଶାସନର ମଙ୍ଗ ଧରିଥିବା ବଙ୍ଗଳାର ଝିଅ ମମତା ବାନାର୍ଜୀ ଏବଂ ଅନ୍ୟପଟେ ପରିବର୍ତ୍ତନର ସ୍ଲୋଗାନ ଦେଇ ବିଜୟ ଲକ୍ଷ୍ୟରେ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଜେପି।

| ପାଞ୍ଚ ରାଜ୍ୟରେ ବିଧାନସଭା ଆସନ | |
|---|---|
| ପଶ୍ଚିମବଙ୍ଗ | - ୨୯୪ |
| ଆସାମ | - ୧୨୬ |
| ତାମିଲନାଡୁ | - ୨୩୪ |
| କେରଳ | - ୧୪୦ |
| ପୁଡୁଚେରୀ | - ୩୦ |

**୦୪ ମଇରେ ଫଳାଫଳ ଘୋଷଣା**

ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ମମତା ବାନାର୍ଜୀଙ୍କ 'ଲକ୍ଷ୍ମୀର ଭଣ୍ଡାର' ଯୋଜନା ବିରୁଦ୍ଧରେ ବିଜେପି 'ଭ୍ରଷ୍ଟାଚାର' ଏବଂ 'ସନ୍ଦେଶଖାଲି' ପ୍ରସଙ୍ଗକୁ ଅସ୍ତ୍ର କରିଛି। ରାଜ୍ୟରେ ଏଥର ୯୨.୯୩ ପ୍ରତିଶତ ରେକର୍ଡ ସଂଖ୍ୟକ ମତଦାନ ହୋଇଥିବାରୁ ଏହି ବର୍ଦ୍ଧିତ ଭୋଟ ଆଣ୍ଟି ଇନକମ୍ବାନ୍ସି କିମ୍ବା ମମତାଙ୍କ ପ୍ରତି ଭଲ ପାଇବା, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମମତା ବାନାର୍ଜୀଙ୍କ କହିବା କଥା ସେ ଏକଜିଟ ପୋଲରେ ବିଶ୍ୱାସ କରନ୍ତି ନାହିଁ, ତାଙ୍କ ଦଳ ୨୨୬ରୁ ଅଧିକ ଆସନ ଜିତିବ। କିନ୍ତୁ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ବିଜେପି ବଙ୍ଗଳାରେ ପଦ୍ମ ଫୁଟାଇ ଟିଏମସି ସରକାରର ପତନ ଘଟିବ ବୋଲି କହିଛନ୍ତି। ତେଣୁ ଆସନ୍ତା ମଇ ୪ ତାରିଖରେ ବଙ୍ଗଳାବାସୀ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ପୁଣି ଥରେ ଦିଦିଙ୍କୁ ଗ୍ରହଣ କରିବେ ନା କେନ୍ଦ୍ରରେ କ୍ଷମତାସୀନ ମୋଦୀଙ୍କ ମ୍ୟାଜିକ କାମ ଦେବ ତାହା କେବଳ ଦେଖିବାକୁ ବାକି ରହିଲା।

### ମମତା ବନାମ ଶୁଭେନ୍ଦୁ

ପଶ୍ଚିମବଙ୍ଗ ରାଜନୀତିର ସବୁଠାରୁ ଦୁଇ ବଡ଼ ଚେହେରା ହେଉଛନ୍ତି ମମତା ବାନାର୍ଜି ଓ ଶୁଭେନ୍ଦୁ ଅଧିକାରୀ। କିନ୍ତୁ ସେମାନେ ଲଢୁଥିବା ନିର୍ବାଚନ ମଣ୍ଡଳୀକୁ ନେଇ ରୋଚକ ସ୍ଥିତି ଦେଖା ଦେଇଛି। କଲିକତାର ଭବାନପୁର ହେଉଛି ମମତାଙ୍କ ପାରମ୍ପରିକ ଗଡ଼। ୨୦୨୧ ନିର୍ବାଚନରେ ସେ ନନ୍ଦିଗ୍ରାମରୁ ଲଢ଼ି ପରାଜିତ ହୋଇଥିଲେ ମଧ ପରେ ଭବାନୀପୁର ଉପ ନିର୍ବାଚନରେ ବିପୁଳ ବ୍ୟବଧାନରେ ଜିତି ଥିଲେ। ଏଠାରେ ମମତାଙ୍କ ବ୍ୟକ୍ତିଗତ ପ୍ରଭାବ ବହୁତ ଅଧିକ। କିନ୍ତୁ ପୂର୍ବ ମେଦିନାପୁର ଜିଲ୍ଲାର ନନ୍ଦୀଗ୍ରାମ ହେଉଛି ଶୁଭେନ୍ଦୁଙ୍କ ପ୍ରଭାବଶାଳୀ କ୍ଷେତ୍ର। ୨୦୨୧ ମସିହାରେ ସେ ଏଠାରେ ମମତାଙ୍କୁ ହରାଇ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି, ନନ୍ଦୀଗ୍ରାମରୁ ହିଁ ବଙ୍ଗଳାରେ ଭୂମି ଆନ୍ଦୋଳନ ଆରମ୍ଭ ହୋଇଥିଲା, ଯାହା ମମତାଙ୍କୁ କ୍ଷମତାକୁ ଆଣିଥିଲା। କିନ୍ତୁ ଏବେ ଶୁଭେନ୍ଦୁ ସେଠାରେ ବିଜେପିର ସବୁଠାରୁ ବଡ଼ ଯୋଦ୍ଧା ଭାବେ ଉଭା ହୋଇଛନ୍ତି। ତେଣୁ ପଶ୍ଚିମବଙ୍ଗ ନିର୍ବାଚନରେ ଏହି ଦୁଇ ଆସନ ଉପରେ ସମସ୍ତଙ୍କ ନଜର। ଶୁଭେନ୍ଦୁ ଅଧିକାରୀ ନିଜକୁ ନନ୍ଦୀଗ୍ରାମର ପୁଅ ଭାବେ ଉପସ୍ଥାପିତ କରୁଥିବା ବେଳେ ମମତା ନିଜର ବିକାଶମୂଳକ ଯୋଜନାକୁ ନେଇ ଭୋଟରଙ୍କ ପାଖକୁ ଯାଇଛନ୍ତି। ଅଧିକାଂଶ ଏକଜିଟ ପୋଲ ଅନୁଯାୟୀ ମମତା ବାନାର୍ଜୀ ନିଜ ଆସନରେ ସୁରକ୍ଷିତ ରହିବା ସହ ପଲା ଭାରି ଥିବା ଆକଳନ କରିଛନ୍ତି। ସେଠାରେ ବିଜେପି ଜଣେ ବରିଷ୍ଠ ନେତାଙ୍କୁ ପ୍ରାର୍ଥୀ କରିଥିଲେ ମଧ ମମତାଙ୍କ ବ୍ୟକ୍ତିଗତ ଭୋଟ ଭାଙ୍ଗିବା

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଓଡ଼ିଶାରେ ବ୍ୟବସ୍ଥାର ବିକଳ ଚିତ୍ର

# ଟଙ୍କା ପାଇଁ ଭାଇ ବୋହିଲେ ଭଉଣୀର କଙ୍କାଳ

ଭୁବନେଶ୍ୱର/କେନ୍ଦୁଝର, ୦୨/୦୫ (ଜେଏନ୍‌ଏସ୍) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମଲ୍ଲିପଶି ଗାଁର ଏ ଚିତ୍ର ଏବେ ସମସ୍ତଙ୍କୁ ଦୋହଲାଇ ଦେଇଛି । ବ୍ୟବସ୍ଥା ଆଗରେ ମୁଣ୍ଡ ନୁଆଁଇ ଦେଇଛି ସଭ୍ୟ ସମାଜର ଛବି। କାନ୍ଧରେ ଭଉଣୀର ଗଳିତ ଶବ ବୋହି ନେଉଛନ୍ତି ଜିତୁ ମୁଣ୍ଡା । ଯାହା ପୁଣି ଥରେ ଅତୀତର ଦାନ ମାଝୀ କଥାକୁ ମନେ ପକାଇ ଦେଇଛି । ଏ ହେଉଛି ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ଦୃଶ୍ୟ । ଜଣେ ଆଦିବାସୀ ବ୍ୟକ୍ତିର ଦୁଃଖ । ଯାହା ବ୍ୟବସ୍ଥାର ବ୍ୟତିକ୍ରମକୁ ପ୍ରଶ୍ନ କରୁଛି କହିଲେ ଭୁଲ ହେବନାହିଁ। ତେବେ ୨ ମାସ ତଳେ ଜିତୁ ମୁଣ୍ଡାଙ୍କ



ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ବ୍ରାଉନ ସୁଗାର କବ୍ଜାରେ ଛାତ୍ର କ୍ୟାମ୍ପସ

ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : ବାଣୀ ବିହାର (ଉତ୍କଳ ବିଶ୍ୱବିଦ୍ୟାଳୟ) କ୍ୟାମ୍ପସରୁ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି। ପ୍ରାୟ ୧୯୫ ଗ୍ରାମର ବ୍ରାଉନ ସୁଗାର ମିଳିଥିବା ଅବକାରୀ ବିଭାଗ ସୂଚନା ଦେଇଛି। ତେବେ ଏହି ଘଟଣାରେ ଅମନ ନାୟକ ଓ ସୌରଭ ଟୁଡୁ ନାମକ ଦୁଇ ଜଣ ଯୁବକକୁ ଗିରଫ କରାଯାଇଛି। ତେବେ ଏହି ବ୍ରାଉନ ସୁଗାର କାରବାର ପଛରେ ଜଳେଶ୍ୱର ବା ବାଲେଶ୍ୱର ଅଞ୍ଚଳର କୌଣସି ବଡ଼ ବେପାରୀର ହାତ ଥିବା ଅବକାରୀ ବିଭାଗ ସନ୍ଦେହ କରିଛି। ଏହି ଘଟଣା ପରେ ବାଣୀ ବିହାର କ୍ୟାମ୍ପସ ମଧ୍ୟକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି ଏବଂ ରାତି ସମୟରେ ପାଟ୍ରୋଲିଂକୁ ଯୋରଦାର କରାଯାଇଛି। ଏଥି ସହ କ୍ୟାମ୍ପସର ନିଛାଟିଆ ସ୍ଥାନମାନଙ୍କରେ ଅଧିକ ସିସି ଟିଭି କ୍ୟାମେରା ଲଗାଇବା ପାଇଁ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି।

# ମୋବାଇଲକୁ ଆସୁଛି କି ଇମର୍ଜେନ୍ସି ଆଲର୍ଟ

ନୂଆଦିଲ୍ଲୀ, ୦୨/୦୫ : ଆପଣଙ୍କ ଫୋନକୁ ଆସୁଛି କି ଇମର୍ଜେନ୍ସି ଆଲର୍ଟ। ଯଦି ଏପରି ହୋଇଛି, ତେବେ ଆତଙ୍କିତ ନ ହେବା ପାଇଁ ଟେଲିକମ୍ ବିଭାଗ ପରାମର୍ଶ ଦେଇଛି । ତେବେ ଏହି ଆଲର୍ଟ ଜରୁରୀକାଳୀନ ସ୍ଥିତିରେ ଆସିବ ଜଣାପଡ଼ିଛି । ଏଥି ପାଇଁ କୌଣସି ଲୋକ ଭୟଭୀତ ନହୋଇ ମେସେଜକୁ ଅଣଦେଖା କରନ୍ତୁ । ଆଜି ଅପରାହ୍ନ ୧୨ଟା ପୂର୍ବରୁ ସମସ୍ତ ଆଧାର ଲିଙ୍କ ମୋବାଇଲ ନମ୍ବରକୁ ଏମର୍ଜେନ୍ସି ଆଲର୍ଟ ଆସିବ ବୋଲି ଟେଲିକମ୍ ବିଭାଗ ସୂଚନା ଦେଇଛି । ଭାରତ, ଏହାର ନାଗରିକମାନଙ୍କୁ ତ୍ୱରିତ ବିପର୍ଯ୍ୟୟ ସତର୍କତା ସେବା ପ୍ରଦାନ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ସେଲ




ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଜିତୁ ମୁଣ୍ଡାଙ୍କ ଘଟଣାରେ କେନ୍ଦ୍ରମନ୍ତ୍ରୀ ନିର୍ମଳାଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ଘଟଣାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ନବୀନରେ ଚିଠିରେ ନିବେଦନ କରି ଲେଖିଛନ୍ତି ଯେ, ଅର୍ଥମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ। କେନ୍ଦୁଝର ଜିଲାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପୋଷି ଶାଖା ସମ୍ପର୍କରେ ନବୀନ ଲେଖିଛନ୍ତି, ବ୍ୟାଙ୍କ ଅଧିକାରୀଙ୍କର ଦାୟିତ୍ୱବୋଧତାକୁ ଲୁଚାଇବା ପାଇଁ ଚେଷ୍ଟା କରାଯାଉଛି। ଏହି ଅଭାବନୀୟ ଘଟଣା ସମଗ୍ର ଓଡ଼ିଶାରେ ଜନଭାବନାକୁ ଆଘାତ ଦେଇଛି। ଏହି ଅଭାବନୀୟ ତ୍ରୁଟି ପାଇଁ କିଏ ଦାୟୀ ତୁରନ୍ତ ସ୍ଥିର କରାଯାଉ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସହଜ କରିବ। ଆପଣଙ୍କ ହସ୍ତକ୍ଷେପ ଦ୍ୱାରା କୌଣସି ସ୍ଥାନରେ ଘଟଣାର ପୁନରାବୃତ୍ତି ହେବ ନାହିଁ। ନାଗରିକଙ୍କ ପ୍ରତି ଏପରି ଅମାନବୀୟ ବ୍ୟବହାର ଦେଶର ଅନ୍ୟ ସ୍ଥାନରେ ହେବନି ବୋଲି ନବୀନ ଲେଖିଛନ୍ତି।

# ଓଡ଼ିଶାକୁ ଶ୍ରେଷ୍ଠ କରିବୁ : କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ

ରାୟଗଡ଼ା, ୦୨/୦୫ (ଜେଏନ୍‌ଏସ୍) : ରାୟଗଡ଼ା ଜିଲ୍ଲା ଧରିତ୍ରୀର ସ୍ୱର୍ଗ ଅଟେ, ଆମ ଡବଲ ଇଂଜିନ ସରକାର ଗ୍ରାମାଞ୍ଚଳରେ ବିକାଶପାଇଁ ସଂକଳ୍ପବଦ୍ଧ, ସଡ଼କ, ବାସଗୃହ ଓ ପାନୀୟଜଳ ମାଧ୍ୟମରେ ଆମେ ଲୋକଙ୍କ ପାଖରେ ପହଁଚିବୁ ଓ ବିକଶିତ ଭାରତ ପାଇଁ ଗ୍ରାମର ବିକାଶ ହେବ, ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଏବଂ ଆମେ ସଂକଳ୍ପ ନେଇଛୁ ଓଡ଼ିଶାକୁ ଶ୍ରେଷ୍ଠ କରିବୁ ବୋଲି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଓ ଆଦିବାସୀଙ୍କ ସେବା ହିଁ ପ୍ରଭୁ ଜଗନ୍ନାଥଙ୍କ ସେବା ଓ ଓଡ଼ିଶା ସରକାର ସବୁବର୍ଗର ଲୋକଙ୍କ ପାଇଁ ଆଖିଦୃଶିଆ କାର୍ଯ୍ୟ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଓ ଅଗାମୀ ଦିନରେ କୃଷିର ଉନ୍ନତି ପାଇଁ ସମସ୍ତ ପ୍ରୟୋଗ ରାୟଗଡା ଜିଲ୍ଲାରେ ହେବ ଯାହା ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବ ଓ ଏ ଆଇ ଏଫ ଯୋଜନାରେ ନୂତନ ଗୋଦାମ ନିର୍ମାଣ ହେବ ବୋଲି ଶ୍ରୀ ଚୌହାନ କହିଥିଲେ । ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ର ସ୍ୱୀକୃତିପତ୍ର ହସ୍ତାନ୍ତର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇ ସଡ଼କ, ଆବାସଗୃହ ଓ ପାନୀୟ ଜଳ ପ୍ରକଳ୍ପର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ,



ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ଶାହଙ୍କ ବିରୋଧରେ ମମତା ବାନାର୍ଜୀଙ୍କ ମାମଲା !

ନୂଆଦିଲ୍ଲୀ, ୦୨/୦୫: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପୂର୍ବରୁ ରାଜନୈତିକ ଉତ୍ତେଜନା ବୃଦ୍ଧି କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର କହିଛନ୍ତି ଯେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ହିଂସାତ୍ମକ ମନ୍ତବ୍ୟ ପାଇଁ "ଆଇନଗତ ମାମଲା" ରୁଜୁ କରିବାକୁ ଯାଉଛନ୍ତି। ହୁଗୁଳିରେ ଏକ ସମାବେଶକୁ ସମ୍ବୋଧିତ କରି ମମତା କହିଛନ୍ତି, ଆମେ ଅମିତ ଶାହଙ୍କ ହିଂସାତ୍ମକ ମନ୍ତବ୍ୟ ପାଇଁ ଏକ ଆଇନଗତ ମାମଲା ରୁଜୁ କରିବାକୁ ଯାଉଛୁ। ଗୃହମନ୍ତ୍ରୀ ଭାବରେ ସେ ଏପରି ମନ୍ତବ୍ୟ ଦେଇପାରିବେ ନାହିଁ। ଶୁକ୍ରବାର ନିର୍ବାଚନ ପରେ ଟିଏମସି କର୍ମୀମାନଙ୍କ ହିଂସାତ୍ମକ ଆଚରଣ ଉପରେ, ଓଲଟା ଫାଶି ଦିଅ ଚେତାବନୀକୁ ବାନାର୍ଜୀ ଟାର୍ଗେଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଜେପିର ବଳପୂର୍ବକ ଆଭିମୁଖ୍ୟ ବଙ୍ଗର ଭୋଟରଙ୍କ ଉପରେ ପ୍ରଭାବ ପକାଇବା ନାହିଁ। ମମତା କହିଛନ୍ତି ଯେ, ଜଣେ ଗୃହମନ୍ତ୍ରୀ କି ପ୍ରକାରର ଭାଷା ବ୍ୟବହାର କରୁଛନ୍ତି ? ନିର୍ବାଚନ ପରେ ଆପଣ ଲୋକଙ୍କୁ ଓଲଟା ଫାଶି ଦେବେ ବୋଲି କହିବା ଗ୍ରହଣୀୟ ନୁହେଁ। ଏହି ମାନସିକତା ସହିତ, ତୁମେ କେବେବି ବଙ୍ଗ ଜିତିପାରିବ ନାହିଁ, କେବେବି ନୁହେଁ ! ବୋଲି ସେ କହିଛନ୍ତି।

# ଦ୍ୱନ୍ଦ୍ୱରେ ବିଜେଡି-କଂଗ୍ରେସ : ନିଲମ୍ବିତ ବିଧାୟକଙ୍କ ଉପରେ ନିଷ୍ପତ୍ତି ହୋଇପାରୁନି

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ମାନିଲେନି ୧୧ ବିଧାୟକ। ବିଜେଡିର ୮ ଜଣ, କଂଗ୍ରେସର ୩ ଜଣ। ଦଳର ନିଷ୍ପତ୍ତି ଅମାନ୍ୟ କଲେ ସଭ୍ୟ ପଦ ରଦ୍ଦ ହେବ ବୋଲି ଉଭୟ ଦଳ ଆଗୁଆ ସତର୍କବାଣୀ ଦେଇଥିଲେ। ତାହା ସତ୍ତ୍ୱେ ୧୧ ବିଧାୟକ ନିଜ ଇଚ୍ଛାରେ ନିଷ୍ପତ୍ତି ନେଲେ। ଏବେ ସେମାନଙ୍କ ବିରୋଧରେ ଉଭୟ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏହି ବାଟଟି ଏତେ ସହଜ ହେଉନି। ବାଚସ୍ପତିଙ୍କୁ କଂଗ୍ରେସ ମାସକ ତଳେ ଦାବିପତ୍ର ଦେଇଥିଲା ବେଳେ ଏବେ ବିଜେଡିର ମନେ ପଡ଼ିଛି। କିନ୍ତୁ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ଉଭୟ ଦଳର ପରବର୍ତ୍ତୀ ପଦକ୍ଷେପ ନିର୍ଭର କରୁଛି।

ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ୧୧ ବିଧାୟକ ଦଳର ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିଲେ। ସେମାନେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଭୋଟ ନ ଦେଇ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇଥିଲେ। ଫଳରେ ଶ୍ରୀ ରାୟ ବିଜୟୀ ହୋଇଥିଲେ। ଏହାକୁ ନେଇ ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିଲା। ବିଜେଡି ଓ କଂଗ୍ରେସର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଥିଲା। ନିର୍ବାଚନର ଦୁଇ ଦିନ ପରେ ଅର୍ଥାତ ୧୮ ତାରିଖରେ କଂଗ୍ରେସ ପକ୍ଷରୁ




ବାଚସ୍ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଦୁଇ ଜଣ ବିଧାୟକ ସୋଫିଆ ଫିରଦୋସ ଓ ଦାଶରଥି ଗମାଙ୍ଗୋଙ୍କ ସଭ୍ୟ ପଦ ରଦ୍ଦ ପାଇଁ କୁହାଯାଇଥିଲା। ସେମାନେ ଦଳୀୟ ଶୃଙ୍ଖଳାକୁ ଅବମାନନା କରିବା ସହ ସାମ୍ବିଧାନିକ ନିୟମର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁସାରେ ତାଙ୍କ ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ଏଥିରେ ଦର୍ଶାଯାଇଥିଲା। ୨୩ ତାରିଖରେ ବିଧାୟକ ରମେଶ ଜେନାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ପୁନର୍ବାର ଦାବିପତ୍ର ଦିଆଯାଇଥିଲା।

ବିଜେଡି ପକ୍ଷରୁ ଗତ ବିଧାନସଭା ଅଧିବେଶନ ସମୟରେ ସଭ୍ୟ ପଦ ରଦ୍ଦ ପାଇଁ କୌଣସି ଦାବିପତ୍ର ପ୍ରଦାନ କରାଯାଇ ନଥିଲା। ତେବେ ମାର୍ଚ୍ଚ ୧୭ ତାରିଖରେ ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେମାନେ ହେଲେ ସୁବାସିନୀ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ନବକିଶୋର ମଲ୍ଲିକ, ରମାକାନ୍ତ ଭୋଇ, ସୌଭିକ ବିଶ୍ୱାଳ ଓ ଚକ୍ରମଣି କଅଁର। ଦଳୀୟ ନିଷ୍ପତ୍ତି ଅମାନ୍ୟ କରି ବିଜେଡିର ସଦସ୍ୟତାକୁ ସ୍ୱେଚ୍ଛାକୃତ ଭାବେ ଛାଡୁଛନ୍ତି ବୋଲି ଧରିନେବାକୁ ହେବ ବୋଲି ନୋଟିସ୍‌ରେ କୁହାଯାଇଥିଲା। ୨୦ ତାରିଖରେ ଏହି ଛଅ ବିଧାୟକ ନୋଟିସ୍‌ର ଉତ୍ତର ରଖିଥିଲେ। ଏହି ନୋଟିସକୁ ବେଆଇନ ଓ ଭିତ୍ତିହୀନ ବୋଲି ଆରୋପ ଲଗାଇବା ସହ ନୋଟିସ୍ ପ୍ରତ୍ୟାହାର ନକଲେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ। ୨୧ ତାରିଖରେ ବିଜେଡି ଏହି ଛଅ ଜଣଙ୍କୁ ନିଲମ୍ବିତ କରିଥିଲା। ରାଜ୍ୟସଭା ନିର୍ବାଚନର ଯଥେଷ୍ଟ ପୂର୍ବରୁ ଭିନ୍ନ କାରଣ ପାଇଁ ଦୁଇ ଜଣ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ନିଲମ୍ବିତ ହୋଇଥିଲେ। କିନ୍ତୁ ବିଜେଡି ପକ୍ଷରୁ ସେମାନଙ୍କ ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତିଙ୍କୁ ଲିଖିତ ଭାବେ ଦିଆଯାଇ ନଥିଲା। ପ୍ରଚଳିତ ନିୟମ ଅନୁଯାୟୀ ନିର୍ବାଚନର ୪୫ ଦିନ ଭିତରେ ବାଚସ୍ପତିଙ୍କୁ ଲିଖିତ ଦାବିପତ୍ର ଦେବା କଥା। ସେହି ଅନୁଯାୟୀ ୪୨ ଦିନ ହୋଇଗଲାଣି।

ଆସନ୍ତାକାଲି ବିଜେଡିର ସବୁ ବିଧାୟକ ମିଳିତ ଭାବେ ଯାଇ ବିଧାନସଭା ପରିସରରେ ବାଚସ୍ପତିଙ୍କୁ ଭେଟି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଦାବିପତ୍ର ପ୍ରଦାନ କରିବେ। ଏଥି ପାଇଁ ସବୁ ବିଧାୟକଙ୍କୁ ୧୧ଟା ପୂର୍ବରୁ ଶଙ୍ଖ ଭବନରେ ପହଞ୍ଚିବାକୁ କୁହାଯାଇଛି। ସେଠାରୁ ସେମାନେ ଏକାଠି ହୋଇ ବିଧାନସଭା ଅଭିମୁଖେ ଯିବେ। କିନ୍ତୁ ଦାବିପତ୍ର ପ୍ରଦାନ କରିବାକୁ ହଠାତ୍ ସବୁ ବିଧାୟକଙ୍କୁ କାହିଁକି ଡକରା ପଡ଼ିଲା, ତାହା ରହସ୍ୟଜନକ ହୋଇପଡ଼ିଛି।

ଶରତ ଯାଦବଙ୍କ ରାଜ୍ୟସଭା ସଦସ୍ୟତା ରଦ୍ଦର ଉଦାହରଣ ଦେଇ ବିଜେଡି ଓ କଂଗ୍ରେସ ଅମାନିଆ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କୋର୍ଟକୁ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ବାଚସ୍ପତି ଉଭୟ ଦଳର ଦାବିକୁ ଅଗ୍ରାହ୍ୟ କଲେ ହିଁ ସେମାନେ କୋର୍ଟକୁ ଯିବେ। ବାଚସ୍ପତି କେବେ ସୁଦ୍ଧା ନିଷ୍ପତ୍ତି ନେବେ, ତାହାର ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ବାଚସ୍ପତି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଉଭୟ ପକ୍ଷରୁ ଶୁଣିବେ। ତେଣୁ ଏହା ସମୟସାପେକ୍ଷ। ଏ ପର୍ଯ୍ୟନ୍ତ କଂଗ୍ରେସର ଦାବିପତ୍ର ଉପରେ ନିଷ୍ପତ୍ତି ନିଆଯାଇ ନାହିଁ। ଯଦି ବାଚସ୍ପତି ବିଳମ୍ବ କରନ୍ତି, ତେବେ ପରବର୍ତ୍ତୀ ଆଇନଗତ ପଦକ୍ଷେପ କ'ଣ ହୋଇପାରିବ, ତାହା ଉପରେ ବି ଦୁଇ ଦଳ ତର୍ଜମା କରୁଛନ୍ତି।

## ଭକ୍ତ ଦାସଙ୍କ ଉପରେ ବର୍ଷିଲେ କଂଗ୍ରେସ କର୍ପୋରେଟର

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଉପରେ ମଙ୍ଗଳବାର ଖୁବ୍ ବର୍ଷିଛନ୍ତି ପ୍ରଦେଶ ମହିଳା କଂଗ୍ରେସର ଉପସଭାପତି ତଥା କଟକ ମହାନଗର ନିଗମର ୪୧ ନମ୍ବର ୱାର୍ଡର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଉପରେ ମଙ୍ଗଳବାର ଖୁବ୍ ବର୍ଷିଛନ୍ତି ପ୍ରଦେଶ ମହିଳା କଂଗ୍ରେସର ଉପସଭାପତି ତଥା କଟକ ମହାନଗର ନିଗମର ୪୧ ନମ୍ବର ୱାର୍ଡର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ। ଭକ୍ତ ଦାସଙ୍କ ପାଇଁ ରାଜ୍ୟରେ ଦଳ ଆହୁରି ତଳକୁ ଯାଉଥିବା ସେ କହିଥିବା ବେଳେ ସିଜିମାଳି ପ୍ରସଙ୍ଗରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ସ୍ୱର୍ଣ୍ଣପ୍ରଭା ପଶାୟତ କହିଛନ୍ତି, ପ୍ରଦେଶ କଂଗ୍ରେସ କମିଟି ଠିକ୍ ଢଙ୍ଗରେ ପରିଚାଳିତ ହେଉନି। କଂଗ୍ରେସ ଦଳ ଯେଉଁ ଭଳି ଭାବେ କାମ କରିବା କଥା, ତାହା କରୁ ନାହିଁ। ଏବେ ବହୁ ଯୁବ ଓ ବରିଷ୍ଠ ନେତା ଦଳରୁ ବହିଷ୍କୃତ ହେଉଛନ୍ତି। ଆଉ କେତେକ ନେତା ଦଳ ଛାଡୁଛନ୍ତି। ସେହିଭଳି ଆଉ କେତେ ନେତା ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି। ଫଳରେ ଦଳଟି ଦୁର୍ବଳ ହେବାକୁ ଯାଉଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଜିଦଖୋର ମନୋବୃତି ଓ ଅହଙ୍କାର ଯୋଗୁ ଏହା ଘଟୁଛି। ସେ କହିଛନ୍ତି, ସେ (ଭକ୍ତ ଚରଣ ଦାସ) ବହୁତ ମଧୁର କଥା କହନ୍ତି। କିନ୍ତୁ କେବଳ ମଧୁର କଥା କହିଲେ କଂଗ୍ରେସ ଦଳ ସଂଗଠିତ ହୋଇପାରିବ ବୋଲି ସେ ଚିନ୍ତା କରୁଛନ୍ତି କି ? ଦଳକୁ ସଂଗଠିତ କରିବା ପାଇଁ ହେଲେ ସେମିତି କାର୍ଯ୍ୟକ୍ରମ କରିବା ଦରକାର। ସମସ୍ତଙ୍କୁ ଏକଜୁଟ କରିବା ଦରକାର। କିନ୍ତୁ ତାହା ନ କରି ଯିଏ ଘର ସଜାଡ଼ିବାକୁ ଆଗେଇ ଆସୁଛନ୍ତି, ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉଛି ନହେଲେ ବହିଷ୍କାର କରାଯାଉଛି। ଏସବୁ କ'ଣ ଚାଲିଛି ? ଜଣେ ଅଣ କଂଗ୍ରେସ ଚିନ୍ତାଧାରାରୁ ଆସିଥିବା ଲୋକ କଂଗ୍ରେସରେ ସ୍ଥାନ ପାଇବା ଉଚିତ୍ ନୁହେଁ। ସ୍ୱର୍ଣ୍ଣପ୍ରଭା ପଶାୟତ କହିଛନ୍ତି, ଆମେ କଟକରୁ ୮ ଜଣ କଂଗ୍ରେସ ନେତା କର୍ପୋରେଟର ଭାବେ ନିର୍ବାଚିତ ହୋଇଛୁ। ଆମେ କଟକର ସମସ୍ତ ସମସ୍ୟା ସହିତ ଜଡ଼ିତ। ୮ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ କଂଗ୍ରେସ ଭବନକୁ ଡାକି ବିଭିନ୍ନ କାର୍ଯ୍ୟକ୍ରମରେ ସେ (ଭକ୍ତ ଚରଣ ଦାସ) ସାମିଲ କରୁଛନ୍ତି। କିନ୍ତୁ ଆଉ ୪ ଜଣଙ୍କୁ କେବେ ଡାକୁ ନାହାନ୍ତି। ସେହି ୪ ଜଣଙ୍କ ମଧ୍ୟରେ ମୁଁ ଅଛି। ସେ ଆମ ଭିତରେ ଫାଟ ସୃଷ୍ଟି କରୁଛନ୍ତି। ସେ ଆମ ଭିତରେ ଲଢ଼େଇ ହେଉ ବୋଲି ସେ ଚାହୁଁଛନ୍ତି। ଖାଲି ଅପେକ୍ଷା କରିଛନ୍ତି, ଆମେ ୪ ଜଣ କେତେବେଳେ କିଛି ଭୁଲ୍ କରିବୁ ଓ ସେ ଆମକୁ ବହିଷ୍କୃତ କରିବେ। ଆମକୁ ଅଣନିଃଶ୍ୱାସୀ ଲାଗିଲାଣି। ଆମର କାମ କରିବାକୁ ଇଚ୍ଛା ଅଛି। କିନ୍ତୁ ଆମକୁ ଲୋଡ଼ାଯାଉନି। ଦଳ ଛାଡ଼ିବା ପାଇଁ କେହି ନିଷ୍ପତ୍ତି ନିଅନ୍ତି ନାହିଁ। ଯେତେବେଳେ ଜଣେ ଦଳରେ ଅଣଦେଖା ହୁଏ, ତାଙ୍କୁ କୋଣଠେସା କରାଯାଏ, ସେ ଅଣନିଃଶ୍ୱାସୀ ହୋଇ ଦଳ ଛାଡ଼ନ୍ତି। ସେ ଆହୁରି କହିଛନ୍ତି ଯେ ସିଜିମାଳି ଘଟଣାରେ କେଉଁଠି ନା କେଉଁଠି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ସମର୍ଥନ ରହିଛି। ସରକାର ପୁଲିସ ଲଗାଇ ଗରିବ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରୁଥିବା ବେଳେ ଭକ୍ତ ଦାସ କେଉଁଠି ଥିଲେ ? କାହିଁକି ସେ ସେହି ଲୋକଙ୍କ ପାଖରେ ପହଞ୍ଚିଲେ ନାହିଁ ? ସେ କୁଆଡ଼େ ଆଦିବାସୀଙ୍କ ନେତା ଥିଲେ। ଲୋକଙ୍କ ସହିତ କାହିଁକି ସେ ରହୁ ନାହାନ୍ତି। ରାହୁଲ ଗାନ୍ଧୀ ବେଦାନ୍ତକୁ ବିରୋଧ କରୁଥିବେ ବେଳେ ଭକ୍ତ ଦାସ କାହିଁକି ସମର୍ଥନ କରୁଛନ୍ତି ? କାହିଁକି ନା ସେ ସେଠାରୁ ମୋଟ ଅଙ୍କର ପଇସା ପାଉଛନ୍ତି। ଏଭଳି ମୁଖ୍ୟଙ୍କୁ ଯଦି ଆମେ ସମସ୍ତେ ଘଣ୍ଟି ଘୋଡ଼ାଇ ରଖିବା, ତା'ହେଲେ ଦିନେ ନା ଦିନେ ତାହା ସଂପୂର୍ଣ୍ଣ ଭାବେ ଭୁଶୁଡ଼ି ଯିବ।

# ଗୁଣ୍ଡା ଓ ବଳାତ୍କାରୀଙ୍କୁ ଖୋଜିବ ବିଜେପି : ମୋଦୀ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଆଉ କିଛି ଦିନ ବାକି ଥିବା ବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତୃଣମୂଳ କଂଗ୍ରେସ (ଟିଏମସି) ସରକାରଙ୍କ ଉପରେ ଏକ କଡ଼ା ଆକ୍ରମଣ କରିଛନ୍ତି। ଟିଏମସି ରାଜ୍ୟର ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକ କରୁଥିବା ଅଭିଯୋଗ କରି ବିଜେପି କ୍ଷମତାକୁ ଆସିଲେ ଗୁଣ୍ଡା ଏବଂ ବଳାତ୍କାରୀଙ୍କୁ ଖୋଜି ବାହାର କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମମତାଙ୍କ ଗଡ଼ ରୂପେ ପରିଚିତ ଉତ୍ତର ୨୪ ପ୍ରଗଣାରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ମୋଦୀ ମମତା ସରକାରଙ୍କ କାର୍ଯ୍ୟକାଳକୁ ଜଙ୍ଗଲ ରାଜ ବୋଲି କହିଛନ୍ତି ଏବଂ ମହିଳା ସଶକ୍ତିକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମୋଦୀ କହିଛନ୍ତି, ବଙ୍ଗର ମହିଳାମାନେ ଟିଏମସିର ଜଙ୍ଗଲ ରାଜର ପ୍ରାଥମିକ ଶିକାର। ସେମାନଙ୍କ ଉପରେ ସବୁଠାରୁ ବଡ଼ ବିଶ୍ୱାସଘାତକତା କରାଯାଇଛି। ସନ୍ଦେଶଖାଲିରେ ଆମର ଭଉଣୀମାନଙ୍କ ଉପରେ ଅତ୍ୟାଚାର କରାଯାଇଛି। ମହିଳାମାନଙ୍କୁ ବାକ୍ ନିର୍ଯାତନାର ଶିକାର କରାଯାଇଥିଲା। ଟିଏମସିର ଜଙ୍ଗଲ ରାଜ ଅଧୀନରେ, ଯୁବତୀମାନେ ନିଖୋଜ ହେଉଛନ୍ତି। ମେ ୪ ପରେ, ବିଜେପି ସରକାର ପ୍ରତ୍ୟେକ ଗୁଣ୍ଡା ଏବଂ ବଳାତ୍କାରୀଙ୍କୁ ଖୋଜି ସେମାନଙ୍କୁ ଦଣ୍ଡ ଦେବ। ବିଜେପି ମହିଳାଙ୍କୁ ସୁରକ୍ଷା ଏବଂ ସୁଯୋଗ ଉଭୟ ପ୍ରଦାନ କରିବ ବୋଲି ସେ କହିଛନ୍ତି। ମହିଳାଙ୍କୁ ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗରେ ବିଜେପି ସରକାର ଆସିଲେ ମହିଳାଙ୍କ ଆକାଉଣ୍ଟରେ ବାର୍ଷିକ ୩୬,୦୦୦ ଟଙ୍କା ଜମା କରିବ। ଏହା ବ୍ୟତୀତ ସେ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୦% ରିହାତି ସହ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ମାଗଣାରେ ପରୀକ୍ଷା ଏବଂ ଟୀକା ଘୋଷଣା କରିଛନ୍ତି। ଗର୍ଭାବସ୍ଥାରେ ୨୧,୦୦୦ ଟଙ୍କା ଏବଂ ଝିଅମାନଙ୍କୁ ସ୍ନାତକ ପାଇଁ ୫୦,୦୦୦ ଟଙ୍କା ଘୋଷଣା କରିଛନ୍ତି।

## ଇଣ୍ଡି ମେଣ୍ଟକୁ ବିଦାୟ : ରାଘବ ଚଢ଼ାଙ୍କ ସମେତ ବିଦ୍ରୋହୀ ଆପ୍ ସାଂସଦଙ୍କୁ ରାଜ୍ୟସଭା ମାନ୍ୟତା ପରେ ସରକାରଙ୍କ ପ୍ରଥମ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୦୨/୦୫ : ରାଜ୍ୟସଭା ରାଘବ ଚଢାଙ୍କ ସମେତ ସାତ ଜଣ ବିଦ୍ରୋହୀ ଆମ୍ ଆଦମୀ ପାର୍ଟି ସାଂସଦଙ୍କ ବିଜେପିରେ ଯୋଗଦାନକୁ ଅନୁମୋଦନ କରିଛନ୍ତି। ରାଜ୍ୟସଭା ସଚିବାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପ୍ରତିକ୍ରିୟା ଆସିଛି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ରାଜ୍ୟସଭା ଅଧକ୍ଷ ସି.ପି. ରାଧାକୃଷ୍ଣନ ଆମ୍ ଆଦମୀ ପାର୍ଟିର ସାତ ଜଣ ସାଂସଦଙ୍କ ବିଜେପିରେ ମିଶ୍ରଣକୁ ଗ୍ରହଣ କରିଛନ୍ତି। ବର୍ତ୍ତମାନ, ରାଘବ ଚଢା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂହ, ସ୍ୱାତୀ ମାଲିୱାଲ, ରାଜିନ୍ଦର ଗୁପ୍ତା ଏବଂ ବିକ୍ରମଜିତ ସିଂହ ସାହାନୀ ବିଜେପି



ସଂସଦୀୟ ଦଳର ସଦସ୍ୟ। ଆମ୍ ଆଦମୀ ପାର୍ଟିର ବିଦ୍ରୋହୀ ସାଂସଦମାନଙ୍କୁ ପ୍ରଶଂସା କରି ରିଜିଜୁ କହିଛନ୍ତି, ମୁଁ ବହୁ ଦିନ ଧରି ଦେଖିଛି ଯେ, ଏହି ସାତ ଜଣ ସାଂସଦ କେବେ ଅପମାନଜନକ ଭାଷା ବ୍ୟବହାର କରିନାହାନ୍ତି, କିମ୍ବା ସେମାନେ କେବେ ଅନୁଶାସନହୀନତା କିମ୍ବା ଅଣସଂସଦୀୟ ଆଚରଣରେ ଲିପ୍ତ ହୋଇନାହାନ୍ତି। ଏହି ସାଂସଦମାନଙ୍କୁ ସ୍ୱାଗତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧୀନରେ ରାଷ୍ଟ୍ର ନିର୍ମାଣକାରୀ ଏନଡିଏକୁ ସ୍ୱାଗତ। ଟୁକୁଡ଼ା ଟୁକୁଡ଼ା ଇଣ୍ଡି ମେଣ୍ଟକୁ ବିଦାୟ।

## ଜଗନ୍ନାଥ ଧାମକୁ ନେଇ ବିବାଦୀୟ ବୟାନ ଦେଲେ ମମତା

ନୂଆଦିଲ୍ଲୀ, ୦୨/୦୫: ପଶ୍ଚିମବଙ୍ଗ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ତାରିଖ ପାଖେଇ ଆସୁଛି। ଏହାରି ଭିତରେ ଉଭୟ ଶାସକ ଟିଏମସି ଓ ବିରୋଧୀ ବିଜେପି ନିଜ ନିଜର ପ୍ରଚାର ଜୋରଦାର କରି ଦେଇଛନ୍ତି। କିନ୍ତୁ ଏହାରି ଭିତରେ ପୁଣି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ନିର୍ବାଚନମଣ୍ଡଳୀରେ ରବିବାର ନିଜର ପ୍ରଚାର କରିଛନ୍ତି। ପ୍ରଚାରରେ ସେ ବିଜେପିକୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ କରିଛନ୍ତି। କିନ୍ତୁ ଏହାରି ଭିତରେ ଜଗନ୍ନାଥ ଧାମକୁ ନେଇ ଏକ ବିବାଦୀୟ ବତବ୍ୟ ଦେଇଛନ୍ତି ମମତା। ଦିଘାରେ ନିର୍ମିତ ଜଗନ୍ନାଥଙ୍କ ମନ୍ଦିରକୁ ମମତା ଜଗନ୍ନାଥ ଧାମ ଘୋଷଣା କରିବା ପରେ ମମତା ସେ ସମୟରେ ବିବାଦୀୟ ହୋଇ ପଡ଼ିଥିଲେ। ଆଜି ପ୍ରଚାର ସମୟରେ ପୁଣି ଏହି ଭୁଲ ଦୋହରାଇଛନ୍ତି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ମମତା ପ୍ରଚାର ସମୟରେ କହିଛନ୍ତି ଯେ, ଆମେ ଅନେକ ମନ୍ଦିର ନିର୍ମାଣ କରିଛୁ। ଆମେ ମସଜିଦ ନିର୍ମାଣ କରିପାରିବା ନାହିଁ, କିନ୍ତୁ ଆମେ କବରସ୍ଥାନ ତିଆରି କରିଛୁ। ଆମର ଜୈନ ସମ୍ପ୍ରଦାୟ ପାଇଁ ଏକ ବଡ଼ ମନ୍ଦିର ନିର୍ମାଣ କରାଯାଉଛି। ସେଣ୍ଟ ଜାଭିୟର୍ସ କଲେଜ, ଭତ୍ୱାରୀପୁର ଶିକ୍ଷା ସମାଜ କଲେଜ ନିର୍ମାଣ କରିଛୁ। ଏକ ବିଶ୍ୱବିଦ୍ୟାଳୟ ମଧ୍ୟ କରିଛୁ ଏବଂ ଏଥିପାଇଁ ଜମି ମଧ୍ୟ ଦେଇଛୁ। ଆମେ ଏକ ଇସ୍କନ ମନ୍ଦିର, ଏକ ଜଗନ୍ନାଥ ଧାମ ଏବଂ ଏକ ଇସଲାମିଆ ହସ୍ପିଟାଲ ସ୍ଥାପନ କରିଛୁ। ଯାହା ଦେଶରେ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ କୁଠାରଘାତ ପହଞ୍ଚାଇଛି।

## ନୂଆପଡ଼ାରେ ଉପ-ନିର୍ବାଚନ ସଫଳ ପରିଚାଳନା ପାଇଁ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା



ନୂଆପଡ଼ା, ୦୨/୦୫ (ଜେଏନ୍ଏସ୍) : ନୂଆପଡ଼ା ବିଧାନସଭା ମଣ୍ଡଳୀ-୭୧ ଉପ-ନିର୍ବାଚନ-୨୦୨୫କୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିଥିବା ଅଧିକାରୀମାନଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ନିର୍ବାଚନ ପରିଚାଳନାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ନିଷ୍ଠା, ଦଳଗତ ସମନ୍ୱୟ ଓ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସମ୍ପନ୍ନ କରିବାରେ ସେମାନଙ୍କ ଅବଦାନ ଜିଲ୍ଲା ପ୍ରଶାସନକୁ ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରେଷ୍ଠ ନିର୍ବାଚନ ପୁରସ୍କାର ଦେଇଥିବା ସେ କହିଥିଲେ। ଜିଲ୍ଲାପାଳ କହିଥିଲେ ଯେ ପ୍ରଶାସନର ମୂଳ ଆଧାର ହେଉଛି ଗତିଶୀଳତା ଓ ସମ୍ବେଦନଶୀଳତା। କଷ୍ଟସାଧ୍ୟ ପରିସ୍ଥିତି ସତ୍ତ୍ୱେ ଶାନ୍ତିଶୃଙ୍ଖଳା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବାରେ ସମସ୍ତଙ୍କ ଭୂମିକା ଯୁଗାନ୍ତକାରୀ ଥିଲା। ଆଗାମୀ ଦିନରେ ମଧ୍ୟ ଏହି ଉତ୍ସାହ ଓ କର୍ତ୍ତବ୍ୟନିଷ୍ଠାକୁ ଅବ୍ୟାହତ ରଖିବାକୁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ-ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମନିଧି ଭୋଇ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଏସ୍.କେ. ନସିମଙ୍କ ସହ ଜିଲ୍ଲା ସ୍ତରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ନିର୍ବାଚନ ପରିଚାଳନାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲ୍ଲା ପ୍ରଶାସନ ଜାତୀୟ ସ୍ତରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କୃତ ହେବା ସହ ରାଜ୍ୟ ସ୍ତରରେ ମଧ୍ୟ ସମ୍ମାନିତ ହୋଇଛି।

# ବ୍ୟାପକ ଦଳବଦଳ ଯୋଗୁଁ ତାସ୍ ଘର ଭଳି ଭୁଶୁଡ଼ି ପଡ଼ିଥିଲା ୪୫ଟି ସରକାର

ନୂଆଦିଲ୍ଲୀ, ୦୨/୦୫ : ରାଘବ ଚଢ଼ାଙ୍କ ବିଦ୍ରୋହ ଆମ୍ ଆଦମୀ ପାର୍ଟିକୁ ଦୋହଲାଇ ଦେଇଥିବା ବେଳେ ଏଥିରେ ବିଜେପିକୁ ବଡ଼ ଫାଇଦା ମିଳିଛି। ନିର୍ବାଚିତ ପ୍ରତିନିଧିଙ୍କ ଦଳ ପରିବର୍ତ୍ତନ ପୁଣି ଥରେ ୬୦ ଦଶନ୍ଧିର ଶେଷ ଭାଗର ସେହି ଘଟଣାକୁ ଚର୍ଚ୍ଚାକୁ ଆଣିଛି, ଯେତେବେଳେ ଦଳବଦଳ ଯୋଗୁଁ ମାତ୍ର ୪ ବର୍ଷରେ ୪୫ଟି ନିର୍ବାଚିତ ସରକାର ଭାଙ୍ଗି ଯାଇଥିଲା ଓ ଭାରତରେ ଦଳ ବଦଳ ବିରୋଧୀ ଆଇନ ଅଣାଯିବାର ଆବଶ୍ୟକତା ଅନୁଭବ କରାଯାଇଥିଲା। ଏହି ଘଟଣାକୁ ନେଇ ଭୋଟରମାନେ ସେତେବେଳେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଥିଲେ। ୧୯୬୭ ରୁ ୧୯୭୧ ମସିହାର ସେହି ସମୟକୁ ଭାରତୀୟ ରାଜନୀତିରେ 'ଅସ୍ଥିରତାର ଯୁଗ' କୁହାଯାଏ। ଏହି ସମୟ ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସର ପ୍ରାଧାନ୍ୟର ଅନ୍ତ ଘଟାଇବା ସହିତ ଦେଶରେ ମେଣ୍ଟ ସରକାର ସହିତ ପରୀକ୍ଷଣ ଆରମ୍ଭ ହୋଇଥିଲା। ଏହି ସମୟରେ ସମ୍ବିଧାନର ୩୫୬ ଧାରା ବ୍ୟବହାର କରି ୧୬ ଥର ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ୧୮୦୦ ବିଧାୟକ ଦଳବଦଳ କରିଥିଲେ, ସେମାନଙ୍କ ମଧ୍ୟରୁ ପାଖାପାଖି ୧୧୫ ଜଣଙ୍କୁ ମନ୍ତ୍ରିପଦ ମିଳିଥିଲା। ଭାରତୀୟ ରାଜନୀତିରେ 'ଆୟା ରାମ୍ ଗୟା ରାମ୍' ଶବ୍ଦ ସେବେଠାରୁ ବ୍ୟବହାର



ହୋଇଥିଲା। ୧୯୬୭ ମସିହାରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ମାଡ୍ରାସ (ବର୍ତ୍ତମାନର ତାମିଲନାଡୁ), କେରଳ, ରାଜସ୍ଥାନ ଓ ପଞ୍ଜାବରେ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା।

ମାଡ୍ରାସରେ ଡିଏମକେ ବହୁମତ ହାସଲ କରିଥିବା ବେଳେ, ଅଣ-କଂଗ୍ରେସ ଦଳଗୁଡ଼ିକର ଏକ ମେଣ୍ଟ, ସଂଯୁକ୍ତ ବିଧାୟକ ଦଳର ସରକାର ଅନ୍ୟ ରାଜ୍ୟଗୁଡ଼ିକରେ ଗଠିତ ହୋଇଥିଲା। ଆଦର୍ଶଗତ ଭାବରେ ଭିନ୍ନ, ଏହି ମେଣ୍ଟଗୁଡ଼ିକ ଆଭ୍ୟନ୍ତରୀଣ ବିରୋଧାଭାସରେ ପରିପୂର୍ଣ୍ଣ ଥିଲା, ଯାହା ଦକ୍ଷିଣପନ୍ଥୀ ଭାରତୀୟ ଜନସଂଘ ଏବଂ କମ୍ୟୁନିଷ୍ଟ ଦଳଗୁଡ଼ିକ ପରି ଭିନ୍ନ ସତ୍ୱଗୁଡ଼ିକୁ ଏକତ୍ର କରିଥିଲା। କୌଣସି ଆଦର୍ଶଗତ ସମନ୍ୱୟ ନଥିବାରୁ, ଏହି ଅସଙ୍ଗତ ମେଣ୍ଟ ଦଳତ୍ୟାଗ ପାଇଁ ପ୍ରକୃଷ୍ଟ ସୁଯୋଗ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀ ହେବାର ମହତ୍ୱାକାଂକ୍ଷା ଦ୍ୱାରା ପ୍ରଭାବିତ ଅନେକ ପ୍ରଭାବଶାଳୀ କଂଗ୍ରେସ ନେତା ନିଜ ଦଳକୁ ବିଭାଜିତ କରିବାକୁ ପଛାଇ ନଥିଲେ। କେନ୍ଦ୍ରରେ ଶାସନ କରୁଥିବା କଂଗ୍ରେସ ମଧ୍ୟ ରାଜ୍ୟପାଳଙ୍କ ମାଧ୍ୟମରେ ବିରୋଧୀ ମେଣ୍ଟ ସରକାରଗୁଡ଼ିକୁ ଅସ୍ଥିର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅନେକ ଥର ଏହା ଧାରା ୩୫୬ ପ୍ରୟୋଗ କରି ରାଷ୍ଟ୍ରପତି ଶାସନ ଲାଗୁ କରିଥିଲା। ଏପରିକି ସରକାରଗୁଡ଼ିକୁ ଗୃହରେ ସେମାନଙ୍କର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ସୁଯୋଗ ମଧ୍ୟ ଦେଇନଥିଲା।

ଉତ୍ତର ଭାରତରେ ବ୍ୟାପକ ରାଜନୈତିକ ପରିବର୍ତ୍ତନ ଘଟିଥିଲା। କେବଳ ହରିୟାଣା, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର ଓ ପଞ୍ଜାବରେ ୩୦ ରୁ ଅଧିକ ସରକାର ଗଠନ ଏବଂ ପତନ ଘଟିଥିଲା। ପୂର୍ବ ଏବଂ ଦକ୍ଷିଣ ଭାରତରେ ସମାନ ପ୍ରକାରର ଢାଞ୍ଚା ଦେଖାଯାଇଥିଲା। ଦଳ ବଦଳ ଏତେ ଭୟଙ୍କର ହୋଇଥିଲା ଯେ, ୧୯୬୮ ମସିହାରେ ତତ୍କାଳୀନ କେନ୍ଦ୍ର ଗୃହମନ୍ତ୍ରୀ ୱାଇବି ଚୌହାନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ୧୯୬୭ ନିର୍ବାଚନର ଗୋଟିଏ ବର୍ଷ ମଧ୍ୟରେ ଏହି କମିଟି ଶହ ଶହ ଦଳ ବଦଳ ଘଟଣା ରେକର୍ଡ କରିଥିଲା, ଯାହା ରାଜନୈତିକ ଅସ୍ଥିରତା ଉପରେ ସବୁଠାରୁ ପ୍ରାରମ୍ଭିକ ଏବଂ ସବୁଠାରୁ ପ୍ରାମାଣିକ ସରକାରୀ ଡକ୍ୟୁମେଣ୍ଟ ଭାବରେ ରହିଆସିଛି। ସମ୍ବିଧାନ ବିଶେଷଜ୍ଞ ସୁଭାଷ ସି କଶ୍ୟପ ମଧ୍ୟ ତାଙ୍କ ପୁସ୍ତକ ' ଦ ପଲିଟିକ୍ସ ଅଫ୍ ଡିଫେକ୍ସନ୍: ଏ ଷ୍ଟଡି ଅଫ୍ ଷ୍ଟେଟ୍ ପଲିଟିକ୍ସ ଇନ୍ ଇଣ୍ଡିଆ'ରେ ୧୯୬୭ରେ ଘୋଡ଼ା ବେପାର ଯୋଗୁ ସରକାରଗୁଡ଼ିକ ତାସଘର ଭଳି କିପରି ଭୁଶୁଡ଼ି ପଡୁଥିଲା ସେ ନେଇ ବିଶ୍ଳେଷଣ କରିଛନ୍ତି।

ଏହି ରାଜନୈତିକ ଅସ୍ଥିରତାର ଫାଇଦା ନେଇ ଇନ୍ଦିରା ଗାନ୍ଧୀ ସେତେବେଳେ କେନ୍ଦ୍ରରେ ଦୃଢ଼ ସରକାର ଗଠନ ପାଇଁ ସ୍ଲୋଗାନ ଦେଇ ସଫଳ ହୋଇଥିଲେ। ୧୯୭୧ରେ ଇନ୍ଦିରା ଗାନ୍ଧୀ ବିପୁଳ ଭୋଟ ପାଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲେ। କଂଗ୍ରେସ ଲୋକସଭାରେ ୫୨୧ ଆସନରୁ ୩୫୨ଟି ଆସନ ଜିତିଥିଲା ଓ ଏହି ରଣନୀତି ଦଳ ବଦଳ ଧାରା ଉପରେ ସାମୟିକ ଭାବେ ଅଙ୍କୁଶ ଲଗାଇବାରେ ସଫଳ ହୋଇଥିଲା। ଏହି ସମୟରେ ଚଭନ କମିଟି ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ପରିଷଦର ଆକାର ବିଧାନସଭାର ମୋଟ ଶକ୍ତିର ୧୦-୧୧% ଅତିକ୍ରମ କରିବା ଉଚିତ୍ ନୁହେଁ ବୋଲି ସୁପାରିସ କରାଯାଇଥିଲା। ପରେ ୨୦୦୩ ମସିହାରେ, ୯୧ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହି ସୀମା ୧୫% ରେ ସ୍ଥିର କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ୧୯୮୫ ମସିହାରେ ରାଜୀବ ଗାନ୍ଧୀ ସରକାର ଦଳବଦଳ ବିରୋଧୀ ଆଇନ ଆଣିଥିଲେ। ୫୨ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସମ୍ବିଧାନର ୧୦ମ ଅଧିସୂଚୀରେ ଦଳ ବଦଳ ବିରୋଧୀ ଆଇନ ଆଣିଥିଲେ। ୨୦୦୩ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଏହି ଆଇନକୁ ଆହୁରି ସୁଦୃଢ଼ କରାଯାଇଥିଲା। ଦଶମ ଅନୁସୂଚୀ ଗୋଟିଏ ଦଳକୁ ଅନ୍ୟ ଦଳ ସହିତ ମିଶ୍ରଣ କିମ୍ବା ସେଥିରେ ସାମିଲ ହେବାର ଅନୁମତି ଦିଏ ଯଦି ଏହାର ବିଧାୟକମାନଙ୍କର ଅତି କମରେ ଦୁଇ-ତୃତୀୟାଂଶ ମିଶ୍ରଣ ସପକ୍ଷରେ ଥାଆନ୍ତି।

# ଆମେ ଏକ ଲମ୍ବା ସଂଘର୍ଷ ପାଇଁ ପ୍ରସ୍ତୁତ ଥିଲୁ : ରାଜନାଥ



ନୂଆଦିଲ୍ଲୀ, ୦୨/୦୫ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଏକ ସ୍ପଷ୍ଟ ଏବଂ କଡ଼ା ବାର୍ତ୍ତା ଦେଇଛନ୍ତି ଯେ ଭାରତ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ସହ୍ୟ କରିବ ନାହିଁ। ସେ କହିଛନ୍ତି, ଅପରେସନ ସିନ୍ଦୂରକୁ ବର୍ଷେ ପୂରଣ ହୋଇଛି ଏବଂ ନୂତନ ବିଶ୍ୱ କ୍ରମରେ ଏହା ଭାରତର ପରିବର୍ତ୍ତିତ ନୀତିର ପ୍ରତୀକ ଭାବରେ ଉଭା ହୋଇଛି। ଭାରତ ଆଉ ଏପରି ଏକ ଦେଶ ନୁହେଁ ଯେ, ଆତଙ୍କବାଦୀ ଆକ୍ରମଣ ପରେ କେବଳ କୂଟନୈତିକ ବିବୃତି ଜାରି କରିବ। ଅପରେସନ୍ ସିନ୍ଦୂର ବିଶ୍ୱକୁ ଏକ ସ୍ପଷ୍ଟ ସଙ୍କେତ ଦେଇଛି ଯେ, ଭାରତ ଏହାର ସୁରକ୍ଷା ପ୍ରସଙ୍ଗରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ କରି କହିଛନ୍ତି ଯେ ଆଜି ଯେତେବେଳେ ଭାରତ ବିକାଶର ନୂତନ ମାନଦଣ୍ଡ ସ୍ଥାପନ କରୁଛି ଏବଂ ସାରା ବିଶ୍ୱରେ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ପରିଚୟ ସୃଷ୍ଟି କରିଛି, ପାକିସ୍ତାନ 'ଦ୍ୱିତୀୟ ଆଇଟି' ଅର୍ଥାତ୍ ଅନ୍ତର୍ଜାତୀୟ ଆତଙ୍କବାଦର କେନ୍ଦ୍ର ପାଲଟିଛି। ରାଜନାଥ ସିଂହ କହିଛନ୍ତି, ଅପରରେସନ ସିନ୍ଦୂର ଅପରେସନ୍ ସମୟରେ କେବଳ ଭାରତ ଉପରେ ଆକ୍ରମଣ କରିଥିବା ଶିବିରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା, ଯେତେବେଳେ ପାକିସ୍ତାନ ଭାରତରେ ସାଧାରଣ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ କରିବାର ଘୃଣ୍ୟ କାର୍ଯ୍ୟ କରିଥିଲା। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଅପରେସନ ବନ୍ଦ କରିବା ଭାରତର ରଣନୈତିକ ପସନ୍ଦ ଥିଲା, ଦୁର୍ବଳତାର ପରିଣାମ ନୁହେଁ। ଆବଶ୍ୟକ ହେଲେ ଭାରତ ଏକ ଦୀର୍ଘକାଳୀନ ସଂଘର୍ଷ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ମୁଁ ଏଠାରେ ପୁଣି ଥରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଆମର କ୍ଷମତା କମ୍ ହୋଇଯାଇଥିବାରୁ ଆମେ ସେହି ଅପରେସନକୁ ବନ୍ଦ କରିନାହୁଁ। ଆମେ ଏହାକୁ ସ୍ୱେଚ୍ଛାକୃତ ଭାବରେ, ନିଜସ୍ୱ ସର୍ତ୍ତରେ ବନ୍ଦ କରିଥିଲୁ। ଆବଶ୍ୟକ ହେଲେ, ଆମେ ଏକ ଦୀର୍ଘ ସଂଘର୍ଷ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲୁ। ଆମର ଉତ୍କ୍ଷେପଣ କ୍ଷମତା, ହଠାତ୍ ଆବଶ୍ୟକତା ସମୟରେ ଆମର କ୍ଷମତାକୁ ବିସ୍ତାର କରିବାର କ୍ଷମତା, ପୂର୍ବରୁ ଥିଲା ଏବଂ ଏବେ ବି ଅଛି, ଏବଂ ପୂର୍ବ ଅପେକ୍ଷା ଆହୁରି ସୁଦୃଢ଼ ରହିଛି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ସମୟରେ ଭାରତକୁ ପରମାଣୁ ଆକ୍ରମଣର ଧମକ ମିଳିଥିଲା, କିନ୍ତୁ ଦେଶ ଏହାକୁ ଗମ୍ଭୀରତାର ସହ ନେଇନଥିଲା ଏବଂ ଜାତୀୟ ସ୍ୱାର୍ଥ ଅନୁଯାୟୀ କାର୍ଯ୍ୟ କରିଥିଲା। ଭାରତ ଆଉ ଆତଙ୍କବାଦ ଏବଂ ଏହାକୁ ସମର୍ଥନ କରୁଥିବା ଦେଶ ମଧ୍ୟରେ ପାର୍ଥକ୍ୟ କରିବ ନାହିଁ। ତାଙ୍କ ମନ୍ତବ୍ୟ ପାକିସ୍ତାନକୁ ସ୍ପଷ୍ଟ ଭାବରେ କଡ଼ା ବାର୍ତ୍ତା ଦେଇଛି। ଅପରେସନ ସିନ୍ଦୂର ଭାରତକୁ ଲାଭ ଦେଇଥିଲା। ସେ ଏହା ଦର୍ଶାଇଛନ୍ତି ଯେ, ଅପରେସନ୍ ସିନ୍ଦୂର ପରେ, ବିଶ୍ୱରେ ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରତି ଏକ ସକାରାତ୍ମକ ଧାରା ଦେଖାଦେଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନି ପ୍ରାୟ ୩୯,୦୦୦ କୋଟିରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୬୨.୬୬ ପ୍ରତିଶତର ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ପ୍ରତିଫଳିତ କରୁଛି।

## ଗ୍ୟାଙ୍ଗଟକରେ ଫୁଟବଲ ଖେଳିଲେ ପିଏମ୍



ସିକ୍କିମ, ୦୨/୦୫ : ଦୁଇ ଦିନିଆ ସିକିମ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଛନ୍ତି । ମଙ୍ଗଳବାର ଦିନ ସେ ରାଜ୍ୟର ୫୦ତମ ପ୍ରତିଷ୍ଠା ଦିବସର ସମାପନୀ ଉତ୍ସବରେ ଯୋଗଦେବେ । ଏହା ପୂର୍ବରୁ, ସେ ସକାଳୁ ସକାଳୁ ରାଜଧାନୀ ଗ୍ୟାଙ୍ଗଟକର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ । ଖାସ୍ କରି ପିଲାଙ୍କ ସହ ଫୁଟବଲ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଏହି ଅଭିଜ୍ଞତାକୁ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଗ୍ୟାଙ୍ଗଟକର ସକାଳ ମୋ ପାଇଁ ଥିଲା ବହୁତ ଖାସ୍ । ଖାଲି ସେତିକି ନୁହେଁ ସିକ୍କିମର ଯୁବବର୍ଗଙ୍କ ସହିତ ଫୁଟବଲ ଖେଳିବା ଏକ ସ୍ମରଣୀୟ ଅଭିଜ୍ଞତା ଥିଲା। କାରଣ ଏମିତି ମଜା ଆଉ କେଉଁଠୁ ଆସିବ । ସେ ଏହା ମଧ୍ୟ କହିଛନ୍ତି, ଯୁବବର୍ଗମାନଙ୍କ ସହିତ ଏହା ଏକ ସୁନ୍ଦର ଖେଳ ଅଧିବେଶନ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ସନ୍ଧ୍ୟାରେ ଗ୍ୟାଙ୍ଗଟକରେ ପହଞ୍ଚିଥିଲେ, ଯେଉଁଠାରେ ସେ ଏକ ରୋଡ୍ ସୋ କରିଥିଲେ। ତାଙ୍କ ରାଲି ହେଲିପ୍ୟାଡ୍ରୁ ଲୋକଭବନ ଅଭିମୁଖେ ଯାତ୍ରା କରିଥିଲା, ତାଙ୍କୁ ଦେଖିବା ପାଇଁ ରାସ୍ତା କଡ଼େର ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ।ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଗସ୍ତ ସମୟରେ ଗ୍ୟାଙ୍ଗଟକର ଅର୍କିଡାରିୟମ୍ ମଧ୍ୟ ପରିଦର୍ଶନ କରି 'ସ୍ୱର୍ଣ୍ଣ ଜୟନ୍ତୀ ମୈତ୍ରୀ ମଞ୍ଜରୀ ପାର୍କ' ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସିକ୍କିମର ଜୈବ ବିବିଧତା ଏବଂ ପୁଷ୍ପ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ବିକଶିତ ହୋଇଛି। ସିକିମର ୫୦ତମ ବାର୍ଷିକୀ ଉପଲକ୍ଷେ ପାଲଜୋର ଷ୍ଟାଡିୟମରେ ମୁଖ୍ୟ ସମାରୋହରେ ଯୋଗଦେବେ। ସେ ୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

## ଗଙ୍ଗା ଏକ୍ସପ୍ରେସୱେର ଶୁଭାରମ୍ଭ

ବାରାଣସୀ, ୦୨/୦୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି (ବୁଧବାର, ୨୯ ଏପ୍ରିଲ ୨୦୨୬) ନିଜ ସଂସଦୀୟ କ୍ଷେତ୍ର ବାରାଣସୀ ଗସ୍ତର ଦ୍ୱିତୀୟ ଦିନରେ କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ବାବା ବିଶ୍ୱନାଥଙ୍କ ବିଶେଷ ପୂଜାର୍ଚ୍ଚନା କରିଛନ୍ତି। ପ୍ରାୟ ୩୦ ମିନିଟ୍ ଧରି ଚାଲିଥିବା ଏହି ଅନୁଷ୍ଠାନ ପରେ ପ୍ରଧାନମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା କୁନି କୁନି ପିଲାମାନଙ୍କୁ ଭେଟି ସେମାନଙ୍କ ସହ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମନ୍ଦିର ପରିସରରେ ପ୍ରବେଶ କରିବା ସମୟରେ ବେଦମନ୍ତ୍ର ଏବଂ ଡମରୁ ବାଦନରେ ପୂରା ପରିବେଶ ଉଚ୍ଛୁଳି ପଡ଼ିଥିଲା। ପୁଜାରୀମାନଙ୍କ ଗହଣରେ ସେ ଗର୍ଭଗୃହକୁ ଯାଇ ବାବା ବିଶ୍ୱନାଥଙ୍କ ଜ୍ୟୋତିର୍ଲିଙ୍ଗ ସମ୍ମୁଖରେ ବସିଥିଲେ। ମନ୍ଦିରର ବିଶେଷ ପୂଜାରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ସଂକଳ୍ପ କରାଯାଇଥିଲା। ଏହାପରେ ଗଙ୍ଗାଜଳ, ଦୁଗ୍ଧ, ହଳଦୀ ଜଳ ଏବଂ ଅକ୍ଷତରେ ବାବାଙ୍କ ଅଭିଷେକ କରାଯାଇଥିଲା। ପୂଜା ଶେଷରେ ସେ ପଞ୍ଚଦୀପରେ ବାବାଙ୍କ ଆଳତି କରିବା ସହ ମନ୍ଦିର ପ୍ରଦକ୍ଷିଣା କରିଥିଲେ। ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କୁ ତ୍ରିଶୂଳ, ଡମରୁ ଏବଂ କାଶୀ ବିଶ୍ୱନାଥ ମନ୍ଦିରର ଏକ ପ୍ରତିକୃତି ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପୂଜା ପରେ ପିଏମ ମୋଦୀ କାଶୀର କୁନି କୁନି ପିଲାମାନଙ୍କୁ ଭେଟିଥିଲେ। ପିଲାମାନଙ୍କ ଗହଣରେ ସେ ବେଶ୍ ଖୁସି ଜଣାପଡୁଥିଲେ। ଏହାପୂର୍ବରୁ ସେ'ବରେକା' (ଈଖଡ) ରୁ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୪ କିଲୋମିଟର ରାସ୍ତାରେ ରୋଡ୍ ସୋ' ମାଧ୍ୟମରେ ହଜାର ହଜାର କାଶୀବାସୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ବିଜେପି କର୍ମୀ ଏବଂ ସାଧାରଣ ଜନତା ଫୁଲ ବର୍ଷା କରି ତାଙ୍କୁ ସ୍ୱାଗତ କରିଥିଲେ। କାଶୀରୁ ପୂଜା ସାରି ପ୍ରଧାନମନ୍ତ୍ରୀ ସିଧାସଳଖ ହରଦୋଇ ଜିଲ୍ଲାର ମଲ୍ଲାୱା ଅଭିମୁଖେ ଯାଇଛନ୍ତି। ସେଠାରେ ସେ ଦେଶର ଅନ୍ୟତମ ବୃହତ୍ତମ ପ୍ରକଳ୍ପ ଗଙ୍ଗା ଏକ୍ସପ୍ରେସୱେର ଉଦ୍ଘାଟନ କରିବେ। ପ୍ରାୟ ୩୬,୨୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଏକ୍ସପ୍ରେସୱେ ଉତ୍ତରପ୍ରଦେଶର ୧୨ଟି ଜିଲ୍ଲା ଦେଇ ଗତି କରୁଛି। ଗତକାଲି ବାରାଣସୀରେ ପହଞ୍ଚିବା ପରେ ମହିଳାମାନେ ଶଙ୍ଖନାଦ କରି ପ୍ରଧାନମନ୍ତ୍ରୀଙ୍କୁ ଅଭୂତପୂର୍ବ ସ୍ୱାଗତ କରିଥିଲେ, ଯାହା ସାରା ସହରରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଗସ୍ତ କାଶୀ ଏବଂ ପୂରା ଉତ୍ତରପ୍ରଦେଶର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସାଜିବ।

## ପାକିସ୍ତାନ ମାନଚିତ୍ରରେ ଜମ୍ମୁ କଶ୍ମୀର ଏବଂ ଲଦାଖ ଦେଖାଇଲା ନେପାଳ ଏୟାରଲାଇନ୍ସ, ବିବାଦ ପରେ କ୍ଷମା ମାଗିଲା

ନୂଆଦିଲ୍ଲୀ, ୦୨/୦୫ : ଭାରତର ଭୁଲ୍ ମ୍ୟାପ୍ ଦେଖାଇ ବିବାଦରେ ଫସିଲା ନେପାଳ ଏୟାରଲାଇନ୍ସ । ନେପାଳ ଏୟାରଲାଇନ୍ସର ଭୁଲ୍ ଭାରତ ମାନଚିତ୍ରରେ ଜମ୍ମୁ କଶ୍ମୀରକୁ ପାକିସ୍ତାନ ଅଞ୍ଚଳ ଭାବରେ ଦର୍ଶାଯାଇଛି । ନେପାଳ ଏୟାରଲାଇନ୍ସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଫ୍ଲାଇଟ୍ ନେଟୱାର୍କ ମ୍ୟାପ୍ ପୋଷ୍ଟ କରିଛି, ଯେଉଁଥିରେ ସମଗ୍ର ଜମ୍ମୁ ଏବଂ କଶ୍ମୀରକୁ ପାକିସ୍ତାନର ଅଂଶ ଭାବରେ ଦର୍ଶାଯାଇଥିଲା । ତେବେ ଏହାକୁ ନେଇ ସମାଲୋଚନା ହେବା ପରେ ୨୪ ଘଣ୍ଟା ଭିତରେ କ୍ଷମା ମାଗିଛି ନେପାଳ ଏୟାରଲାଇନ୍ । ଏୟାରଲାଇନ ତରଫରୁ ଏକ ରୁଟ୍ ମ୍ୟାପ୍ ସେୟାର କରାଯାଇଥିଲା, ଏଥିରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ କଶ୍ମୀର




ଏବଂ ଲଦାଖକୁ ପାକିସ୍ତାନର ବୋଲି ଦର୍ଶାଯାଇଥିଲା । ଏହା ସୋସିଆଲ ମିଡିଆରେ ଭାଇରଲ ହେବା ପରେ ଭାରତୀୟ ୟୁଜର୍ସ ଏୟାରଲାଇନକୁ ବୟକଟ୍ କରିବା ପାଇଁ ଟ୍ରେଣ୍ଡ କରିଥିଲେ । ଏହାସହିତ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏବଂ ବିମାନ ଚଳାଚଳ ଉନ୍ନୟନ ମନ୍ତ୍ରଣାଳୟକୁ ନେପାଳ ସରକାରଙ୍କ ବିରୋଧରେ କୂଟନୈତିକ ବିରୋଧ କରିବାକୁ ଦାବି କରିଥିଲେ । ଯାହା ପରେ ନେପାଳ ଏୟାରଲାଇନ୍ସ ତରଫରୁ କ୍ଷମା ମଗାଯାଇଥିଲା । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଏୟାରଲାଇନ୍ସ କହିଛି, ଆମର ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକରେ ସମ୍ପ୍ରତି ସେୟାର ହୋଇଥିବା ନେଟୱାର୍କ ମ୍ୟାପରେ ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ । ମାନଚିତ୍ରରେ ଅନ୍ତର୍ଜାତୀୟ ସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଥିଲା । ଏହା ନେପାଳ କିମ୍ବା ନେପାଳ ଏୟାରଲାଇନ୍ସର ସରକାରୀ ସ୍ଥିତିକୁ ପ୍ରତିଫଳିତ କରେ ନାହିଁ । ଏହି ମାମଲାର ଆନ୍ତରିକ ଯାଞ୍ଚ ପାଇଁ ଆଦେଶ ଦିଆଯାଇଛି । ନେପାଳରେ କ୍ଷମତାକୁ ଆସିବା ପରଠାରୁ ବାଲେନ ଶାହ ସରକାର ଭାରତ ବିରୋଧୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମେ ବାଲେନ ସରକାର ଭାରତରୁ ୧୦୦ ନେପାଳୀ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ବାଧ୍ୟତାମୂଳକ ସୀମା ଶୁଳ୍କ ୫୦-୮୦% ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ ।

## ନାଦିଆରେ ବିଜେପି ପ୍ରାର୍ଥୀ ସୈକତ ସରକାରଙ୍କ ଉପରେ ରକ୍ତାକ୍ତ ଆକ୍ରମଣ



ନାଦିଆ/କଲକାତା, ୦୨/୦୫ : ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ନାଦିଆ ଜିଲ୍ଲାରୁ ଏକ ବଡ଼ ଧରଣର ହିଂସାକାଣ୍ଡ ଖବର ସାମ୍ନାକୁ ଆସିଛି। ଚାପଡ଼ା ବିଧାନସଭା ଆସନର ବିଜେପି ପ୍ରାର୍ଥୀ ସୈକତ ସରକାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବିଜେପି ପ୍ରାର୍ଥୀ ରକ୍ତାକ୍ତ ଅବସ୍ଥାରେ ଦେଖାଯାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୈକତ ସରକାରଙ୍କ ଅଭିଯୋଗ ଅନୁଯାୟୀ, ଚାପଡ଼ା ବିଧାନସଭା କ୍ଷେତ୍ରର ଏକ ବୁଥ୍ରେ ବିଜେପିର ପୋଲିଂ ଏଜେଣ୍ଟଙ୍କୁ ବସିବାକୁ ଦିଆଯାଇନଥିଲା। ଏହି ଖବର ପାଇ ପ୍ରାର୍ଥୀ ସେଠାରେ ପହଞ୍ଚିବା ପରେ ଟିଏମସି କର୍ମୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହା ପରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ଏବଂ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପ୍ରାର୍ଥୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କ ପୋଷାକ ରକ୍ତରେ ଜୁଡୁବୁଡୁ ହୋଇଥିବା ଦେଖିବାକୁ ମିଳିଛି। ଏହି ହିଂସା ପାଇଁ ବିଜେପି ସିଧାସଳଖ ଟିଏମସିକୁ ଦାୟୀ କରିଛି। ପରାଜୟ ଭୟରେ ଟିଏମସି ଗୁଣ୍ଡାଗର୍ଦ୍ଦି କରୁଛି ଏବଂ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଟାର୍ଗେଟ୍ କରୁଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ତେବେ ଟିଏମସି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ନିର୍ବାଚନ କମିଶନ (ରକ୍ଷରମଶ୍ୱସକ୍ଟଭ ଉକ୍ଟଙ୍କଙ୍କସଶ୍ୱଶ୍ୱସକ୍ଟଭ) ଏହି ଘଟଣାର ରିପୋର୍ଟ ମାଗିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାଦିଆରେ ଘଟିଥିବା ଏହି ସଂଘର୍ଷ ପରେ ସାଧାରଣ ଭୋଟରଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୁରକ୍ଷା ବାହିନୀ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟରେ ଶେଷ ପର୍ଯ୍ୟାୟ ମତଦାନ ହେଉଥିବାରୁ ବିଭିନ୍ନ ସ୍ଥାନରୁ ହିଂସା ଖବର ଆସୁଛି। ଏହି ଘଟଣା ଏବେ ପଶ୍ଚିମବଙ୍ଗ ରାଜନୀତିରେ ପୁଣି ଥରେ ନିର୍ବାଚନୀ ହିଂସା ପ୍ରସଙ୍ଗକୁ ଉଜାଗର କରିଛି।

## ଏଥର ଟିଏମସି ସମ୍ପୂର୍ଣ୍ଣ ସଫା ହେବ : ଶୁଭେନ୍ଦୁ ଅଧିକାରୀ



ନୂଆଦିଲ୍ଲୀ, ୦୨/୦୫ : ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଏବଂ ନନ୍ଦୀଗ୍ରାମ ଓ ଭବାନୀପୁର ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଶନିବାର ମମତା ବାନାର୍ଜୀ ଏବଂ ଟିଏମସି ଉପରେ ଆକ୍ରମଣ କରିଛନ୍ତି। ଭବାନୀପୁର ନିର୍ବାଚନମଣ୍ଡଳୀରେ ଚାଲିଥିବା ପ୍ରତିଯୋଗିତାକୁ ଉଲ୍ଲେଖ କରି ସେ କହିଛନ୍ତି, ଏହି ଅଞ୍ଚଳରେ ମମତା ବାନାର୍ଜୀ ଏବଂ ଫିରହାଦ ହାକିମ ଆଗରେ ଅଛନ୍ତି। କିନ୍ତୁ ଏଥର ସେମାନେ ଆଗରେ ରହିପାରିବେ ନାହିଁ। ଏଥର ଟିଏମସି ସମ୍ପୂର୍ଣ୍ଣ ସଫା ହୋଇଯିବ। ମମତା ବାନାର୍ଜୀଙ୍କ ତୁଷ୍ଟିକରଣ ରାଜନୀତି ହିଁ ସମାଜକୁ ବିଭାଜିତ କରୁଛି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗରେ ୧୫୨ଟି ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଗୁରୁବାର ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ସର୍ବାଧିକ ୯୧.୯୧ ପ୍ରତିଶତ ମତଦାନ ହୋଇଛି। ଯାହା ଦୃଢ଼ ନିର୍ବାଚନୀ ଅଂଶଗ୍ରହଣକୁ ପ୍ରତିଫଳିତ କରେ। ବାକି ୧୪୨ଟି ନିର୍ବାଚନମଣ୍ଡଳୀ ପାଇଁ ମତଦାନ ମେ ୨୯ରେ ହେବ। ଭୋଟ ଗଣତି ମେ ୪ରେ ହେବ।

## ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ବିରୋଧରେ କେଜ୍ରିୱାଲଙ୍କ 'ସତ୍ୟାଗ୍ରହ'

ନୂଆଦିଲ୍ଲୀ, ୦୨/୦୫ : ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରି ଏହାକୁ ସତ୍ୟାଗ୍ରହ ନାମ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତାଙ୍କ ଅଭିଯୋଗ ନେଇ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ସ୍ଥଳରେ ପହଞ୍ଚିଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ମନିଷ ସିସୋଦିଆ, ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଓ ଅନ୍ୟ ନେତାମାନେ ମଧ୍ୟ ରାଜଘାଟରେ ପହଞ୍ଚିଥିଲେ। ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ସେ ନ୍ୟାୟପାଳିକାକୁ ସମ୍ମାନ କରନ୍ତି, କିନ୍ତୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସତ୍ୟାଗ୍ରହ କରିବାକୁ ପଡିବ। ଆମେ ବିଚାରପତିଙ୍କ ନିକଟକୁ ପଠାଇଥିବା ଚିଠିରେ ସବୁକିଛି ଲେଖିଛୁ। ଏହା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ, ତେଣୁ ମୁଁ ଗଣମାଧ୍ୟମରେ ଅଧିକ କିଛି କହିବି ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ ସକାଳେ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଥିଲେ ଯେ ସେ ମନିଷ ସିସୋଦିଆଙ୍କ ସହ ମଧ୍ୟାହ୍ନ ୧୨ଟାରେ ରାଜଘାଟ ଯାଇ ବାପୁଙ୍କ ଆଶୀର୍ବାଦ ନେବେ। କାର୍ଯ୍ୟସୂଚୀ ଅନୁଯାୟୀ, କେଜ୍ରିୱାଲ ମନୀଷ ସିସୋଦିଆ, ଆତିଶୀ ମାର୍ଲେନା ଓ ଦଳର ଅନ୍ୟ ଅନେକ ନେତାଙ୍କ ସହ ରାଜଘାଟ ଯାଇଥିଲେ। କେଜ୍ରିୱାଲ ଓ ସିସୋଦିଆ ମଦ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରିଛନ୍ତି। ଉଭୟ ନେତା ଏହାକୁ ସେମାନଙ୍କର ସତ୍ୟାଗ୍ରହ ବୋଲି ବର୍ଣ୍ଣନା କରିଛନ୍ତି। ଏହାକୁ ବାପୁଙ୍କ ପ୍ରସ୍ତାବିତ ପଥ ବୋଲି ବର୍ଣ୍ଣନା କରି କେଜ୍ରିୱାଲ କହିଛନ୍ତି ଯେ ପ୍ରଥମେ ସେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ସମ୍ମୁଖରେ ନିଜର ମତ ରଖିଥିଲେ, କିନ୍ତୁ ଯେତେବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ସତ୍ୟାଗ୍ରହର ବିକଳ୍ପ ରହିଯାଇଥିଲା। କେଜ୍ରିୱାଲ ଓ ସିସୋଦିଆ କହିଛନ୍ତି ଯେ ସେମାନେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କଠାରୁ ନ୍ୟାୟ ଆଶା କରୁନାହାନ୍ତି। ସୂଚନାଯୋଗ୍ୟ, ନିକଟରେ କେଜ୍ରିୱାଲ ଓ ସିସୋଦିଆଙ୍କ ସମେତ ୨୩ ଜଣ ନେତାଙ୍କୁ ନିମ୍ନ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସିବିଆଇ ଏହି ଆଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଖଣ୍ଡପୀଠରେ ଏହି ମାମଲା ତାଲିକାଭୁକ୍ତ ହୋଇଥିଲା। ଅରବିନ୍ଦ କେଜ୍ରିୱାଲ ଚାହୁଥିଲେ ଯେ ଏହି ମାମଲାର ଶୁଣାଣି ଅନ୍ୟ ଏକ ବେଞ୍ଚରେ ହେଉ। ସେ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏହି ଆବେଦନ ଖାରଜ ହେବା ପରେ କେଜ୍ରିୱାଲ ସତ୍ୟାଗ୍ରହ ଲଢ଼େଇ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ସେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରିବେ ବୋଲି ମଧ୍ୟ କହିଛନ୍ତି।

## ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବିଜେପି : ଟିଏମ୍‌ସି



ନୂଆଦିଲ୍ଲୀ, ୦୨/୦୫ : ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବୋଲି ଅଭିଯୋଗ କରି ଶାସକ ଟିଏମ୍‌ସି ଦଳ ସଦ୍ୟ ବିବାଦ ସୃଷ୍ଟି କରିଛି। ବିଜେପି ରାଜ୍ୟକୁ 'ଗୋଲି ମାରୋ' ଏବଂ ' ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି ବୋଲି ଟିଏମ୍‌ସି ଅଭିଯୋଗ କରିଛି। ଉଲ୍ଲେଖଯୋଗ୍ୟ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାରେ ଏକ ଚଢ଼ଉ ସମୟରେ ନିର୍ବାଚନ କମିସନଙ୍କ ଦ୍ୱାରା ନିଯୁକ୍ତ ଜଣେ ପୋଲିସ ପର୍ଯ୍ୟବେକ୍ଷକ ଅଜୟ ପାଲ୍ ଶର୍ମା ଜଣେ ଟିଏମ୍‌ସି ପ୍ରାର୍ଥୀ ଜାହାଙ୍ଗିର ଖାନ୍‌ଙ୍କୁ ଚେତାବନୀ ଦେବାର ଭିଡିଓ ଭାଇରାଲ୍ ହେବାପରେ ଏହି ସଦ୍ୟ ବିବାଦ ଉପୁଜିଛି। ଏକ୍ସରେ ଏକ ପୋଷ୍ଟ କରି ଟିଏମ୍‌ସି କହିଛି ଯେ ଦୁଷ୍କର୍ମ ଧମକ ପରେ ବିଜେପି ଏବେ ମମତା ବାନାର୍ଜୀଙ୍କ ବିରୋଧରେ ଖୋଲା ହତ୍ୟା ଧମକ ଦେଉଛି। ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ଟାର୍ଗେଟ୍ କରି ଟିଏମ୍‌ସି କହିଛି ଯେ ନିର୍ବାଚନ କମିସନ୍ ଏବେ ନିରବଦ୍ରଷ୍ଟା ସାଜିଛନ୍ତି। ବିଜେପି ପଶ୍ଚିମବଙ୍ଗ ପାଇଁ ଏହି ପରିବର୍ତ୍ତନ ଆଣିଛି। ବିଜେପି ପଶ୍ଚିମବଙ୍ଗକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି। ଦଳ ବିଜେପି ଜାତୀୟ ମୁଖପାତ୍ର ଆଲୋକ ଅଜୟଙ୍କର ଏକ ପୋଷ୍ଟକୁ ଦର୍ଶାଇ ବିଜେପି ମମତାଙ୍କୁ ହତ୍ୟା ଧମକ ଦେଇଥିବା କହିଛି। ଆଲୋକ ଏକ ପୋଷ୍ଟ କରି କହିଥିଲେ ଯେ, ଯଦି ଆପଣ ଆମକୁ ଭୟଭୀତ କରିବାକୁ ଚେଷ୍ଟା କରିବେ ଆପଣଙ୍କୁ ଗୁଳି କରାଯିବ ଦିଦି'।

# ଭାରତକୁ ୬୫୦ଟି ପ୍ରାଚୀନ ସାମଗ୍ରୀ ଫେରାଇଲା ଆମେରିକା

## ୧.୪ କୋଟି ଡଲାର ମୂଲ୍ୟର ଐତିହ୍ୟ ସଂଗ୍ରହରେ ଅନେକ ମୂର୍ତ୍ତି ସାମିଲ



ନୂଆଦିଲ୍ଲୀ, ୦୨/୦୫ : ଆମେରିକା ପ୍ରାୟ ୧୪ ନିୟୁତ ଡଲାର ମୂଲ୍ୟର ୬୫୦ଟି ପ୍ରାଚୀନ କଳାକୃତି ଏବଂ ସାଂସ୍କୃତିକ ବସ୍ତୁ ଭାରତକୁ ଫେରାଇ ଦେଇଛି। ଆମେରିକାର ଅଧିକାରୀମାନେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ଏସୀୟ ରାଷ୍ଟ୍ରକୁ ଏହାର ଚୋରି ହୋଇଥିବା ଐତିହ୍ୟକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାକି ଅଛି। ମଙ୍ଗଳବାର ଦିନ, ମାନହାଟନ ଜିଲ୍ଲା ଓକିଲ ଆଲଭିନ୍ ବ୍ରାଗ୍ ଆନୁଷ୍ଠାନିକ ଭାବରେ ଏହି ଜିନିଷଗୁଡ଼ିକର ପୁନରୁଦ୍ଧାର ଘୋଷଣା କରିଛନ୍ତି। ବିଭିନ୍ନ ଚୋରା ଚାଲାଣ ଦଳ ଉପରେ ଦୀର୍ଘ ତଦନ୍ତ ପରେ ଏହି ସମସ୍ତ ପ୍ରାଚୀନ ବସ୍ତୁ ଉଦ୍ଧାର କରାଯାଇଥିଲା। ଏହି ବଳୟଗୁଡ଼ିକରେ କୁଖ୍ୟାତ ଚୋରା ଚାଲାଣକାରୀ ସୁଭାଷ କପୁର ଏବଂ ଦୋଷୀ ସାବ୍ୟସ୍ତ ଚାଲାଣକାରୀ ନାନସି ୱିନରଙ୍କ ସହ ଜଡିତ ନେଟୱାର୍କ ଅନ୍ତର୍ଭୁକ୍ତ। ନ୍ୟୁୟର୍କରେ ଭାରତର କନସୁଲେଟ୍ ଜେନେରାଲର ପ୍ରତିନିଧି ରାଜଲକ୍ଷ୍ମୀ କଦମଙ୍କ ଉପସ୍ଥିତିରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରତ୍ୟାବର୍ତ୍ତିତ କଳାକୃତିଗୁଡ଼ିକୁ ଭାରତକୁ ହସ୍ତାନ୍ତର କରାଯାଇଥିଲା। ଏକ ବିବୃତିରେ, ମାନହାଟନ ଜିଲ୍ଲା ଓକିଲ ଆଲଭିନ୍ ବ୍ରାଗ୍ କହିଛନ୍ତି, 'ଭାରତର ସାଂସ୍କୃତିକ ଐତିହ୍ୟକୁ ଟାର୍ଗେଟ କରୁଥିବା ଚୋରା ଚାଲାଣ ଦଳଗୁଡ଼ିକର ପରିସର ବିସ୍ତୃତ, ଯାହା ୬୦୦ ରୁ ଅଧିକ ଜିନିଷ ଫେରାଇବାରୁ ସ୍ପଷ୍ଟ ହୁଏ। ଭାରତକୁ ଏହାର ଚୋରି ହୋଇଥିବା କଳାକୃତିକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଆହୁରି ପ୍ରୟାସ ଆବଶ୍ୟକ। ମୁଁ ମୋର ଦଳକୁ ସେମାନଙ୍କର ନିରନ୍ତର ଏବଂ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଧନ୍ୟବାଦ ଜଣାଉଛି। ନ୍ୟୁୟର୍କରେ ଭାରତର କନସଲ ଜେନେରାଲ, ବିନୟ ପ୍ରଧାନ, ମାନହାଟନ ଜିଲ୍ଲା ଓକିଲଙ୍କ କାର୍ଯ୍ୟାଳୟ, ଆମେରିକାର ଗୃହ ସୁରକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହି ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଗୁଡ଼ିକର ପୁନରୁଦ୍ଧାର - ଏବଂ ପରବର୍ତ୍ତୀ ସମୟରେ ଭାରତକୁ ସେମାନଙ୍କର ପ୍ରତ୍ୟାବର୍ତ୍ତନ - କେବଳ ଏହି ସଂସ୍ଥାଗୁଡ଼ିକର ସତର୍କତା ଏବଂ ନିରନ୍ତର ପ୍ରୟାସ ଯୋଗୁଁ ସମ୍ଭବ ହୋଇପାରିଛି।

ଫେରାଯାଇଥିବା ଜିନିଷଗୁଡ଼ିକ ମଧ୍ୟରେ 'ଅବଲୋକିତେଶ୍ୱର'ଙ୍କ ଏକ ବ୍ରୋଞ୍ଜ ପ୍ରତିମା ପ୍ରମୁଖ। ଯାହାର ମୂଲ୍ୟ ପ୍ରାୟ ୨ ନିୟୁତ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରତିମାକୁ ସିଂହ ଦ୍ୱାରା ସଜ୍ଜିତ । ପ୍ରତିମାରେ ଥିବା ଏକ ଶିଳାଲେଖ ଅନୁସାରେ, ଏହାକୁ ଛତିଶଗଡ଼ର ରାୟପୁର ନିକଟରେ ଅବସ୍ଥିତ ସିରପୁର ଗ୍ରାମର ବାସିନ୍ଦା ଦ୍ରୋଣାଦିତ୍ୟ ନାମକ ଜଣେ କାରିଗର ଦ୍ୱାରା ତିଆରି କରାଯାଇଥିଲା। ଅବଲୋକିତେଶ୍ୱର ପ୍ରତିମା ୧୯୩୯ ମସିହାରେ ଲକ୍ଷ୍ମଣ ମନ୍ଦିର ନିକଟରେ ଆବିଷ୍କୃତ ଏକ ବଡ଼ ବ୍ରୋଞ୍ଜ ମୂର୍ତ୍ତିର ଅଂଶ ଥିଲା। ୧୯୫୨ ମସିହା ପର୍ଯ୍ୟନ୍ତ, ଏହାକୁ ରାୟପୁରର ମହନ୍ତ ଘାସିଦାସ ସ୍ମାରକୀ ସଂଗ୍ରହାଳୟରେ ସଂରକ୍ଷିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ, ଏହାକୁ ସଂଗ୍ରହାଳୟରୁ ଚୋରି କରାଯାଇଥିଲା ଏବଂ ୧୯୮୨ ମସିହା ସୁଦ୍ଧା, ଏହାକୁ ଆମେରିକାକୁ ଚୋରା ଚାଲାଣ କରାଯାଇଥିଲା। ୨୦୧୪ ସୁଦ୍ଧା, ଏହା ନ୍ୟୁୟର୍କର ଏକ ବ୍ୟକ୍ତିଗତ ସଂଗ୍ରହକୁ ପ୍ରବେଶ କରିଥିଲା। ୨୦୨୫ ମସିହାରେ, ମାନହାଟନ ଜିଲ୍ଲା ଓକିଲଙ୍କ କାର୍ଯ୍ୟାଳୟ ସେହି ବ୍ୟକ୍ତିଗତ ସଂଗ୍ରହରୁ ଏହି ବ୍ରୋଞ୍ଜ ପ୍ରତିମାକୁ ଠାବ କରି ଜବତ କରିଥିଲା।

ସମ୍ପାଦକୀୟ

# ପିତୃଦେବୋ ଭବଃ

ପୁତ୍ରକନ୍ୟାମାନଙ୍କ ପାଇଁ ପିତା ହେଉଛନ୍ତି ଦେବତା। ଏଣୁ ତୈତ୍ତିରୀୟ ଉପନିଷଦରେ କୁହାଯାଇଛି 'ପିତୃଦେବୋ ଭବଃ'। ମନୁ ସଂହିତାରେ ଉଲ୍ଲେଖ ଅଛି 'ଉପାଧାୟାତ୍ ଦଶାଚାର୍ଯ୍ୟଃ ଆଚାର୍ଯ୍ୟାଣାଂ ଶତଂ ପିତା' ଅର୍ଥାତ୍ ଉପାଧାୟଠାରୁ ଆଚାର୍ଯ୍ୟ ଦଶଗୁଣ ଓ ଆଚାର୍ଯ୍ୟଠାରୁ ପିତା ଶହେ ଗୁଣ ବଡ଼। ପଦ୍ମପୁରାଣରେ ପୁଣି କୁହାଯାଇଛି 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ/ ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ'। ପିତାଙ୍କୁ ସନ୍ତୁଷ୍ଟ କଲେ ସମସ୍ତ ଦେବତା ତୃପ୍ତ ହୁଅନ୍ତି।

ପିତୃତ୍ୱ ଯେମିତି ଏକ ଆନନ୍ଦ, ସେମିତି ଏକ ଦୁଃଖ। ପିଲାଟିଏ ଜନ୍ମ ନେଲେ ବାପା ଭାବେ 'ମୋ ପୁଅ ମୋଠାରୁ ଅଧିକ ଗୁଣବାନ୍ ହେବ, ମୋର ସ୍ୱପ୍ନକୁ ସାକାର କରିବ ଓ ବୃଦ୍ଧାବସ୍ଥାରେ ମୋର ସାହାରା ହେବ।' ମାତ୍ର ସବୁ ବାପାମାନଙ୍କ କ୍ଷେତ୍ରରେ ଏହି ଇଚ୍ଛା ପୂରଣ ହୁଏନାହିଁ। ଅନେକ କ୍ଷେତ୍ରରେ ବାପାର ଏହି ସ୍ୱପ୍ନ ଚୂରମାର ହୋଇଯାଏ। ସନ୍ତାନସନ୍ତତି ତା'ଠାରୁ ଦୂରେଇ ଯାନ୍ତି। ସେ ପରିବାର ପାଇଁ ଅଦରକାରୀ ହୋଇଯାଏ। ଫକୀରମୋହନଙ୍କ 'ଡାକମୁନସି' ଗଳ୍ପରେ ପୁଅ ବାପାକୁ ଇଂରାଜୀ ଘୁଷି ମାରେ। ମନୋଜ ଦାସଙ୍କ 'ଦାନ୍ତ' ଗପରେ ପିତା ପୁଅବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ଘରକୁ ଫେରିଆସେ। ଅବଶ୍ୟ ଏହିପରି ଘଟଣା ଆଜି ବି ଘଟୁଛି। ତାହା ମଧ୍ୟ ଠିକ୍ ନୁହେଁ। ଯୁଗେ ଯୁଗେ ପୁତ୍ର ଖଳନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଅଜାତଶତ୍ରୁ ପିତା ବିମ୍ବିସାରଙ୍କୁ ଓ ଆଉରଙ୍ଗଜେବ ଶାହାଜାହାନଙ୍କୁ ବନ୍ଦୀ କରି କାରାଗାରରେ ନିର୍ଯ୍ୟାତନା ଦେଇଛନ୍ତି। ପୁରାଣର ବର୍ଣ୍ଣନା ଅନୁସାରେ କଂସ ପିତା ଉଗ୍ରସେନକୁ ବନ୍ଦୀ କରିଛି। ଅପରପକ୍ଷରେ ଶ୍ରବଣ କୁମାର ଓ ଧର୍ମପଦ ଭଳି ପିତୃଭକ୍ତ ସନ୍ତାନ ମଧ୍ୟ ଅଛନ୍ତି।

ସନ୍ତାନସନ୍ତତିଙ୍କ ପିତୃଦ୍ରୋହ ଆଚରଣ ସମ୍ପର୍କରେ ପ୍ରାଚୀନ ଇଂରେଜ ନାଟ୍ୟକାର ସେକ୍ସପିଅର ତାଙ୍କ କାଳଜୟୀ ନାଟକ 'କିଙ୍ଗ-ଲିଅର'ରେ ଏହା ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାଜା ଲିଅରଙ୍କ ଥିଲେ ତିନିଜଣ ଝିଅ-ଗନେରିଲ୍, ରେଗାନ୍ ଓ କଡେଲିଆ। ସେ ତାଙ୍କ ରାଜ୍ୟକୁ ଝିଅମାନଙ୍କ ପିତୃପ୍ରେମକୁ ଆଧାର କରି ତିନିଜଣଙ୍କ ମଧ୍ୟରେ ବାଣ୍ଟିବା ପାଇଁ ନିଷ୍ପତ୍ତି ନେଲେ ଓ ତାଙ୍କୁ କେଉଁ ଝିଅ କେତେ ଭଲ ପାଆନ୍ତି ଜାଣିବାକୁ ଚାହିଁଲେ। ଗନେରିଲ୍ କହିଲା, "ମୁଁ ଆପଣଙ୍କୁ ଏତେ ଭଲ ପାଏ ଯେ ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ। ମୁଁ ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଅପେକ୍ଷା ଆପଣଙ୍କୁ ବେଶି ଭଲ ପାଏ।" ରେଗାନ୍ କହିଲା, "ମୋ ଭଉଣୀ ଗନେରିଲ୍‌ର ପ୍ରେମଠାରୁ ମୋ ପ୍ରେମ କୌଣସି ଗୁଣରେ କମ୍ ନୁହେଁ। ମୁଁ ବି ତୁମକୁ ଭଲ ପାଇ ଜୀବନର ଶ୍ରେଷ୍ଠ ଆନନ୍ଦ ଅନୁଭବ କରେ।" ମାତ୍ର କଡେଲିଆ କହିଲା, "ବାପା, ଆପଣ ମୋତେ ଜନ୍ମ ଦେଇଛନ୍ତି, ପାଳନ କରିଛନ୍ତି ଓ ଭଲ ପାଉଛନ୍ତି। ସେହି ଦୃଷ୍ଟିରୁ ଆପଣଙ୍କ ପ୍ରତି ମୁଁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ମୋର କର୍ତ୍ତବ୍ୟ ସମ୍ପାଦନ କରିବି। ଯେତେବେଳେ ମୁଁ ବିବାହ କରିବି ମୋ ସ୍ୱାମୀ ନ୍ୟାୟତଃ ମୋର ପ୍ରେମ ଓ କର୍ତ୍ତବ୍ୟର ଅର୍ଦ୍ଧେକ ଦାବି କରିବେ। ମୋ ଭଉଣୀମାନଙ୍କ ଭଳି ମୁଁ ମୋର ସବୁତକ ପ୍ରେମ କେବଳ ତୁମ ପାଇଁ ରଖିପାରିବି ନାହିଁ। ମୋ ପ୍ରେମ ଦୁଇଭାଗ ହେବା ସ୍ୱାଭାବିକ।" କଡେଲିଆ ମୁହଁରୁ ଏହା ଶୁଣି ରାଜା ଲିଅର କ୍ରୋଧଜର୍ଜରିତ ହୋଇ ସମଗ୍ର ରାଜ୍ୟକୁ ଗନେରିଲ୍ ଓ ରେଗାନ୍‌ଙ୍କ ମଧ୍ୟରେ ବାଣ୍ଟିଦେଇ କଡେଲିଆକୁ ନିର୍ବାସନ ଦଣ୍ଡ ଦେଲେ। ଜଣେ ନିର୍ଲୋଭ ଫରାସୀ ରାଜା ତାକୁ ବିବାହ କଲେ ଓ ନିଜ ରାଜ୍ୟକୁ ନେଇଗଲେ। ଗନେରିଲ୍ ଓ ରେଗାନ୍‌କୁ ରାଜ୍ୟ ଅର୍ପଣ କଲା ପରେ ଦୁଇଜଣ ଝିଅଙ୍କ ପାଖରେ ପାଳି କରି ମାସେ ଲେଖାଏ ରହିଲେ। କ୍ରମେ ଦୃଶ୍ୟପଟ ପରିବର୍ତ୍ତନ ହେଲା। ସ୍ୱାର୍ଥପର ଭଉଣୀ ଦ୍ୱୟ ରାଜ୍ୟ ପାଇସାରିବା ପରେ ବାପା ଲିଅରଙ୍କୁ ନିର୍ଯ୍ୟାତନା ଦେଲେ ଓ ଶେଷରେ ରାଜଉଆସରୁ ବିତାଡ଼ିତ ହେଲେ। ରାଜା କୃତଘ୍ନ ଝିଅମାନଙ୍କର ନିର୍ଯ୍ୟାତନାରେ ପାଗଳପ୍ରାୟ ହୋଇ ଘୂରି ବୁଲିଲେ। ଶେଷରେ କଡେଲିଆ ହିଁ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା, ଯଦିଓ ଘଟଣାକ୍ରମେ ସେ ଜୀବନ ହାରିଲା ଓ ଶେଷରେ ଲିଅରଙ୍କ ମଧ୍ୟ ମୃତ୍ୟୁ ହେଲା।

ତାଙ୍କ ନାଟକରେ ସେକ୍ସପିଅର ସୂଚାଇ ଦେବାପାଇଁ ଚାହିଁଛନ୍ତି ଯେ ମୁହଁରେ ପ୍ରକାଶ ପାଉଥିବା ପ୍ରେମ ହୃଦୟର ଭାଷା ହୋଇ ନ ପାରେ। ଦ୍ୱିତୀୟତଃ ବାପାମାନଙ୍କୁ ମଧ୍ୟ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ। ସ୍ନେହ ଆଧିପତ୍ୟର ରୂପ ନେବା ଠିକ୍ ନୁହେଁ। ପୁଅ ହେଉ ବା ଝିଅ ବିବାହ କଲା ପରେ ସେମାନଙ୍କ ଜୀବନରେ ଆଉ ଜଣେ ମଣିଷର ଆବିର୍ଭାବ ହେବ ଓ ପିତା ପ୍ରତି ଥିବା ସେମାନଙ୍କ ପ୍ରେମ ଦ୍ୱିବଭାଗ ହେବା ଏକ ବାସ୍ତବତା। ଯେତେବେଳେ ଏହାକୁ ସ୍ୱୀକାର କରାଯାଏ ନାହିଁ, ସେତେବେଳେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ ଓ ଅଶାନ୍ତି। ପିତୃତ୍ୱ ଆଘାତ ପାଏ, ମାତ୍ର ତାକୁ ଗ୍ରହଣ କରିନେବା ହେଉଛି ବାସ୍ତବ ଦୃଷ୍ଟିଭଙ୍ଗୀ।

ଜଣେ ଆଦର୍ଶ ପିତା ହେବା ସହଜ କଥା ନୁହେଁ। ଏହା ମଧ୍ୟ ଏକ ସାଧନା। ମହାଭାରତରେ ବର୍ଣ୍ଣିତ ରାଜା ଶାନ୍ତନୁଙ୍କ ପାଇଁ ଭୀଷ୍ମ ଓ ରାଜା ଯଯାତିଙ୍କ ପାଇଁ ପୁରୁ ଆଦର୍ଶ ପୁତ୍ର ହୋଇପାରନ୍ତି, ମାତ୍ର ଶାନ୍ତନୁ ଓ ପୁରୁ ଜଣେ ଆଦର୍ଶ ପିତାର କର୍ତ୍ତବ୍ୟ କରିନାହାନ୍ତି। ଲାବଣ୍ୟବତୀ ସତ୍ୟବତୀଙ୍କୁ ପତ୍ନୀ ରୂପେ ପାଇବା ପାଇଁ ରାଜା ଶାନ୍ତନୁ ଖାଦ୍ୟପେୟ ତ୍ୟାଗ କରି ଦୁର୍ବଳ ହୁଅନ୍ତେ ସତ୍ୟବତୀଙ୍କ ସହ ପିତାଙ୍କ ବିବାହ କରିବା ପାଇଁ କୈବର୍ତ୍ତରାଜାଙ୍କ ଦୁଇଟି କଠୋର ସର୍ତ୍ତକୁ ଗ୍ରହଣ କରିନେଲେ ପୁତ୍ର ଦେବବ୍ରତ। ସର୍ତ୍ତାନୁସାରେ ସେ ପ୍ରତିଜ୍ଞା କଲେ ରାଜାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରିବେ ନାହିଁ, ଆରୋହଣ କରିବେ ସତ୍ୟବତୀଙ୍କ ପୁତ୍ର ଏବଂ ପରବର୍ତ୍ତୀ ଦ୍ୱନ୍ଦ୍ୱ ଓ ଆଶଙ୍କା ଦୂର କରିବା ପାଇଁ ସେ ଆଜୀବନ ଅବିବାହିତ ରହିବେ। ଏହିଭଳି ଭୀଷଣ ପ୍ରତିଜ୍ଞା କରି ସେ ଭୀଷ୍ମ ନାମରେ ପରିଚିତ ହେଲେ। ରାଜା ଶାନ୍ତନୁ ସତ୍ୟବତୀଙ୍କୁ ପାଇ ଜୀବନକୁ ଉପଭୋଗ କଲେ ସିନା, ପିତାଙ୍କୁ ସୁଖୀ କରିବା ପାଇଁ ଦେବବ୍ରତଙ୍କ ଜୀବନ ଅପରିପୂର୍ଣ୍ଣ ରହିଗଲା। ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କରିବା ପରେ ମଧ୍ୟ ରାଜା ଯଯାତି ଶର୍ମିଷ୍ଠାଙ୍କୁ ଗୁପ୍ତରେ ବିବାହ କରିବାରୁ ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଯଯାତି ବାର୍ଦ୍ଧକ୍ୟଗ୍ରସ୍ତ ହେଲେ। ଏକମାତ୍ର ଉପାୟ ଥିଲା କେହି ଯଦି ସ୍ୱଇଚ୍ଛାରେ ଯୌବନ ଦାନ କରି ବାର୍ଦ୍ଧକ୍ୟ ଗ୍ରହଣ କରେ ତା'ହେଲେ ରାଜା ପୁଣି ଯୌବନପ୍ରାପ୍ତ ହେବେ। ପିତା ଚାହୁଁଥିଲେ ପତ୍ନୀଙ୍କ ସହ ଏକ ଭୋଗମୟ ଜୀବନ। ତାଙ୍କୁ ଖୁସି କରିବା ପାଇଁ ପଞ୍ଚମ ପୁତ୍ର ପୁରୁ ସ୍ୱଇଚ୍ଛାରେ ଯୌବନ ଦାନ କରି ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କଲେ। ମାତ୍ର ପୁରୁ ବିନା କାରଣରେ ବାପାଙ୍କ ସୁଖ ପାଇଁ ବାର୍ଦ୍ଧକ୍ୟର ଯନ୍ତ୍ରଣା ଭୋଗିଲେ।ମହର୍ଷି ବ୍ୟାସଦେବ ଏହି ଦୁଇ ଚରିତ୍ର ମାଧ୍ୟମରେ ସୂଚାଇ ଦେଇଛନ୍ତି ଯେ ଏମାନେ ଆଦର୍ଶ ପିତା ନୁହନ୍ତି। ଶାନ୍ତନୁଙ୍କ ସମ୍ଭୋଗରୁ ଜନ୍ମ ନେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ଏମାନେ ଅକାଳରେ ମୃତ୍ୟୁବରଣ କଲା ପରେ ବିଚିତ୍ରବୀର୍ଯ୍ୟଠାରୁ ଜନ୍ମ ନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ। ସେଠାରୁ ଆରମ୍ଭ ହେଲା ମହାଭାରତ ଯୁଦ୍ଧ ଓ କୌରବ ବଂଶର ଧ୍ୱଂସ। ଏହି ଧ୍ୱଂସଲୀଳାର ବିଜ ଥିଲେ ଶାନ୍ତନୁ। ଯଯାତି ବହୁବର୍ଷ ଧରି ପତ୍ନୀମାନଙ୍କୁ ନେଇ ଯୌବନକୁ ଉପଭୋଗ କଲେ ସିନା, ଅକାରଣେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗିଲେ ପୁତ୍ର ପୁରୁ।

ପିତାପୁତ୍ରର ସମ୍ପର୍କ ଏକ ଆଦର୍ଶଗତ ସମ୍ପର୍କ। ପିତୃତ୍ୱ ଏକ ଆହ୍ୱାନ। ପିତାପୁତ୍ର ସମ୍ପର୍କ ଏକ ସାମାଜିକ ସମସ୍ୟା ନୁହେଁ। ଏଥିପାଇଁ ଯେଭଳି ପିତାର ପ୍ରଶସ୍ତ ହୃଦୟ ଦରକାର, ସେଭଳି ପୁତ୍ର କନ୍ୟାର କୃତଜ୍ଞତା ଓ ସମ୍ବେଦନଶୀଳତା ଦରକାର। ଏହିଭଳି ଦୃଷ୍ଟିଭଙ୍ଗୀ ପୋଷଣ କଲେ ପିତା-ପୁତ୍ର-କନ୍ୟା ସମ୍ପର୍କ ମଧୁର ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

# 'ଓଡ଼ିଆଙ୍କ ସ୍ୱପ୍ନ : ସୁନାର ଓଡ଼ିଶା'



ଶାନ୍ତନୁ ଶତପଥୀ

ଓଡ଼ିଆ ଜାତିର ସ୍ୱାଭିମାନ ଓ ସମୃଦ୍ଧିର ଏକ ସୁନ୍ଦର ପ୍ରତିଫଳନ ହେଉଛି 'ଓଡ଼ିଆଙ୍କ ସ୍ୱପ୍ନ : ସୁନାର ଓଡ଼ିଶା'। ଏହା କେବଳ ଏକ କଳ୍ପନା ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟର ଏକ ଗଭୀର ଆଶା। ଓଡ଼ିଶା-ଏକ ପବିତ୍ର ଭୂମି, ଯାହାର ମାଟିରେ କଳା, ସଂସ୍କୃତି ଓ ବୀରତ୍ୱର ଗାଥା ଲିପିବଦ୍ଧ। କଳିଙ୍ଗର ସେହି ଗୌରବମୟ ଇତିହାସକୁ ପୁଣି ଥରେ ଦୋହରାଇବା ଏବଂ ଓଡ଼ିଶାକୁ ବିଶ୍ୱ ଦରବାରରେ ଏକ ଶ୍ରେଷ୍ଠ ପ୍ରଦେଶ ଭାବେ ଗଢ଼ିତୋଳିବା ହେଉଛି ଆଜିର ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱପ୍ନ। ଏହି ସ୍ୱପ୍ନର ନାମ ହେଉଛି 'ସୁନାର ଓଡ଼ିଶା'।

ସୁନାର ଓଡ଼ିଶାର ପ୍ରଥମ ସ୍ୱପ୍ନ ହେଉଛି ନିଜର ଭାଷା, ସାହିତ୍ୟ ଏବଂ ସଂସ୍କୃତିର ସୁରକ୍ଷା। ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିରେ ଜାତି-ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। ଯେଉଁଦିନ ଓଡ଼ିଆ ଭାଷା ବିଶ୍ୱର ପ୍ରତିଟି କୋଣରେ ଶୁଭିବ ଏବଂ ଆମର କୋଣାର୍କ-ପୁରୀର କଳା ଚାତୁରୀ ସାରା ବିଶ୍ୱକୁ ମନ୍ତ୍ରମୁଗ୍ଧ କରିବ, ସେଦିନ ଆମ ସ୍ୱପ୍ନର ଓଡ଼ିଶା ସତ୍ୟ ହେବ। ସୁନାର ଓଡ଼ିଶା କହିଲେ ଏକ ଆତ୍ମନିର୍ଭରଶୀଳ ଓଡ଼ିଶାକୁ ବୁଝାଏ। ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଯେଉଁଦିନ ଆମ ରାଜ୍ୟର ଖଣିଜ ସମ୍ପଦ ଓଡ଼ିଶାର ବିକାଶରେ ସମ୍ପୂର୍ଣ୍ଣ ଭାବେ ବିନିଯୋଗ ହେବ, ଶିଳ୍ପାୟନର ନୂତନ ଦିଗନ୍ତ ଉନ୍ମୋଚିତ ହେବ ଏବଂ କୌଣସି ଓଡ଼ିଆ ଯୁବକ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବେ ନାହିଁ, ସେଦିନ ଓଡ଼ିଶା ପ୍ରକୃତରେ ସୁନାରେ ପରିଣତ ହେବ।

ଆଧୁନିକ ଓଡ଼ିଶାର ସ୍ୱପ୍ନରେ ଗାଁଠୁ ସହର ପର୍ଯ୍ୟନ୍ତ ଶିକ୍ଷାର ସୁଅ ଛୁଟିବ। ପ୍ରତିଟି ଶିଶୁ ଗୁଣାତ୍ମକ ଶିକ୍ଷା ପାଇବେ ଏବଂ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ସହଜଲଭ୍ୟ ହେବ। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଓଡ଼ିଆ ପିଲାମାନେ ସାରା ପୃଥିବୀରେ ନିଜର ପରିଚୟ ସୃଷ୍ଟି କରିବେ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ସୁନାର ଓଡ଼ିଶାର ସ୍ୱପ୍ନ ସେତେବେଳେ ପୂରଣ ହେବ, ଯେତେବେଳେ ଚାଷୀର ମୁହଁରେ ହସ ଫୁଟିବ। ଆଧୁନିକ ଚାଷ ପ୍ରଣାଳୀ ଏବଂ ଜଳସେଚନର ସୁବିଧା ଦ୍ୱାରା ଓଡ଼ିଶାର ଶସ୍ୟ ଶ୍ୟାମଳା ଧରିତ୍ରୀ ସୁନା ଫଳାଇବ।

'ସୁନାର ଓଡ଼ିଶା' କେବଳ ସରକାରଙ୍କ ଦ୍ୱାରା ଗଠନ ହୋଇପାରିବ ନାହିଁ। ଏଥିପାଇଁ ପ୍ରତ୍ୟେକ ଓଡ଼ିଆଙ୍କୁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ। ନିଜର କର୍ମଠତା, ସାଧୁତା ଏବଂ ମାତୃଭୂମି ପ୍ରତି ମମତା ରଖି ଯଦି ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା, ତେବେ ସେହି ଦିନ ବେଶି ଦୂର ନୁହେଁ, ଯେବେ ଓଡ଼ିଶା ପୁଣି ଥରେ ବିଶ୍ୱର ଶୀର୍ଷରେ ବିରାଜମାନ କରିବ। ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବା ପରେ, ଆଗାମୀ ୨୦୩୬ରେ ଓଡ଼ିଶା ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଏହି ଅବସରରେ କୋଟି କୋଟି ଓଡ଼ିଆଙ୍କ ମନରେ ଏକ ନୂତନ ସ୍ପନ୍ଦନ ସୃଷ୍ଟି ହୋଇଛି, ଯାହା ହେଉଛି-'ସୁନାର ଓଡ଼ିଶା'। ଏହା କେବଳ ଏକ ନାରା ନୁହେଁ, ବରଂ ଓଡ଼ିଆ ଅସ୍ମିତା, ବିକାଶ ଏବଂ ସମୃଦ୍ଧିର ଏକ ସାମୂହିକ ସ୍ୱପ୍ନ।

ଓଡ଼ିଶା ଆଜି ଦେଶର 'ନିବେଶ ପେଣ୍ଠସ୍ଥଳ' ଭାବେ ଉଭା ହୋଇଛି। 'ସୁନାର ଓଡ଼ିଶା'ର ପରିକଳ୍ପନାରେ ରାଜ୍ୟକୁ ଏକ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଖଣିଜ ସମ୍ପଦ ସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ ଶିଳ୍ପରେ ଓଡ଼ିଶା ନିଜର ଦାପ୍ତ ବଜାୟ ରଖିଛି। ବନ୍ଦର ଭିତ୍ତିକ ଅର୍ଥନୀତି ମାଧ୍ୟମରେ ବିଦେଶ ସହ ବାଣିଜ୍ୟ କାରବାର ବଢ଼ାଇବା ପାଇଁ ଯୋଜନା ପ୍ରସ୍ତୁତ ଚାଲିଛି।

ଓଡ଼ିଶାର ଆତ୍ମା ଗାଁରେ ବାସ କରେ। ସୁନାର ଓଡ଼ିଶାର ସ୍ୱପ୍ନ ସେତିକିବେଳେ ସଫଳ ହେବ, ଯେତେବେଳେ ପ୍ରତିଟି ଗାଁରେ ସହର ଭଳି ସୁବିଧା ପହଞ୍ଚିବ। ସୁଭଦ୍ରା ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ରାଜ୍ୟର ମା'ମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଜାରି ରହିଛି। ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ଓ ଉପଯୁକ୍ତ ବଜାର ବ୍ୟବସ୍ଥା ଏହି ବିକାଶର ମୂଳଦୁଆ ସାଜିଛି। ବିକାଶ ସହ ଐତିହ୍ୟର ସମନ୍ୱୟ ହିଁ ସୁନାର ଓଡ଼ିଶାର ବିଶେଷତ୍ୱ। ଜଗନ୍ନାଥ ସଂସ୍କୃତିର ପ୍ରସାର ଏବଂ ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୋଣାର୍କରୁ ଧଉଳି ଏବଂ ଶ୍ରୀମନ୍ଦିରରୁ ଲିଙ୍ଗରାଜ ପର୍ଯ୍ୟନ୍ତ ସବୁଠି ସୁନ୍ଦରୀକରଣ ଏବଂ ସଂରକ୍ଷଣର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି।

ଓଡ଼ିଶାର ଯୁବପିଢ଼ି ଆଜି ବିଶ୍ୱ ବଜାର ପାଇଁ ପ୍ରସ୍ତୁତ। 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର' ଭଳି ଅନୁଷ୍ଠାନ ମାଧ୍ୟମରେ ଯୁବକଯୁବତୀମାନଙ୍କୁ ଦକ୍ଷ କରି ଗଢ଼ିତୋଳା ଯାଉଛି। ଷ୍ଟାର୍ଟଅପ୍ ଓଡ଼ିଶା ଜରିଆରେ ନୂଆ ନୂଆ ଉଦ୍ୟୋଗୀ ସୃଷ୍ଟି କରି ଶିଳ୍ପ କ୍ଷେତ୍ରରେ ବିପ୍ଳବ ଆଣିବାକୁ ସରକାର ଓ ଜନସାଧାରଣ ସଂକଳ୍ପବଦ୍ଧ। 'ସୁନାର ଓଡ଼ିଶା' କେବଳ ଭାଷଣରେ ସୀମିତ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ୨୦୩୬ ସୁଦ୍ଧା ଏକ ବିକଶିତ, ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ କରିବା ପାଇଁ ରାଜ୍ୟର ୪.୫ କୋଟି ଜନତା ଏକାଠି ହୋଇଛନ୍ତି। ଯେଉଁଠି ପ୍ରତିଟି ମୁହଁରେ ହସ ଥିବ ଏବଂ ପ୍ରତିଟି ହାତରେ କାମ ଥିବ, ସେଇଆ ହିଁ ହେବ ପ୍ରକୃତ ସୁନାର ଓଡ଼ିଶା।

ସୁନାର ଓଡ଼ିଶା ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷାଗତ ଜ୍ଞାନ ଏବଂ ବିଶ୍ୱସ୍ତରୀୟ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ଅତ୍ୟନ୍ତ ଜରୁରୀ। ଆମ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ଆଧୁନିକ କରିବା, ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କୁ ସାମିଲ କରିବା ଏବଂ ବୈଷୟିକ ଶିକ୍ଷାରେ ମାତୃଭାଷାର ପ୍ରୟୋଗ କରିବା ଏକାନ୍ତ ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ଏବଂ ଅର୍ଥନୈତିକ ସାମର୍ଥ୍ୟର ସଦୁପଯୋଗ କରିବା ପାଇଁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ପାଠ୍ୟକ୍ରମର ସମ୍ପ୍ରସାରଣ,ଓଡ଼ିଶାର ୪୮୦ କିଲୋମିଟର ବେଳାଭୂମି ଏବଂ ବନ୍ଦର ଭିତ୍ତିଭୂମିର ଉପଯୋଗ ପାଇଁ ସାମୁଦ୍ରିକ ପ୍ରତିଷ୍ଠାନ,ରାଜ୍ୟର ପର୍ଯ୍ୟଟନ ଏବଂ ଐତିହ୍ୟ କ୍ଷେତ୍ରକୁ ଅଧିକ ବ୍ୟବସାୟିକ ଓ ସମୃଦ୍ଧ କରିବା ପାଇଁ ହୋଟେଲ ଏବଂ ପର୍ଯ୍ୟଟନ ପରିଚାଳନା, ଯୁବପିଢ଼ିଙ୍କ ମଧ୍ୟରେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ଏବଂ ଆତ୍ମନିର୍ଭରଶୀଳତା ମନୋଭାବ ସୃଷ୍ଟି କରିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠାନ,ଆଧୁନିକ କର୍ପୋରେଟ୍ ଏବଂ ସାମାଜିକ ପ୍ରଶାସନ ପାଇଁ ଦକ୍ଷ ଆଇନଜୀବୀ ସୃଷ୍ଟି କରିବା ପାଇଁ ସମନ୍ୱିତ ଆଇନ ପାଠ୍ୟକ୍ରମ,ଆମର ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ବିଶ୍ୱସ୍ତରୀୟ ଜ୍ଞାନ ଆଦାନପ୍ରଦାନ ସହ ଆନ୍ତର୍ଜାତୀୟ ଶିକ୍ଷକ ନିଯୁକ୍ତି ଏବଂ ଗ୍ଲୋବାଲ୍ ଟ୍ୟାଲେଣ୍ଟ ନିଯୁକ୍ତି ଆବଶ୍ୟକ। ଜର୍ମାନୀ, ଜାପାନ, ଚୀନ ଏବଂ ଇସ୍ରାଏଲ୍ ଭଳି ଉନ୍ନତ ଦେଶରୁ ବିଷୟ ଭିତ୍ତିକ ବିଶେଷଜ୍ଞ ଏବଂ ଅତିଥି ଅଧ୍ୟାପକମାନଙ୍କୁ ବୈଦେଶିକ ବିଶେଷଜ୍ଞ ନିଯୁକ୍ତି ଦିଆଯାଉ। ଶିକ୍ଷା କ୍ଷେତ୍ରରେ ଭାଷା କେବେ ବି ପ୍ରତିବନ୍ଧକ ହେବା ଉଚିତ୍ ନୁହେଁ। ଏଥିପାଇଁ ମାତୃଭାଷାରେ ବୈଷୟିକ ଶିକ୍ଷା (ଓଡ଼ିଆ ଭାଷାର ପ୍ରୟୋଗ) ହେବା ଦରକାର। ସମସ୍ତ ବୈଷୟିକ ପାଠ୍ୟକ୍ରମ ପାଇଁ ଉଚ୍ଚମାନର ପାଠ୍ୟପୁସ୍ତକ ଏବଂ ଅଧ୍ୟାପନା ମଡ୍ୟୁଲ୍ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଉ। ଏହାଦ୍ୱାରା ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନେ ଇଂରାଜୀ ଭାଷାର ଭୟ ନରଖି ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ। ସ୍ଥାନୀୟ ଏବଂ ବିଶ୍ୱ ବଜାର ପାଇଁ ଏକ ଦକ୍ଷ କର୍ମଜୀବୀ ପ୍ରସ୍ତୁତ ହୋଇପାରିବେ। ଫଳରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ରାଜ୍ୟରେ ହିଁ ବିଶ୍ୱସ୍ତରୀୟ ଶିକ୍ଷା ଓ ନିଯୁକ୍ତି ମିଳିବା ଦ୍ୱାରା ମେଧାବୀ ପିଲାମାନେ ବାହାରକୁ ଯିବା ବନ୍ଦ ହେବ। ଓଡ଼ିଶାକୁ ସ୍ୱତନ୍ତ୍ର ବୃତ୍ତିଗତ ଏବଂ ବୈଷୟିକ ଗବେଷଣାର ନବସୃଜନ କେନ୍ଦ୍ର ଭାବେ ଗଢ଼ି ତୋଳିବା।

ଆମର ସ୍ଥାନୀୟ ସମ୍ପଦ ଓ ଭାଷା ସହିତ ବିଶ୍ୱସ୍ତରୀୟ ଜ୍ଞାନର ସମନ୍ୱୟ ହିଁ ଏକ ସମୃଦ୍ଧ ଭବିଷ୍ୟତର ଚାବିକାଠି। ଆମର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ଓଡ଼ିଶାର ସମ୍ମାନକୁ ବିଶ୍ୱ ଦରବାରରେ ବୃଦ୍ଧି କରିବା ପାଇଁ ଏହି ରୋଡମ୍ୟାପ୍ ଉପରେ ବିଚାର କରିବାର ଆବଶ୍ୟକତା ରହିଛି।

ଯୁବ ସମାଜସେବୀ
ଭୁବନେଶ୍ୱର

# ପର୍ଯ୍ୟଟନରେ ପକ୍ଷପାତ : ପୂର୍ବାଞ୍ଚଳରେ ପ୍ରଚୁର, ପଶ୍ଚିମାଞ୍ଚଳରେ ପ୍ରତୀକ୍ଷା



ସିତାଂଶୁ ଶେଖର ମିଶ୍ର

ଗ୍ରାମୀଣ ପର୍ଯ୍ୟଟନ ଆଜି ଭାରତର ଅର୍ଥନୈତିକ ଓ ସାମାଜିକ ବିକାଶରେ ଏକ ନୂତନ ଆଶାର ଆଲୋକ ଭାବେ ଉଦୟ ହେଉଛି। ସରକାରଙ୍କ ନୂତନ ଯୋଜନା, ଆକର୍ଷଣୀୟ ଘୋଷଣା ଓ ବିଶେଷ ପ୍ରକଳ୍ପମାନେ ଏହି କ୍ଷେତ୍ରକୁ ଗତି ଦେଉଛନ୍ତି—ଏହା ନିଶ୍ଚିତଭାବେ ସକାରାତ୍ମକ। କିନ୍ତୁ ପ୍ରଶ୍ନ ହେଉଛି—ଏହି ବିକାଶ କି ସମସ୍ତ ଅଞ୍ଚଳକୁ ସମାନ ଭାବରେ ସ୍ପର୍ଶ କରୁଛି ? ବାସ୍ତବ ଚିତ୍ର ତାହାର ପ୍ରତିକୂଳ। ଓଡ଼ିଶାରେ ପର୍ଯ୍ୟଟନ ବିକାଶର ଅଧିକାଂଶ ପ୍ରୟାସ ପୂର୍ବାଞ୍ଚଳକୁ କେନ୍ଦ୍ର କରି ସୀମିତ ରହିଛି, ଯେଉଁଠାରେ ପଶ୍ଚିମାଞ୍ଚଳ ଏପର୍ଯ୍ୟନ୍ତ ଅବହେଳାର ଛାୟାରେ ଅଟକିଛି। ସ୍ୱାଧୀନତାର ସାତ ଦଶକ ପରେ ମଧ୍ୟ ଏହି ଅଞ୍ଚଳ ଗ୍ରାମୀଣ ପର୍ଯ୍ୟଟନ ମାନଚିତ୍ରରେ ପ୍ରାୟ ଅଦୃଶ୍ୟ—ଏହା ନିଶ୍ଚୟ ଗଭୀର ଚିନ୍ତାର ବିଷୟ। ଆଶ୍ଚର୍ଯ୍ୟ ହେଉଛି, ପଶ୍ଚିମାଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ପୁରାତନ ଐତିହ୍ୟ, ଲୋକସଂସ୍କୃତି ଓ ପାରମ୍ପରିକ ଜୀବନଶୈଳୀର କୌଣସି ଅଭାବ ନାହିଁ। ସୁବର୍ଣ୍ଣପୁର ଏହାର ଜ୍ୱଳନ୍ତ ଉଦାହରଣ। ଛଞ୍ଚାଣଡୁଙ୍ଗୁରି, କୋଶଳେଶ୍ୱର, କପିଳେଶ୍ୱର, ପାପକ୍ଷୟ ଘାଟ, ପୂଜାଡୁଙ୍ଗୁରି, ବାରପାହାଡ଼, ଚୂଡ଼ାଖାଇ ପାହାଡ଼, ଭୀମଭୋଇଙ୍କ ସମାଧି ପୀଠ ପରି ସ୍ଥାନମାନେ ପ୍ରାକୃତିକ ଓ ଆଧ୍ୟାତ୍ମିକ ଆକର୍ଷଣର କେନ୍ଦ୍ରବିନ୍ଦୁ। ସେହିପରି ବିରମହାରାଜପୁର ଉପଖଣ୍ଡର ପାତାଳି ଶ୍ରୀକ୍ଷେତ୍ର, ଠେଙ୍ଗୋଡେମ୍, ମା' ମେଟାକାନୀ, ନୃସିଂହ ଖମଣ, ବରାହ ପଦର ମଠ, ଚଡେଇଗୁଡ଼ିର ଶ୍ରୀ ଅରବିନ୍ଦ ଆଶ୍ରମ, ବାଘପାଲିର ଭକ୍ତ କବି ଚନ୍ଦ୍ରମଣି ଦାସଙ୍କ ସ୍ମୃତିକ୍ଷେତ୍ର ଓ ଦେଉଳଝରି ଗୁମ୍ଫା ଗ୍ରାମୀଣ ପର୍ଯ୍ୟଟନର ଅପାର ସମ୍ଭାବନାକୁ ଉଜାଗର କରୁଛି। ତଥାପି, ପ୍ରଚାର ଓ ଭିତ୍ତିଭୂମିର ଅଭାବ ଏହି ସମସ୍ତ ସମ୍ପଦକୁ ପ୍ରାୟ ଅନୁପଯୋଗୀ କରିଦେଇଛି। ଭଲ ସଡ଼କ ସଂଯୋଗ, ରହଣୀୟ ବ୍ୟବସ୍ଥା, ପର୍ଯ୍ୟଟନ ସୂଚନା କେନ୍ଦ୍ର ଓ ପ୍ରଭାବଶାଳୀ ପ୍ରଚାର ନଥିବାରୁ ଏହି ଅଞ୍ଚଳ ପର୍ଯ୍ୟଟକଙ୍କ ଦୃଷ୍ଟିରୁ ଦୂରେ ରହିଯାଉଛି। ଯେଉଁଠାରେ ପର୍ଯ୍ୟଟନ ଆର୍ଥିକ ସମୃଦ୍ଧିର ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରୁଥାନ୍ତା, ସେଠାରେ ଏହା ଏବେ ମଧ୍ୟ ଅପୂରଣୀୟ ସମ୍ଭାବନାରେ ଅଟକିଛି। ଏହି ପରିସ୍ଥିତି କେବଳ ପରିକଳ୍ପନାର ଅଭାବକୁ ନୁହେଁ, ବରଂ ଏକ ପକ୍ଷପାତମୂଳକ ଦୃଷ୍ଟିଭଙ୍ଗୀକୁ ସୂଚିତ କରେ। ଗଣତନ୍ତ୍ରର ମୂଳ ଆଦର୍ଶ ହେଉଛି ସମାନ ବିକାଶ; କିନ୍ତୁ ଯେତେବେଳେ କିଛି ଅଞ୍ଚଳ ଦ୍ରୁତ ଅଗ୍ରଗତି କରୁଛି ଓ ଅନ୍ୟମାନେ ପଛରେ ପଡ଼ିରହୁଛନ୍ତି, ସେଥିରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରଶ୍ନବିଦ୍ଧ ହୁଏ।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକଙ୍କ ଭୂମିକାକୁ ଅନୁଦୃଷ୍ଟ କରାଯାଇପାରେନାହିଁ। ଅନ୍ୟ ଅଞ୍ଚଳର ସଫଳତାକୁ ସ୍ୱୀକାର କରିବା ଭଲ, କିନ୍ତୁ ନିଜ ଅଞ୍ଚଳର ଅଧିକାର ପାଇଁ ସ୍ୱର ଉଠାଇବା ତାହାଠାରୁ ଅଧିକ ଆବଶ୍ୟକ। ନିରବତା କେବେ ବିକାଶର ଦ୍ୱାର ଖୋଲିନାହିଁ।

ସରକାରଙ୍କୁ ଏଠାରେ ସ୍ପଷ୍ଟ ଓ ସମନ୍ୱିତ ନୀତି ଗ୍ରହଣ କରିବା ଆବଶ୍ୟକ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଗ୍ରାମୀଣ ପର୍ଯ୍ୟଟନ ସମ୍ଭାବନାର ସମୀକ୍ଷା କରି ସମାନ ଭାବରେ ବିକାଶ ଯୋଜନା କରାଯିବା ଉଚିତ। ପଶ୍ଚିମାଞ୍ଚଳର ପ୍ରାକୃତିକ ଓ ଐତିହ୍ୟମୟ ସମ୍ପଦକୁ ଚିହ୍ନଟ କରି ସେଗୁଡ଼ିକୁ ଯଥାଯଥ ପ୍ରଚାର ଓ ଭିତ୍ତିଭୂମି ସହାୟତା ଦେବା ଦରକାର। ନଚେତ୍ "ବିକାଶ" କେବଳ କିଛି ଅଞ୍ଚଳରେ ସୀମିତ ରହିଯିବ, ଓ ପଶ୍ଚିମାଞ୍ଚଳ ପରି ଅଞ୍ଚଳମାନେ ଅବହେଳାର ଚକ୍ରରୁ ବାହାରିପାରିବେନାହିଁ।

ଏହା କେବଳ ଅଭିଯୋଗ ନୁହେଁ—ଏକ ଆହ୍ୱାନ। ସଚେତନତା, ସଂଗଠନ ଓ ସଂଘବଦ୍ଧ ଦାବି ମାଧ୍ୟମରେ ହିଁ ପଶ୍ଚିମାଞ୍ଚଳ ନିଜ ଅଧିକାର ହାସଲ କରିପାରିବ। ସମାନ ବିକାଶର ସ୍ୱପ୍ନ ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ପ୍ରତ୍ୟେକ ଅଞ୍ଚଳର ଉନ୍ନତି ସମାନ ଭାବରେ ଦୃଶ୍ୟମାନ ହେବ।

ଶାନ୍ତିନଗର,ସୋନପୁର
ଦୂରଭାଷ.୮୧୪୪୮ ୭୦୭୨୯

# ନିର୍ବାଚନରେ ଅର୍ଥ କାରବାର ବଢ଼ୁଛି କାହିଁକି ?



ରବି ଦାସ

ଭାରତରେ ନିର୍ବାଚନ ବ୍ୟବସ୍ଥାରେ ଅସାଧୁତା ଓ ଅବିଶ୍ୱାସ ମନୋଭାବ ବଢ଼ି ବଢ଼ି ଚାଲିଛି। ସେଥିପାଇଁ ନିର୍ବାଚନ କମିଶନ ପରି ଦେଶର ଏକ ମୁଖ୍ୟ ସାମ୍ବିଧାନିକ ସଂସ୍ଥା ଯାହାଙ୍କୁ ସାଧୁତା ଓ ନିରପେକ୍ଷତାର ସହିତ ନିର୍ବାଚନ ପରିଚାଳନା କରିବାର ଦାୟିତ୍ୱ ଦିଆଯାଇଛି ତାଙ୍କୁ ଜଣେ ପକ୍ଷପାତ ସଂସ୍ଥା ଭାବରେ ବିଚାର କରାଯାଉଛି। ଯେଉଁ ନିର୍ବାଚନ କମିଶନର୍ କାର୍ଯ୍ୟ ଓ ସାଧୁତା ଯୋଗୁଁ ଭାରତର ନିର୍ବାଚନ ପରିଚାଳନାକୁ ସାରାବିଶ୍ୱରେ ପ୍ରଶଂସା କରାଯାଉଥିଲା ଓ ନୂତନ ଭାବରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ କରୁଥିବା ଅନେକ ଦେଶ ଭାରତର ନିର୍ବାଚନ କମିଶନରଙ୍କ ଠାରୁ ନିର୍ବାଚନ ପରିଚାଳନା ସମ୍ପର୍କରେ ଶିକ୍ଷା ନେଉଥିଲେ। କିନ୍ତୁ ଏବେ ପରିସ୍ଥିତି ଏପରି ବଦଳି ଯାଇଛି ଯେ, ନିର୍ବାଚନ କମିଶନକୁ ସରକାରୀ ଦଳର ଏଜେଂଟ ଭାବରେ ବିରୋଧୀ ଦଳମାନେ ଆକ୍ଷେପ କରିବାକୁ ସାହାସ କରୁଛନ୍ତି। ଏହା ଭିତରେ ଭୋଟ୍ ଚୋରୀ ନେଇ ଯେଉଁ ଅଭିଯୋଗ ହେଉଛି ତାହାର ପୃଷ୍ଠଭୂମିରେ ମଧ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟଧାରା ଓ ଏକପାକ୍ଷିଆ ବିଚାର ରହିଥିବା କୁହାଯାଉଛି। ଯଦିଓ ଭୋଟ୍‌ଚୋରୀ ନେଇ ନିର୍ଦ୍ଦିଷ୍ଟ ଭାବରେ ଅଦାଲତରେ କୌଣସି ପ୍ରମାଣଯୋଗ୍ୟ ତଥ୍ୟ ବା ଅଭିଯୋଗ ଆସିନଥିବାରୁ ଭୋଟ୍‌ଚୋରୀ ଏକ ରାଜନୈତିକ ସ୍ଲୋଗାନ ଭାବରେ ଅନେକ ବିଚାର କରୁଛନ୍ତି। କିନ୍ତୁ ଏବେ ନିର୍ବାଚନ କମିଶନର୍ ଏସ୍‌ଆଇଆର୍ ଜରିଆରେ ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାର ଯେଉଁ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ସେଥିରେ ପ୍ରତ୍ୟେକ ଭୋଟର୍ ଅସ୍ଥିରତା ଭିତରକୁ ପ୍ରବେଶ କରିଥିବା ଅନୁଭବ କରୁଛି। ପୂର୍ବରୁ ବରାବର ଭୋଟର୍ ତାଲିକାର ସଂଶୋଧନ ହେଉଥିଲା, ଏପରିକି ବ୍ୟାପକ ସଂଶୋଧନ ପ୍ରକ୍ରିୟା ମଧ୍ୟ ହୋଇଛି। ସବୁକ୍ଷେତ୍ରରେ ଭୋଟର୍‌ମାନଙ୍କୁ ନିଜର ନାଗରିକତ୍ୱ ପ୍ରମାଣ ଦେବାପାଇଁ କେବେ ବି କୁହାଯାଇନଥିଲା। ଯଦିଓ ଜଣେ ବ୍ୟକ୍ତି ଭୋଟର୍ ହେବାକୁ ହେଲେ ସେ ଦେଶର ନାଗରିକ ହେବା ଦରକାର ବୋଲି ବ୍ୟବସ୍ଥା ଅଛି, କିନ୍ତୁ ଏହି ବ୍ୟବସ୍ଥାରେ ବିଭିନ୍ନ ନିର୍ବାଚନରେ ଗତ ୭୫ ବର୍ଷ ଭିତରେ ଭୋଟର୍‌ମାନେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିଛନ୍ତି। ଭୋଟର୍ ହେବା ପାଇଁ ବ୍ୟକ୍ତିମାନଙ୍କୁ ନିଜର ଭୋଟର୍ ଭାବରେ ସାବ୍ୟସ୍ତ କରିବା ପାଇଁ ବୁଥ୍‌ସ୍ତରୀୟ ଏଜେଂଟ ବା ସରକାରୀ ଅଧିକାରୀମାନଙ୍କ ପାଖକୁ ବାରମ୍ବାର ଯିବାକୁ ପଡୁନଥିଲା। ଏହି ବ୍ୟାପାର ଉପରେ ଖୋଦ୍ ସୁପ୍ରିମ୍‌କୋର୍ଟ ନିକଟରେ ବିହାର ନିର୍ବାଚନ ପୂର୍ବରୁ ପିଟିସନ୍ କରାଯାଇଥିଲେ ମଧ୍ୟ ଏସ୍‌ଆଇଆର୍ ସଂକ୍ରାନ୍ତରେ ପଚରାଯାଇଥିବା ମୌଳିକ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ କୌଣସି ସିଦ୍ଧାନ୍ତ ନଦେଇ ଗୋଟିଏ ପରେ ଗୋଟିଏ ରାଜ୍ୟର ଏସ୍‌ଆଇଆର୍ ସମୟରେ କେବଳ ଗୁଡ଼ିଏ ପ୍ରଶାସନିକ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏସ୍‌ଆଇଆର୍‌ର ଆବଶ୍ୟକତା ଏବଂ କେଉଁ ଭାବରେ ଏହା କରାଯାଇପାରିବ ସେ ସଂକ୍ରାନ୍ତରେ ସମ୍ବିଧାନ ବ୍ୟବସ୍ଥା କ'ଣ କହୁଛି ତାହା ସୁପ୍ରିମ୍‌କୋର୍ଟ ଏପର୍ଯ୍ୟନ୍ତ ମତ ଦେଇନାହାନ୍ତି। ବିହାର ନିର୍ବାଚନ ଶେଷ ହୋଇଛି ଓ ଆସନ୍ତା କେତେମାସ ମଧ୍ୟରେ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ବି ଶେଷ ହୋଇଯିବ। କିନ୍ତୁ ସେହିସବୁ ରାଜ୍ୟରେ ଏସ୍‌ଆଇଆର୍‌କୁ ନେଇ ଲକ୍ଷ ଲକ୍ଷ ସଂଖ୍ୟାର ଭୋଟର୍‌ମାନଙ୍କୁ ବାଦ୍ ଦିଆଯାଉଥିବା ଯୋଗୁ ଏସ୍‌ଆଇଆର୍ ଭୋଟର୍‌ମାନଙ୍କୁ ବାହାର କରିବା ପାଇଁ ଏକ ପ୍ରକ୍ରିୟା ବୋଲି ବିଚାର କରାଯାଉଛି। ନିର୍ବାଚନ କମିଶନ କେଉଁମାନଙ୍କୁ ଭୋଟର୍ ତାଲିକାରୁ ବାଦ୍ ଦେବେ ସେଥିପାଇଁ ଯେଉଁ ଟେକ୍ନୋଲୋଜିର ଆଶ୍ରୟ ନେଇଛନ୍ତି ତାହା ନେଇ ବେଶ୍ ଦ୍ୱନ୍ଦ୍ୱ ରହିଛି। ଅପରପକ୍ଷରେ ଫର୍ମ-୭ ଜରିଆରେ ଯେକୌଣସି ଲୋକ ଚାହିଁଲେ କିଛି ଭୋଟରଙ୍କୁ ତାଲିକାରୁ ହଟାଇବା ପାଇଁ ଅଭିଯୋଗ କରିପାରିବେ ବୋଲି ଯେଉଁ ବ୍ୟବସ୍ଥା ଅଛି ତାହା କେତେଦୂର ଯଥାର୍ଥ ତାହା ଉପରେ ସିଦ୍ଧାନ୍ତ ନିଆଯାଉନାହିଁ। ନିର୍ବାଚନ କମିଶନରଙ୍କ କାର୍ଯ୍ୟକଳାପ ଛଡ଼ା ଭୋଟ୍ ଗ୍ରହଣ ପୂର୍ବରୁ ରାଜ୍ୟ ସରକାର ବା କେନ୍ଦ୍ର ସରକାର ଭୋଟର୍‌ମାନଙ୍କୁ ପ୍ରଭାବିତ କରିବା ପାଇଁ ଡାଇରେକ୍ଟ କ୍ୟାସ୍ ଟ୍ରାନ୍ସଫର୍ ନାମରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ଘୋଷଣା କରୁଛନ୍ତି ସେଗୁଡ଼ିକ ନିର୍ବାଚନର ଆଚରଣ ବିଧି ଅନୁସାରେ କେତେଦୂର ଯୁକ୍ତିଯୁକ୍ତ ତା' ନେଇ ପ୍ରଶ୍ନ ଉଠୁଛି। କାରଣ ନିର୍ବାଚନ ପରେ ଦେଖାଯାଉଛି ଯେ, ଏହି କ୍ୟାସ୍ ଟ୍ରାନ୍ସଫର୍ ସ୍କିମ୍ ଯୋଗୁ ସେହି ଶ୍ରେଣୀର ଭୋଟର୍‌ମାନେ ସରକାରୀ ଦଳ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ମଧ୍ୟପ୍ରଦେଶରେ ଲଡକି ବହେନ୍ ସ୍କିମ୍‌ରେ ବିଧାନସଭା ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ମାସିକ ୧୨୦୦ଟଙ୍କା ଦିଆଗଲା। ନିର୍ବାଚନରେ ଏହି ସ୍କିମ୍‌ଟି ବେଶ୍ ନିର୍ଣ୍ଣାୟକ ହୋଇଗଲା। ଠିକ୍ ସେହି ପନ୍ଥା ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ରରେ ଗ୍ରହଣ କରାଗଲା। ଫଳରେ ସେହି ରାଜ୍ୟର ମହିଳାମାନେ ସରକାରୀ ଦଳପ୍ରତି ଆକୃଷ୍ଟ ହୋଇଗଲେ। ନିର୍ବାଚନ ଘୋଷଣା ପୂର୍ବରୁ ଏହି ସ୍କିମ୍ ଚାଲୁ କରିଦିଆଯାଇଥିଲେ ନିର୍ବାଚନ ଭିତରେ ମଧ୍ୟ କ୍ୟାସ୍ ଟ୍ରାନ୍ସଫର୍ ଜରିଆରେ ସେହି ଶ୍ରେଣୀ ହାତରେ ଅର୍ଥ ପହଂଚି ପାରୁଛି। ନିକଟରେ ବିହାର ନିର୍ବାଚନ ସମୟରେ ସେଠାରେ କ୍ଷମତାରେ ଥିବା ଜେଡ଼ିୟୁ ଓ ବିଜେପି ସରକାର ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ନାମରେ ପ୍ରତି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କଲେ। ନିର୍ବାଚନ ଭିତରେ ମଧ୍ୟ ଏହି ଅର୍ଥଦବା ପ୍ରକ୍ରିୟା ଚାଲୁରହିଲା। ଏହା ମଡେଲ୍ କୋଡ୍ ଅଫ୍ କଣ୍ଡକ୍ଟ ର ତୀବ୍ର ଉଲଂଘନ ହୋଇଥିଲେ ମଧ୍ୟ ନିର୍ବାଚନ କମିଶନର୍ ଏଥିରେ ହସ୍ତକ୍ଷେପ ନକରି ଏଥିପାଇଁ ଅନୁମତି ପ୍ରଦାନ କଲେ। ମହିଳାମାନଙ୍କୁ ସିଧାସଳଖ ଭାବରେ ଅର୍ଥ ଜରିଆରେ ଏକ ନିର୍ଦ୍ଦିଷ୍ଟ ମେଂଟ ପାଇଁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହା ବ୍ୟବହୃତ ହୋଇଥିବା କୁହାଯାଇଛି। କିନ୍ତୁ ନିର୍ବାଚନ କମିଶନର୍ ଆଦର୍ଶ ନିର୍ବାଚନ ଆଚରଣ ବିଧି ଅନୁସାରେ ଏହି ବ୍ୟବସ୍ଥାକୁ ବିରୋଧ କଲେ ନାହିଁ। କିନ୍ତୁ ସେହି ନିର୍ବାଚନ କମିଶନର୍ ପୂର୍ବରୁ ତାମିଲନାଡୁରେ ଓ ତେଲେଙ୍ଗାନାରେ ନିର୍ବାଚନ ସମୟରେ କ୍ୟାସ୍ ଟ୍ରାନ୍ସଫର୍ ସ୍କିମ୍‌କୁ ଆଦର୍ଶ ଆଚରଣ ବିଧି ଦର୍ଶାଇ ବନ୍ଦ କରିଦେଇଥିଲେ। ଏହି ଦୁଇପ୍ରକାର ମାନଦଣ୍ଡ ଯୋଗୁ ଏଥର ତାମିଲନାଡୁ ସରକାର ନିର୍ବାଚନ ଘୋଷଣା ପୂର୍ବରୁ ରାଜ୍ୟର ଯେଉଁ ୧ କୋଟି ୩୩ ଲକ୍ଷ ମହିଳାଙ୍କୁ ରାଜ୍ୟ ସରକାର ଏକ ସ୍କିମ୍ ଜରିଆରେ ୨୦୨୩ ରୁ ମାସିକ ୧ ହଜାର ଟଙ୍କା ଦେଇ ସହାୟତା ଦେଉଛନ୍ତି ତାହାକୁ କାଳେ ଆଦର୍ଶ ଆଚରଣ ବିଧିରେ ନିର୍ବାଚନ କମିଶନର୍ ବନ୍ଦ କରିଦେବେ ସେଥିପାଇଁ ଫେବୃଆରୀ, ମାର୍ଚ୍ଚ ଓ ଏପ୍ରିଲ୍ ମାସର ମିଳିତ ୩ ମାସର ଅର୍ଥ ସହିତ ଗ୍ରୀଷ୍ମକାଳୀନ ସହାୟତା ଭାବରେ ପ୍ରତ୍ୟେକ ମହିଳାଙ୍କୁ ୨୦୦୦ ଟଙ୍କା ଭାବରେ ପ୍ରାୟ ୫ ହଜାର ଟଙ୍କା ଏହି ମହିଳାମାନଙ୍କ ଆକାଉଂଟକୁ ପଠାଇ ଦିଆଯାଇଛି। ଅନ୍ୟରାଜ୍ୟର ମହିଳା ସ୍କିମ୍ ପରି ମହିଳାମାନଙ୍କ ଭୋଟ୍ ଆକୃଷ୍ଟ କରିବା ପାଇଁ ଏହା ଗୋଟିଏ ସୁଚିନ୍ତିତ ଯୋଜନା ବୋଲି ସହଜରେ କୁହାଯାଇପାରେ। ଭୋଟର୍‌ମାନଙ୍କୁ ଅର୍ଥ ଜରିଆରେ ପ୍ରଲୋଭିତ କରିବା ନିର୍ବାଚନ ଆଇନ୍‌ରେ ଏକ ବଡ଼ ଅପରାଧ। କିନ୍ତୁ ସେହି କାର୍ଯ୍ୟ ଯଦି ସରକାରୀ ସ୍କିମ୍ ଜରିଆରେ ନିର୍ବାଚନ ସମୟରେ କରାଯାଏ, ତେବେ ତାହାକୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ବିଚାର କରାଯାଉନାହିଁ। ସରକାରୀ ସ୍କିମ୍‌ରେ ଭୋଟରଙ୍କୁ କ୍ୟାସ୍ ଟ୍ରାନ୍ସଫର ଜରିଆରେ ପ୍ରଲୋଭିତ କରୁଥିବା ସମୟରେ ବିଭିନ୍ନ ଦଳର ଦଳୀୟ ପ୍ରାର୍ଥୀମାନେ ନିର୍ବାଚନ ସମୟରେ ଭୋଟର୍‌ମାନଙ୍କୁ ଅର୍ଥ ବଳରେ ଆକୃଷ୍ଟ କରିବା ପାଇଁ କେତେଗୁଡ଼ିଏ କାର୍ଯ୍ୟ ମଧ୍ୟ କରୁଛନ୍ତି। ଯଦିଓ ନିର୍ବାଚନରେ ଜଣେ ପ୍ରାର୍ଥୀ କେତେ ଖର୍ଚ୍ଚ କରିପାରିବ, ସେଥିପାଇଁ ନିର୍ଦ୍ଦିଷ୍ଟ ସୀମା ରହିଛି, କିନ୍ତୁ ଗୋଟିଏ ରାଜନୈତିକ ଦଳ ନିର୍ବାଚନରେ କେତେ ଖର୍ଚ୍ଚ କରିପାରିବ ତାହାର କୌଣସି ସୀମା ନାହିଁ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ କେତେ ଅର୍ଥ ଯୋଗାଡ଼ କରିପାରିବେ ଓ ନିର୍ବାଚନରେ କେତେ ଅର୍ଥ ବ୍ୟୟ କରିପାରିବେ ସେହି ଅନୁସାରେ ଦଳ ପ୍ରତି ସମର୍ଥନ ବା ପରିବେଶ ସୃଷ୍ଟି ହେଉଛି। ଇଲୋକ୍ଟୋରାଲ୍ ବଣ୍ଡ୍ ଜରିଆରେ ରାଜନୈତିକ ଦଳମାନଙ୍କୁ କମ୍ପାନୀମାନେ ଦେଉଥିବା ଚାନ୍ଦା ବ୍ୟବସ୍ଥାକୁ ନରେନ୍ଦ୍ର ମୋଦୀଙ୍କ ସରକାର କିଛି ବର୍ଷ ଚଳାଇଥିଲେ। କିନ୍ତୁ ତାହାକୁ ସୁପ୍ରିମ୍‌କୋର୍ଟ ଅସାମ୍ବିଧାନିକ ବୋଲି ଘୋଷଣା କରିବା ପରେ କମ୍ପାନୀମାନଙ୍କର ରାଜନୈତିକ ଦଳମାନଙ୍କୁ ଚାନ୍ଦା ଇଲୋକ୍ଟୋରାଲ୍ ଟ୍ରଷ୍ଟ ଜରିଆରେ ପରିଚାଳିତ ହେଉଛି। ଦେଖାଯାଉଛି ଏହି ଇଲୋକ୍ଟୋରାଲ୍ ଟ୍ରଷ୍ଟ କେବଳ ଶାସନ କ୍ଷମତାରେ ଥିବା ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରି ମୋଟ ଚାନ୍ଦା ଅର୍ଥର ୮୨ ଭାଗ ପ୍ରଦାନ କରୁଛନ୍ତି। ଏହି ଇଲୋକ୍ଟୋରାଲ୍ ଟ୍ରଷ୍ଟଗୁଡ଼ିକ ୨୦୨୪-୨୫ ରେ ୩୮୨୬.୩୪ କୋଟି ଟଙ୍କା କମ୍ପାନୀମାନଙ୍କ ଠାରୁ ଚାନ୍ଦା ସଂଗ୍ରହ କରି ରାଜନୈତିକ ଦଳମାନଙ୍କୁ ଦେଇଛନ୍ତି। ଏଥିରୁ ଶତକଡ଼ା ୮୨ ଭାଗ ଅର୍ଥ କେବଳ ବିଜେପିକୁ ପ୍ରଦାନ କରାଯାଇଛି। ଏହି ଇଲୋକ୍ଟୋରାଲ୍ ଟ୍ରଷ୍ଟଗୁଡ଼ିକରୁ ମାତ୍ର ୧୦ଟି ଉପରୋକ୍ତ ଆର୍ଥୀକ ଚାନ୍ଦା ଦେଇଥିବା ନିର୍ବାଚନ କମିଶନରଙ୍କୁ ଜଣାଇଥିବା ବେଳେ ଅନ୍ୟ ୧୦ଟିର ରିପୋର୍ଟ ଏବେ ବି ଉପଲବ୍ଧ ହୋଇନାହିଁ। ବିଜେପି ପଛକୁ କଂଗ୍ରେସ ଦଳ ମାତ୍ର ୨୯୮ କୋଟି ଟଙ୍କା ଓ ତୃଣମୂଳ କଂଗ୍ରେସକୁ ୧୦୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଦେଶରେ ରାଜନୈତିକ ଦଳମାନଙ୍କ ଭିତରେ ଏକ ସମପ୍ରତିଯୋଗୀତା ସମ୍ଭାବନା ଏହି ଆର୍ଥୀକ କାରଣରୁ କମିବାରେ ଲାଗିଛି। ସେହି ଦୃଷ୍ଟିରୁ ସମୟ ଆସିଛି ଯେତେବେଳେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଓ ରାଜନୈତିକ ଦଳମାନଙ୍କୁ ଇଲୋକ୍ଟୋରାଲ୍ ଟ୍ରଷ୍ଟ ଜରିଆରେ ପ୍ରଦାନ କରାଯାଉଥିବା ଅର୍ଥ ଉପରେ ଅଙ୍କୁଶ ଆଣିବାକୁ ପଡ଼ିବ। ରାଜନୈତିକ ଦଳର ନିର୍ବାଚନ ଖର୍ଚ୍ଚ ଯଦି ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ପରି ନିର୍ଦ୍ଧାରିତ ନହୁଏ ତେବେ ଯେଉଁ ଦଳ ପାଖରେ ଅଧିକ ଅର୍ଥ ରହିବ ସେହି ଦଳ ନିର୍ବାଚନକୁ ସହଜରେ ପ୍ରଭାବିତ କରିପାରିବ। ଏହା ଏକ ସୁସ୍ଥ ନିର୍ବାଚନ ବ୍ୟବସ୍ଥା ପ୍ରତି ବିପଦ ବୋଲି ବିଚାର କରାଯିବ। ଇତିମଧ୍ୟରେ ସୁପ୍ରିମ୍‌କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ରାଜ୍ୟ ବା କେନ୍ଦ୍ର ସରକାର ଫି ବିଟ୍ ନାମରେ ଯେଉଁସବୁ ଯୋଜନା କରି ଲୋକମାନଙ୍କ ହାତକୁ ଟଙ୍କା ଦେଇ ଭୋଟ୍ ନେବାକୁ ଚେଷ୍ଟା କରୁନ୍ତି। ତାହା ଆଦୌ ଗ୍ରହଣୀୟ ନୁହେଁ। ଦେଶର ସବୁ ରାଜନୈତିକ ଦଳ ଏହି ପନ୍ଥାର ଆଶ୍ରୟ ନେଉଥିବାରୁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଦଳକୁ ଲକ୍ଷ୍ୟ ନରଖି ଭାରତୀୟ ଅର୍ଥନୀତି ଓ ରାଜ୍ୟର ଅର୍ଥନୀତିକୁ ବିଚାର କରି ଏପରି ସବୁ ମାଗଣା ବଂଟନ ସ୍କିମ୍ ପ୍ରଣୟନ ନକରିବାକୁ ପରାମର୍ଶ ଦେଇଛନ୍ତି। ତାହା ବଦଳରେ ବଜେଟ୍‌ରେ ଏପରି ନୀତି ଓ ବ୍ୟୟବରାଦ ହେବା ଦରକାର, ଯେଉଁଥିରେ ବିକାଶ ସହିତ ଲୋକମାନଙ୍କର ନିଯୁକ୍ତି ବଢ଼ିବ। ସୁପ୍ରିମ୍‌କୋର୍ଟଙ୍କର ଏହି ମତାମତକୁ ଯଦି ସବୁ ରାଜନୈତିକ ଦଳ ଗୁରୁତ୍ୱ ଦିଅନ୍ତି, ତେବେ ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ଅର୍ଥ ମାଧ୍ୟମରେ ସବୁ କିଛି ଲକ୍ଷ୍ୟ ହାସଲ ହେବ ବୋଲି ରାଜନୈତିକ ଦଳ ଓ ନେତାମାନଙ୍କର ବିଚାର ନିଶ୍ଚିତ ଭାବରେ ବଦଳି ପାରିବ।

ମୋ: ୮୦୧୮୦୯୪୪୫୫

# ମୁଖ୍ୟମନ୍ତ୍ରୀ ପଦବୀରେ କେଉଁ ସାମାଜିକ ବର୍ଗଙ୍କର ପ୍ରାଧାନ୍ୟ

## ପ୍ରତ୍ୟେକ ରାଜ୍ୟର ଭିନ୍ନ ଭିନ୍ନ ସାମାଜିକ ସମୀକରଣ



ନୂଆଦିଲ୍ଲୀ, ୦୨/୦୫ : ଭାରତୀୟ ଗଣତନ୍ତ୍ରରେ କିଏ କ୍ଷମତାରେ ଅଛି ଏବଂ କିଏ କେଉଁ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରେ ଏହି ପ୍ରଶ୍ନ ସର୍ବଦା ବିତର୍କର ବିଷୟ ହୋଇଆସିଛି। ସାମ୍ପ୍ରତିକ ତଥ୍ୟ ଏହି ଆଲୋଚନାକୁ ଏକ ନୂତନ ଦିଗ ଦେଇଛି। ଏହି ତଥ୍ୟ ସ୍ପଷ୍ଟ କରିଛି ଯେ, ଭାରତର ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ କେଉଁ ସାମାଜିକ ବର୍ଗ କ୍ଷମତାରେ ଅଛନ୍ତି। ପର୍ସନ-ଡେଜ୍ ଉପରେ ଆଧାରିତ ଏହି ବିଶ୍ଳେଷଣ ଦର୍ଶାଏ ଯେ ଦଶନ୍ଧି ଧରି ରାଜନୈତିକ ପରମ୍ପରା କେତେ ଜଟିଳ ଏବଂ ବିବିଧ ରହିଛି। ଭାରତୀୟ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳର ବଣ୍ଟନ ଭିନ୍ନ ଭିନ୍ନ ସାମାଜିକ ବର୍ଗଙ୍କ ଦ୍ୱାରା ବିଭକ୍ତ ହୋଇଛି। କିଛି ରାଜ୍ୟ ସାଧାରଣ ବର୍ଗ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ହୋଇଥିବାବେଳେ ମଧ୍ୟ, ଦକ୍ଷିଣ ଏବଂ ପୂର୍ବ ଭାରତର ଅନେକ ରାଜ୍ୟରେ ଓବିସି ଏବଂ ଏସ୍‌ଟି ବର୍ଗ କ୍ଷମତା କେନ୍ଦ୍ରରେ ରହିଛନ୍ତି। ଉତ୍ତର ପ୍ରଦେଶ, ବିହାରରୁ ତାମିଲନାଡୁ, କର୍ଣ୍ଣାଟକ ପର୍ଯ୍ୟନ୍ତ ଭାରତୀୟ ରାଜନୀତିରେ ଜାତିଗତ ଗତିଶୀଳତା ଯୋଗୁ ମୁଖ୍ୟମନ୍ତ୍ରୀ ପଦବୀ ଉପରେ ପ୍ରାଧାନ୍ୟ ରହୁଥିବା ଦେଖିବାକୁ ମିଳୁଛି। ଏହି ତଥ୍ୟ ତାଲିକାରେ ସବୁଠାରୁ ଆକର୍ଷଣୀୟ ଚିତ୍ର ହେଉଛି ସେହି ରାଜ୍ୟଗୁଡ଼ିକର ଯେଉଁଠାରେ କ୍ଷମତାରେ ସାଧାରଣ ବର୍ଗଙ୍କର ଅଧିକ ପ୍ରତିନିଧିତ୍ୱ ରହିଛି। ପଶ୍ଚିମବଙ୍ଗ ତାଲିକାର ଶୀର୍ଷରେ ଅଛି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳର ୯୯.୭ ପ୍ରତିଶତ ସାଧାରଣ ବର୍ଗର ନେତାମାନଙ୍କ ଦଖଲରେ ରହିଛି। ଏହା ପଛକୁ ଆନ୍ଧ୍ର ପ୍ରଦେଶ ୯୭%, ହରିୟାଣା ୯୫.୪%, ଓଡ଼ିଶା ୯୨% ଏବଂ ପଞ୍ଜାବ ୯୧.୫% ରହିଛି। ଏହି ରାଜ୍ୟଗୁଡ଼ିକରେ, ସାଧାରଣ ବର୍ଗର ମୁଖ୍ୟମନ୍ତ୍ରୀମାନେ ଅଧିକାଂଶ ଦଶନ୍ଧି ଧରି କ୍ଷମତାରେ ଅଛନ୍ତି। ଏହା ସୂଚିତ କରେ ଯେ ଏହି ରାଜ୍ୟଗୁଡ଼ିକରେ ରାଜନୈତିକ ନେତୃତ୍ୱର ଶୀର୍ଷରେ ସାମାଜିକ ଗତିଶୀଳତା ଅନ୍ୟ ଅଞ୍ଚଳଗୁଡ଼ିକ ପରି ହୋଇନାହିଁ।

ରାଜସ୍ଥାନ ଏବଂ ମହାରାଷ୍ଟ୍ର ଭଳି ବଡ଼ ରାଜ୍ୟରେ କ୍ଷମତା ବଣ୍ଟନ ଟିକିଏ ଅଧିକ ବିବିଧ ରହିଛି। ରାଜସ୍ଥାନରେ, ସାଧାରଣ ବର୍ଗ ୭୪.୯ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ପ୍ରତିନିଧିତ୍ୱ ୨୦.୭ ପ୍ରତିଶତରେ ପହଞ୍ଚିଛି। ସେହିପରି, ମହାରାଷ୍ଟ୍ରରେ, ସାଧାରଣ ବର୍ଗ ୭୩.୬ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ୨୧.୨ ପ୍ରତିଶତ ରହିଛି। ଏହି ତଥ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ଓବିସି ବର୍ଗ ଧୀରେ ଧୀରେ ଏହି ରାଜ୍ୟଗୁଡ଼ିକର ରାଜନୀତିରେ ସେମାନଙ୍କର ସ୍ଥିତିକୁ ମଜବୁତ କରୁଛନ୍ତି, ଯଦିଓ ସାଧାରଣ ବର୍ଗ ଏବେ ବି ନେତୃତ୍ୱର ସିଂହଭାଗ ବହନ କରୁଛନ୍ତି।

ମଧ୍ୟପ୍ରଦେଶ ଏବଂ ଗୁଜରାଟରେ, ଅନ୍ୟ ରାଜ୍ୟ ତୁଳନାରେ ଓବିସିଙ୍କ ରାଜନୈତିକ ଅଂଶଗ୍ରହଣ ଅଧିକ ସ୍ପଷ୍ଟ। ମଧ୍ୟପ୍ରଦେଶରେ, ସାଧାରଣ ବର୍ଗ ୬୯ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ଓବିସି ବର୍ଗ ୩୧ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି। ଗୁଜରାଟରେ, ସାଧାରଣ ବର୍ଗ ୬୩.୮ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ଯେତେବେଳେ ଓବିସି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ୨୯.୧ ପ୍ରତିଶତ ରହିଛି। ଏହି ରାଜ୍ୟଗୁଡ଼ିକର ରାଜନୈତିକ ବିଶ୍ଳେଷଣରୁ ଜଣାପଡ଼େ ଯେ, ସାମାଜିକ ବର୍ଗର ଯୋଗଦାନରେ ପରିବର୍ତ୍ତନ ଯୋଗୁ ଭାରତୀୟ ରାଜନୀତିରେ ନୂତନ ଅଧ୍ୟାୟ ଲେଖାଯାଉଛି। ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତର ପ୍ରଦେଶରେ, କ୍ଷମତା ଗତିଶୀଳତା ସାମାଜିକ ବିବିଧତାକୁ ପ୍ରତିଫଳିତ କରିଥାଏ। ସାଧାରଣ ବର୍ଗ ୬୩.୧ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ଓବିସି ବର୍ଗ ୨୬.୮ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି। ଏହା ବ୍ୟତୀତ, ଏସ୍‌ସି ବର୍ଗ ୧୦.୨ ପ୍ରତିଶତ ପ୍ରତିନିଧିତ୍ୱ କରିଥାନ୍ତି। ଯାହା ରାଜ୍ୟର ଜଟିଳ ସାମାଜିକ ଗତିଶୀଳତାକୁ ପ୍ରତିଫଳିତ କରିଥାଏ। ଛତିଶଗଡ଼ରେ, ସାଧାରଣ ବର୍ଗ ୫୯%, ଓବିସି ୧୯.୬% ଏବଂ ଏସ୍‌ଟି ୨୧.୪% ରହିଛନ୍ତି, ଯାହା ରାଜନୀତିରେ ଏକ ନୂତନ ସନ୍ତୁଳନକୁ ସୂଚାଇଥାଏ।

ଦକ୍ଷିଣ ରାଜ୍ୟ ତାମିଲନାଡୁରେ ରାଜନୈତିକ ଦୃଶ୍ୟପଟ ସମ୍ପୂର୍ଣ୍ଣ ଭିନ୍ନ ହୋଇଛି, ଯେଉଁଠାରେ ଓବିସି ବର୍ଗ ୫୪.୯ ପ୍ରତିଶତ ପ୍ରତିନିଧିତ୍ୱ କରିଛନ୍ତି, ସାଧାରଣ ବର୍ଗ ୪୫.୧ ପ୍ରତିଶତରୁ ଅଧିକ। ବିହାରର ପରିସଂଖ୍ୟାନ ସମାନ ରହିଛି। ଓବିସି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ୫୨.୮ ପ୍ରତିଶତ ରହିଛି, ସାଧାରଣ ବର୍ଗ ପାଇଁ ଏହା ୪୧.୨ ପ୍ରତିଶତ ରହିଛି। ଏହା ଉତ୍ତର ଏବଂ ଦକ୍ଷିଣ ଭାରତୀୟ ରାଜନୀତି ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟକୁ ସ୍ପଷ୍ଟ କରିଥାଏ। କର୍ଣ୍ଣାଟକରେ ପରିସ୍ଥିତି ଆହୁରି ସ୍ପଷ୍ଟ, ଯେଉଁଠାରେ ଓବିସି ବର୍ଗର ଅଂଶ ୭୫ ପ୍ରତିଶତରେ ପହଞ୍ଚିଛି, ଯାହା ସିଧାସଳଖ ସାମାଜିକ ନ୍ୟାୟ ରାଜନୀତିର ପ୍ରଭାବକୁ ପ୍ରତିଫଳିତ କରୁଛି।

ତାଲିକାରେ ଝାଡ଼ଖଣ୍ଡର ତଥ୍ୟ ସବୁଠାରୁ ଅନନ୍ୟ ରହିଛି। ସାଧାରଣ ବର୍ଗର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳର କେବଳ ୨୧.୨ ପ୍ରତିଶତ ରହିଛି। ୭୮.୯ ପ୍ରତିଶତ ଏସ୍‌ଟି ବର୍ଗଙ୍କ ପାଖରେ ରହିଛି। ଏହି ତଥ୍ୟ କେବଳ ବିଭିନ୍ନ ରାଜ୍ୟ ମଧ୍ୟରେ ସାମାଜିକ ବିବିଧତାକୁ ଦର୍ଶାଉ ନାହିଁ, ବରଂ ଆଦିବାସୀ ବହୁଳ ଅଞ୍ଚଳରେ ନେତୃତ୍ୱ ଧାରା କିପରି ଭିନ୍ନ ଏବଂ ଅନ୍ୟ ରାଜ୍ୟମାନଙ୍କଠାରୁ ଅନନ୍ୟ ତାହା ମଧ୍ୟ ପ୍ରକାଶ କରୁଛି। ଏହି ଅନ୍ତର୍ଦୃଷ୍ଟି ପ୍ରକାଶ କରେ ଯେ ଭାରତର ପ୍ରତ୍ୟେକ ରାଜ୍ୟ, ଏହାର ସ୍ୱତନ୍ତ୍ର ସାମାଜିକ ପୃଷ୍ଠଭୂମି ଯୋଗୁଁ, କ୍ଷମତା ବଣ୍ଟନ ପାଇଁ ଅନନ୍ୟ ମାନଦଣ୍ଡ ସ୍ଥିର କରିଥାଏ।

## ପାଟକୁରାରେ ଭଲ ନେତା କିଏ? ଖୋଜି ପାଉନାହାନ୍ତି ନବୀନ!

ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : 'ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ଜଣେ ନେତା ଦେବି। ବିଧାୟକ ଅରବିନ୍ଦ ମହାପାତ୍ର ପାଟକୁରାବାସୀଙ୍କୁ ହଇରାଣ କରିଥିବାରୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।' ବିଜେଡି ସଭାପତି ନବୀନ ପଟ୍ଟନାୟକ ଅରବିନ୍ଦଙ୍କ ନିଲମ୍ବନକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଏପରି ମନ୍ତବ୍ୟ ଦେଇଥିଲେ। ଏହା ଭିତରେ ନିଜ ଦଳର ବିଧାୟକଙ୍କ ନିଲମ୍ବନକୁ ସାଢ଼େ ତିନିମାସ ବିତିଯାଇଥିଲେ ବି ନବୀନ ଏଯାଏଁ ପାଟକୁରା ପାଇଁ ଜଣେ ଭଲ ନେତା ଖୋଜି ପାଇଲେ ନାହିଁ। ନବୀନଙ୍କ ସସ୍ପଞ୍ଜାରେ ଭଲ ନେତା କିଏ ତାହାକୁ ନେଇ ସସ୍‌ପେନ୍ସ ଲାଗିରହିଛି। ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ଭିତରେ ଲାଗି ରହିଥିବା ଏହି ସସ୍‌ପେନ୍ସ ଭିତରେ କିନ୍ତୁ ଗରଦପୁର ବ୍ଲକ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ୨୧ ଲୋକ ପ୍ରତିନିଧି, ପଞ୍ଚାୟତ ସଭାପତିମାନେ ବିଜେଡି ଛାଡ଼ି ବିଧାୟକ ଅରବିନ୍ଦଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ସାରିଲେଣି। ଏଭଳି ସ୍ଥିତିରେ ନବୀନଙ୍କୁ ପାଟକୁରା ପାଇଁ ଜଣେ ଭଲ ନେତା ବାଛିବାକୁ ଆଉ କେତେଦିନ ସମୟ ଲାଗିବ ବୋଲି ପ୍ରଶ୍ନ ହୋଇଛି। ଗତ ଜାନୁଆରି ୧୫ରେ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଦର୍ଶାଇ ବିଧାୟକ ଅରବିନ୍ଦଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ଏହାକୁ ନେଇ ତମ୍ବିତୋଫାନ୍ ହେଲା। ପାଟକୁରାରେ ବିଜେଡି ଦୁଇଫାଳ ହୋଇଗଲା। କିଏ ଅରବିନ୍ଦଙ୍କୁ ବିଶ୍ୱାସଘାତକ ଓ ଦୁର୍ନୀତିଗ୍ରସ୍ତ ବୋଲି ଅଭିହିତ କଲା ତ' ଆଉ କିଏ ବିଜେଡିକୁ ଭାଙ୍ଗିଦେବା ପାଇଁ କରାଯାଇଥିବା ଷଡ଼ଯନ୍ତ୍ରରେ ସେ ଲିପ୍ତ ଥିବା ଦର୍ଶାଇଲେ। ସୁପ୍ରିମୋ ନବୀନ ପଦାକୁ ଆସି କହିଥିଲେ, ଅରବିନ୍ଦଙ୍କୁ ବିଶ୍ୱାସରେ ଟିକଟ ଦେଇଥିଲି। ସେ କିନ୍ତୁ ଲୋକମାନଙ୍କୁ ହଇରାଣ କରୁଥିଲେ। ତେଣୁ ତାଙ୍କୁ ଦଳରୁ କାଢ଼ିଦେଲି, ପାଟକୁରା ପାଇଁ ଜଣେ ଭଲ ନେତା ଦେବି। ହେଲେ, ଏହା ଭିତରେ ସାଢ଼େ ତିନିମାସରୁ ଅଧିକ ବିତିଯାଇଥିଲେ ବି ପାଟକୁରା ବିଜେଡି ପାଇଁ ଭଲ ନେତା ଏଯାଏ ବଛାଯାଇ ପାରିନାହିଁ। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଘର ପାଟକୁରାରେ। ସେ ଏହି ଆସନରୁ ପ୍ରଥମେ ଜିତି ବିଧାୟକ ଜୀବନ ଆରମ୍ଭ କରିଥିବାରୁ ଜନ୍ମମାଟି ପ୍ରତି ତାଙ୍କର ଦୁର୍ବଳତା ସର୍ବଦା ରହିଆସିଛି। ପରିବର୍ତ୍ତିତ ପରିସ୍ଥିତିରେ ଅବଶ୍ୟ ପାଟକୁରାର କୌଣସି ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳିନାହିଁ। ଲଗାତାର ତିନିଥର ପାଟକୁରାରୁ ପ୍ରତିନିଧିତ୍ୱ କରିଥିବା ଦିବଙ୍ଗତ ବେଦପ୍ରକାଶ ଅଗ୍ରୱାଲ୍ ଓ ତାଙ୍କ ପରିବାର ବି ୨୦୨୪ ନିର୍ବାଚନ ପରଠୁ ପାଟକୁରା ରାଜନୀତିରେ ସେତେଟା ସକ୍ରିୟ ନାହାନ୍ତି। ଝିଅ ମଧୁମତି ଅଗ୍ରୱାଲ୍ ବେଦୁବାବୁଙ୍କ ଉତ୍ତରାଧିକାରୀ ଭାବେ ନିଜକୁ ଚିତ୍ରଣ କରିଆସୁଥିବା ବେଳେ ବେଦୁବାବୁଙ୍କ ପ୍ରତିନିଧି ଭାବେ ଗରଦପୁରରେ କାର୍ଯ୍ୟ କରିଥିବା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ଆଖି ବି ପାଟକୁରା ଉପରେ ରହିଛି। ନିକଟରେ ଗରଦପୁର ବ୍ଲକ୍ ମାହାଳ ଚଅଁପୁରରେ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ରାଜେଶଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇଥିଲେ। ଯେହେତୁ ଅରବିନ୍ଦଙ୍କୁ ସମର୍ଥନ ଜଣାଇ ବିଜେଡି ନେତା, କର୍ମୀ ଦଳ ଛାଡୁଛନ୍ତି; ତେଣୁ ରାଜ୍ୟସ୍ତରୀୟ ନେତାଙ୍କୁ ଅଣାଯାଇ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ଏହା ଏକ ଉଦ୍ୟମ ଥିଲା ବୋଲି କୁହାଯାଉଛି। ହେଲେ ଏସବୁ ଭିତରେ ପାଟକୁରା ପାଇଁ ଭଲ ନେତା ଏହି ନିର୍ବାଚନମଣ୍ଡଳୀ ଭିତରୁ କିଏ ହେବେ ନା' ବାହାରୁ କାହାକୁ ଅଣାଯାଇ ଅବସ୍ଥାପିତ କରାଯିବ ତାହା ଅବଶ୍ୟ ନବୀନଙ୍କ ଘୋଷଣା ପରେ ସ୍ପଷ୍ଟ ହୋଇଯିବ।

## ଟିଏମସି ପାଇଁ ପ୍ରଚାର କଲେ କେଜରିୱାଲ

ନୂଆଦିଲ୍ଲୀ, ୦୨/୦୫ : ଆପ ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ରବିବାର ପଶ୍ଚିମବଙ୍ଗର ବାଲିଗଞ୍ଜରେ ନିର୍ବାଚନ ରାଲିକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ ପାଇଁ ପ୍ରଚାର କରିଛନ୍ତି। କିଛି ନିର୍ଦ୍ଦିଷ୍ଟ ବିଧାନସଭାରେ ନିର୍ବାଚନ ସମୟରେ ସୁରକ୍ଷା ବାହିନୀ ମୁତୟନ ଉପରେ ପ୍ରଶ୍ନ ଉଠାଇ ଏହାକୁ ରାଜ୍ୟବାସୀଙ୍କ ପ୍ରତି ଅପମାନ ବୋଲି କହିବା ସହ ବଙ୍ଗ ବାସିନ୍ଦା କ'ଣ ଆତଙ୍କବାଦୀ ବୋଲି ପ୍ରଶ୍ନ କରିଛନ୍ତି କେଜରିୱାଲ।

କେଜରିୱାଲ କହିଛନ୍ତି ଯେ, ସାରା ଦେଶରୁ ଏଠାକୁ ସେନା ଡକାଯାଇଛି। ଏହାର ଆବଶ୍ୟକତା କ'ଣ ? ବଙ୍ଗର ଲୋକମାନେ ଆତଙ୍କବାଦୀ କି ? ଏହା ବଙ୍ଗଳାର ଲୋକଙ୍କ ପ୍ରତି ଅପମାନ। ବଙ୍ଗରେ ୩.୫ ଲକ୍ଷ ସାମରିକ କର୍ମଚାରୀ ମୃତୟନ କରାଯାଇଛି। ସେମାନେ କ'ଣ ଭୟ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସେ ବାଲିଗଞ୍ଜ ନିର୍ବାଚନମଣ୍ଡଳୀରୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଟିଏମସି ପ୍ରାର୍ଥୀ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ପାଇଁ ପ୍ରଚାର କରିଛନ୍ତି।

ଏହାସହ ବିଜେପି ସରକାର ତାଙ୍କୁ ମିଥ୍ୟା ମାମଲାରେ ଫସାଇବା ଏବଂ ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ କରିଛନ୍ତି।

## ମେଣ୍ଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ : ଦଳରେ ବିରୋଧ ପରେ ଭକ୍ତଙ୍କ ୟୁ-ଟର୍ଣ୍ଣ, ବିଜେଡିକୁ ବୁଡ଼ାଉଛି 'ଚୋରା ପୀରତି'-ବିଜେପି

ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : ଆଜି ଅଚାନକ ନିଜଆଡ଼ୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି ଯେ, ଆଗାମୀ ପଂଚାୟତ, ଜିଲ୍ଲାପରିଷଦ ଓ ପୌର ନିର୍ବାଚନରେ କଂଗ୍ରେସ କାହା ସହିତ ମେଣ୍ଟ କରିବ ନାହିଁ ଓ ଦଳ ଏକାକୀ ଲଢ଼ିବ। ରାଜ୍ୟସଭା ନିର୍ବାଚନ ପରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କଂଗ୍ରେସ ସହ ହାତ ମିଳାଇଥିବା ବିଜେଡିକୁ ଶକ୍ତଝଟକା ଲାଗିଛି। ପିସିସି ସଭାପତି ଭକ୍ତ ଦାସ ଆଜି ୟୁ-ଟର୍ଣ୍ଣ ନେଇ କଂଗ୍ରେସ କାହାରି ସହ ମେଂଟ କରିବ ନାହିଁ ବୋଲି କହିବା ପରେ କଡ଼ା ଭାଷାରେ କଟାକ୍ଷ କରିଛି ବିଜେପି। ବିଗତ ଦୁଇମାସ ଧରି ଏକାଠି କାର୍ଯ୍ୟ କରୁଥିବା କଂଗ୍ରେସ ଓ ବିଜେଡି ଆଗାମୀ ପଂଚାୟତ-ପୌର ନିର୍ବାଚନରେ ସମ୍ଭାବ୍ୟ ମେଂଟକୁ ନେଇ ମାପିଚୁପି ଜବାବ ଦେଇ ରାଜ୍ୟ ରାଜନୀତିକୁ ଉଷ୍ମ କରି ରଖିଥିଲେ। ମାତ୍ର ପିସିସି ସଭାପତି ଭକ୍ତ ଦାସଙ୍କ ଅଚାନକ ୟୁ-ଟର୍ଣ୍ଣ ବିଜେଡିକୁ କାଠଗଡ଼ାରେ ଛିଡ଼ା କରିଛି। କାରଣ ବିଗତ ଦିନରେ ମେଣ୍ଟ ସମ୍ପର୍କରେ ଭକ୍ତ ଯାହାବି ମନ୍ତବ୍ୟ ଦେଇଥିଲେ ବିଜେଡି ତାକୁ କାଉଣ୍ଟର କରିବା ତ ଦୂରର କଥା ଓଲଟା ବୁଲେଇବଙ୍କେଇ ମେଂଟ ସପକ୍ଷରେ ମତ ରଖିବାକୁ ପଛାଇ ନଥିଲା। ଏହି କାରଣରୁ ସମ୍ଭାବ୍ୟ ମେଂଟକୁ ନେଇ ଆଜି ଭକ୍ତଙ୍କ ୟୁଟର୍ଣ୍ଣ ପରେ ବିଜେଡିକୁ ଜୋରଦାର ଢଙ୍ଗରେ କଟାକ୍ଷ କରିଛି ବିଜେପି। ଆଜକୁ ଠିକ୍ ୧୫ଦିନ ପୂର୍ବରୁ ବିଜେଡି ସହ ସମ୍ଭାବ୍ୟ ମେଂଟ କରିବା ସପକ୍ଷରେ ଯୁକ୍ତି ବାଢ଼ିଥିବା ପିସିସି ସଭାପତି ଭକ୍ତ ଦାସ ୟୁଟର୍ଣ୍ଣ ନେଇଛନ୍ତି। ଆଜି ଅଚାନକ ନିଜଆଡ଼ୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି ଯେ, ବିଜେଡି ସହିତ ମେଣ୍ଟ ହେବାର ସମ୍ଭାବନା ନାହିଁ। ଆଗାମୀ ପଂଚାୟତ, ଜିଲ୍ଲାପରିଷଦ ଓ ପୌର ନିର୍ବାଚନରେ କଂଗ୍ରେସ କାହା ସହିତ ମେଣ୍ଟ କରିବ ନାହିଁ ଓ ଦଳ ଏକାକୀ ଲଢ଼ିବ। ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାର ପ୍ରକ୍ରିୟା ଜାରି ରହିଛି। ତେବେ ହାଇକମାଣ୍ଡ ଯଦି ଚାହିଁବେ ବିଧାନସଭା ନିର୍ବାଚନବେଳେ ସମାନ ବିଚାରଧାରା ବିଶିଷ୍ଟ ଦଳଗୁଡ଼ିକ ସହ ମେଣ୍ଟ ହୋଇପାରେ ବୋଲି ସେ କହିଛନ୍ତି। ତେବେ ପ୍ରଦେଶ କଂଗ୍ରେସରେ ତୀବ୍ର ଆଭ୍ୟନ୍ତରୀଣ କନ୍ଦଳ ଓ ତାଙ୍କ ପ୍ରତି ବଢୁଥିବା ଅସନ୍ତୋଷକୁ ଦେଖି ଭକ୍ତ ଏଭଳି ଅପ୍ରତ୍ୟାଶିତ ୟୁ-ଟର୍ଣ୍ଣ ନେଇଥିବା କୁହାଯାଉଛି। ବିଜେଡି ସହ ସମ୍ଭାବ୍ୟ ମେଂଟକୁ ଦଳ(ଉକ୍ଟଭଶକ୍ସରସ୍ୱସ୍ୱ)ର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କଠୁ ଆରମ୍ଭ କରି ଆଗଧାଡ଼ିର ନେତାମାନେ ଖୋଲାଖୋଲି ନାପସନ୍ଦ କରିସାରିଛନ୍ତି। ଏପରିକି ଦଳର କିଛି ଥିଙ୍କଟ୍ୟାକ୍ ଥିବା ନେତାମାନେ ମଧ୍ୟ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଦଳଠୁ ଦୂରେଇ ଯାଇଛନ୍ତି। ବିଜେଡି ସହ ହାତ ମିଳାଇବାକୁ କଂଗ୍ରେସର ଅନେକ ବରିଷ୍ଠ ନେତା ପସନ୍ଦ କରୁନାହାନ୍ତି, ଏହାଦ୍ୱାରା ତୃଣମୂଳ ସ୍ତରରେ କଂଗ୍ରେସର ସ୍ଥିତି ଆହୁରି ଦୁର୍ବଳ ହୋଇଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଦଳ ଏବେ ବିଜେଡି ଉପରେ ନିର୍ଭର କରିବା ଅପେକ୍ଷା ନିଜର ସଙ୍ଗଠନକୁ ମଜବୁତ କରିବା ଓ 'କାମ' ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଗତ ରାଜ୍ୟସଭା ନିର୍ବାଚନରେ ବିଜେଡି ଦ୍ୱାରା ଘୋଷିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ସମର୍ଥନ ଘୋଷଣା କରିବା ପରଠୁ ଦୁଇ ଦଳ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଥିଲା। ଦୁଇ ଦଳ ବିଭିନ୍ନ ପ୍ରସଙ୍ଗରେ ଏକାଠି ରାଜରାସ୍ତାରେ ଲଢ଼େଇ ମଧ୍ୟ କରିଥିଲେ। ରାଜ୍ୟସଭା ନିର୍ବାଚନ ପରଠୁ ଦୁଇ ଦଳ ମଧ୍ୟରେ ବଢୁଥିବା ସମ୍ପର୍କ ଚଳିତମାସ ପ୍ରଥମାର୍ଦ୍ଧରେ ନୂଆ ମୋଡ଼ ନେଇଥିଲା। ପିସିସି ସଭାପତି ଭକ୍ତ ଦାସ ଏପ୍ରିଲ ୧୨ ତାରିଖରେ ଖୋଲାଖୋଲି ଭାବେ ବିଜେଡି (ଇସହଙ୍କ ଊବଭବସ୍ୱବ ଉବକ୍ଷ) ସହ ପଂଚାୟତ ନିର୍ବାଚନରେ ମେଂଟ ହୋଇପାରେ ବୋଲି ସଙ୍କେତ ଦେଲେ। ଯାହାକୁ ସେତେବେଳେ ବିଜେଡି ଖଣ୍ଡନ କଲା ନାହିଁ ଓଲଟା ବୁଲେଇବଙ୍କେଇ ମନ୍ତବ୍ୟ ରଖିଲା। ବିଜେଡି ଉପସଭାପତି ଦେବୀ ମିଶ୍ର ଏହି ଚର୍ଚ୍ଚାକୁ ଖଣ୍ଡନ ନକରି ଦଳର ସୁପ୍ରିମୋ ନିଷ୍ପତ୍ତି ନେବେ କହି ଏଡ଼ାଇଗଲେ।

ମାତ୍ର ଆଜି ଭକ୍ତଙ୍କ ୟୁ-ଟର୍ଣ୍ଣ ପରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଏଭଳି ଚର୍ଚ୍ଚା ରାଜନୀତି ଓ ଗଣମାଧ୍ୟମରେ ହୁଏ। କିନ୍ତୁ ଏସବୁ ଚର୍ଚ୍ଚା ଭିତ୍ତିହୀନ। ବିଜେଡି କେବେ କାହା ସହ ମେଂଟ କରିବା ପାଇଁ ପ୍ରସ୍ତାବ ଦେଇଥିଲା କି ବୋଲି ଓଲଟା ପ୍ରଶ୍ନ କରି ଏହା କେବଳ 'ଶିରୋନାସ୍ତି ଶିରୋପୀଡ଼ା'। ମୁଣ୍ଡ ନାହିଁ ମୁଣ୍ଡବ୍ୟଥା କେମିତି ହେବ? ଆଗାମୀ ପଂଚାୟତ ନିର୍ବାଚନରେ ବିଜେଡିର ମେଂଟ କରିବା ପ୍ରସଙ୍ଗରେ କାହାରି ସହ କୌଣସି ଆଲୋଚନା ହୋଇନଥିବା ସେ ସ୍ପଷ୍ଟ କରିଛନ୍ତି।

ବିଜେଡି ସୂତ୍ର ଅନୁସାରେ, ପରଦା ପଛରେ ରହି ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ନିଷ୍ପତ୍ତି ନେବା ଜାରି ରଖିବା ଓ ସାଂଗଠନିକ ପ୍ରସଙ୍ଗରେ ଦଳୀୟ ନେତାମାନଙ୍କ ସହ କୌଣସି ଆଲୋଚନା କରିନଥିବାରୁ କଂଗ୍ରେସ ସହ ସମ୍ଭାବ୍ୟ ମେଂଟକୁ ନେଇ ଦଳର ବରିଷ୍ଠ ନେତାମାନେ ଦ୍ୱନ୍ଦ୍ୱରେ ରହିଥିଲେ। ଭକ୍ତ ନିଜଆଡ଼ୁ ୟୁ-ଟର୍ଣ୍ଣ ନେବାପରେ ବିଜେଡି ଆଜି ଏଭଳି ବୟାନବାଜି କରିଛି।

ଭକ୍ତଙ୍କ ୟୁଟର୍ଣ୍ଣ ପରେ ବିଜେଡିକୁ ଖୋଲାଖୋଲି କଟାକ୍ଷ କରିଛି (ଇହକ୍ଟ)ବିଜେପି। ଦଳର ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ,ବିଜେଡିର ସ୍ଥିତି ଏବେ ଏମିତି ହେଲାଣି ଯେ ଯେଉଁ କଂଗ୍ରେସ ଦିନେ ମେଣ୍ଟ ପାଇଁ ପ୍ରସ୍ତାବ ଦେଇଥିଲା ଏବେ ସେହି ଦଳ ବି ତାକୁ ଗ୍ରହଣ କରୁନାହିଁ। ବିଜେଡି ବୁଡ଼ି ଯାଉଥିବା ଡଙ୍ଗା ପରି ତଳକୁ ତଳ ଯାଉଛି।

ଶ୍ରୀ ପୂଜାରୀ ଅତୀତର ଉଦାହରଣ ଦେଇ ବିଜେଡିର କଂଗ୍ରେସ ସହ 'ଚୋରା ପୀରତି' ରହିଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେ ବିଜେପି ସଭାପତି ଥିବାବେଳେ ବିଜେଡିଠୁ ମେଂଟ ସମ୍ପର୍କ ଭାଙ୍ଗିଥିଲା। ସେହି ସମୟରେ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ବିଜେଡିକୁ ପରୋକ୍ଷରେ ସମର୍ଥନ ଦେଇଥିଲା କଂଗ୍ରେସ। ବିଜେପି ସହ ମେଣ୍ଟ ସମ୍ପର୍କରେ ବିଜେଡି ଥାଇ ମଧ୍ୟ କଂଗ୍ରେସ ସହ 'ଚୋରା ପୀରତି' କରୁଥିଲା ବୋଲି ଶ୍ରୀ ପୂଜାରୀ କଟାକ୍ଷ କରିଛନ୍ତି।

## କୁଟ୍ରୁମାଳିରେ ଖଣି ଖନନ ପାଇଁ ଅଗଣତାନ୍ତ୍ରିକ ଜନ ଶୁଣାଣି ବାତିଲ କରାଯାଉ



କୋରାପୁଟ, ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : ଲୋକ ଶକ୍ତି ଅଭିଯାନ ର ରାଷ୍ଟ୍ରୀୟ ଆବାହକ ଓ ସେଣ୍ଟର୍ ଫର କ୍ଲାଇମେଟ ଜଷ୍ଟିସ ର ସଂସ୍ଥାପକ ପ୍ରଫୁଲ୍ଲ ସାମନ୍ତରା ଆଜି ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ରାୟଗଡ଼ା ଜିଲା ପ୍ରଶାସନର ପରାମର୍ଶ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସିଜି ମାଳି ପଡିଶା କୁଟର୍ ମାଳି ରେ ଖଣି ଖନନ ପାଇଁ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରଖିଥିବା ସ୍ଥାନ ଓ ସମୟ ଅଗଣତାନ୍ତ୍ରିକ । ରାୟଗଡ଼ା ଏବଂ କଳାହାଣ୍ଡି ଉଭୟ ଜିଲ୍ଲାରେ ଅବସ୍ଥିତ କୁଟ୍ରୁମାଳି ବକ୍ସାଇଟ୍ ଖଣି ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ ଆସନ୍ତା ମେ ୧୩, ୨୦୨୬ ତାରିଖରେ କାଶୀପୁର ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି କରିବା ପାଇଁ ସମ୍ବାଦପତ୍ରରେ ବିଜ୍ଞାପନ ପ୍ରକାଶ କରିଛନ୍ତି।

ସିଜିମାଳିରେ ଖଣି ଖନକୁ ବିରୋଧକରି ତୀବ୍ର ଜନ ଆନ୍ଦୋଳନ ଚାଲିଥିବାବେଳେ ଓ ଅମାନୁଷିକ ପୋଲିସ ଦମନ ଦ୍ୱାରା ଅଞ୍ଚଳକୁ ଆତଙ୍କିତ କରି ରଖା ଯାଇଥିବା ବେଳେ ସେହି ଅଞ୍ଚଳରେ ଆଉ ଏକ ବକ୍ସାଇଟ୍ ଖଣି ପାଇଁ ଜନଶୁଣାଣି କରିବାର ଏହା ସଠିକ୍ ସମୟ ନୁହେଁ କି ଯଥାର୍ଥ ନୁହଁ । କାରଣ ସିଜିମାଳି ଏବଂ କୁଟ୍ରୁମାଳି ଅଞ୍ଚଳର ଗ୍ରାମବାସୀମାନେ ନିଜର ପ୍ରଥମ ଜୀବିକା ଏବଂ ସାମାଜିକ-ସାଂସ୍କୃତିକ ପରିଚୟକୁ ରକ୍ଷା କରିବା ପାଇଁ ଖଣି ଖନନ ବିରୋଧରେ କ୍ରମାଗତ ଭାବେ ପ୍ରତିବାଦ କରିଆସୁଛନ୍ତି। ଉଭୟ ମାଳି ସହ ଶତାଧିକ ଗ୍ରାମ ନିର୍ଭରଶୀଳ। ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳରେ ଏକ ଭୟର ବାତାବରଣ ରହିଛି, କାରଣ କଣ୍ଟାମାଳଠାରେ ପୋଲିସ ବାହିନୀ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ଅନେକ ଲୋକ ଆହତ ହୋଇ ଚିକିତ୍ସା ବିନା ପଡ଼ି ରହିଛନ୍ତି ।ପୋଲିସ ଅନେକ ଗ୍ରାମବାସୀଙ୍କ ନାମରେ ୱାରେଣ୍ଟ ଜାରି କରିଛି। ଖଣି ବିରୋଧୀ ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣରେ ଅନେକ ଲୋକ କ୍ଷତବିକ୍ଷତ ହୋଇଛନ୍ତି। ଜୀବିକାର ପ୍ରାଥମିକ ଉତ୍ସ ଭାବେ ପରିବେଶ ଏବଂ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ବକ୍ସାଇଟ୍ ଖଣି ଖନନକୁ ନିଷିଦ୍ଧ କରିବାକୁ କ୍ରମାଗତ ଭାବେ ଦାବି ହୋଇଆସୁଛି। ଏବେ ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ଦେଶର ବହୁ ଗଣମାଧ୍ୟମ ପରିସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସମବେଦନା ଜଣାଉଛନ୍ତି। ଏଭଳି ସମୟରେ ଜନଶୁଣାଣି କରିବା ପାଇଁ ନିଷ୍ପତ୍ତି, ଆଦାନୀ କମ୍ପାନୀର ସ୍ୱାର୍ଥ ରକ୍ଷା କରି ପ୍ରଭାବିତ ଲୋକଙ୍କୁ ଜନଶୁଣାଣିରୁ ଦୂରେଇ ରଖିବାର ଏକ ଜନ ବିରୋଧୀ ପ୍ରୟାସ। ଶୁଣାଣିର ସ୍ଥାନ କାଶିପୁର ବ୍ଲକ୍ ଅଫିସ ପ୍ରଭାବିତ ଗ୍ରାମଗୁଡ଼ିକଠାରୁ ବହୁ ଦୂରରେ ଅବସ୍ଥିତ। ଏହା ଜନଶୁଣାଣି ପରିଚାଳନା ନିୟମାବଳୀର ଉଲ୍ଲଂଘନ। ଏହା କେବଳ 'ଜଳୁଥିବା ନିଆଁରେ ଘିଅ ଢାଳିବା' ସଦୃଶ। ବର୍ତମାନ କୁଟୁର ମାଳି ଅନ୍ତର୍ଭୁକ୍ତ କେରପାଇ ଓ ସିଲେଟ ଦୁଇ ଗ୍ରାମ ପଞ୍ଚାୟତର ଦୁଇ ସରପଞ୍ଚ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ଲେଖି ଛନ୍ତି ଗ୍ରାମ ସଭାର ବିନା ସମ୍ମତିରେ ଖଣି ଖନନ ହୋଇପାରିବ ନାହିଁ।ବର୍ତ୍ତମାନ ଉପୋରକ୍ତ କାରଣ ଯୋଗୁ ଜନଶୁଣାଣୀ ବନ୍ଦ କରାଯାଉ। ଗତ ୨୩ ତାରିଖରେ ମୋ ସମେତ ରାଜ୍ୟର ୧୫ ଜଣ ମାନବିକ ଅଧିକାର ଓ ସାମାଜିକ କର୍ମକର୍ତ୍ତା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ଦେଇ ଏହି ଦାବି ରଖିଛୁ। ତେଣୁ, ଗ୍ରାମସଭାର ଅନୁମୋଦନ ମିଳିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ସ୍ୱାଭାବିକ ଜନଜୀବନ ଫେରିବା ପର୍ଯ୍ୟନ୍ତ ଏହି ଜନଶୁଣାଣିକୁ ବାତିଲ କରାଯାଉ। ଏଥିସହିତ ଜନଶୁଣାଣି ଏଭଳି ଏକ ସ୍ଥାନରେ ହେବା ଉଚିତ, ଯେଉଁଠାକୁ ଲୋକମାନେ ଅତି କମ୍ ଦୂରତା ଅତିକ୍ରମ କରି ଆସିପାରିବେ। ଯଦି ବାତିଲ କରାଯାଉନାହିଁ ତାହାହେଲେ ପ୍ରମାଣିତ ହେବ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଆତଙ୍କିତ ରଖି ପ୍ରଶାସନ ଅଗଣତାନ୍ତ୍ରିକ ବାଟରେ ଜନଶୁଣାଣୀ କରି କଂପାନୀ ସ୍ୱାର୍ଥରେ ପରିବେଶ ମଞ୍ଜୁରୀ କରାଇବା ଚାହିଁଛି। ଏହାଦ୍ୱାରା ତୀବ୍ର ଜନ ଆନ୍ଦୋଳନ ଜାରି ରହିବ ଖଣି ଖନନ ନିଷେଧ କରିବାକୁ।

# ବିଜେଡିରେ ଗଡ଼ବଡ଼: ପାଣ୍ଡିଆନଙ୍କୁ ଟାର୍ଗେଟ୍ କଲେ ବଦ୍ରି



ଭୁବନେଶ୍ୱର, ୦୨/୦୫ (ଜେଏନ୍‌ଏସ୍) : ନେତୃତ୍ୱକୁ ନେଇ ବିଜେଡି ଭିତରେ ଚାପା ଅସନ୍ତୋଷ ବଢ଼ିବାରେ ଲାଗିଛି। ଏବେ ବି ପରଦା ପଛରେ ରହି ଭି କେ ପାଣ୍ଡିଆନ୍ ହିଁ ସବୁ ନିଷ୍ପତ୍ତି ନେଉଛନ୍ତି ବୋଲି କାହାକୁ ଅଛପା ନାହିଁ। ଏପରିକି ପାଣ୍ଡିଆନ ଖୁବ୍‌ଶୀଘ୍ର ଆଗକୁ ଆସିବେ ବୋଲି ଚର୍ଚ୍ଚା ଚାଲିଲାଣି। କିନ୍ତୁ ବରିଷ୍ଠ ନେତାମାନେ ଏହାକୁ ଗ୍ରହଣ କରିବାକୁ ନାରାଜ। ଏହି ପ୍ରସଙ୍ଗରେ ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ଖୋଲାଖୋଲି ଅସନ୍ତୋଷ ଝାଡ଼ିଛନ୍ତି। ପାଣ୍ଡିଆନଙ୍କୁ କୌଣସି ପରିସ୍ଥିତିରେ ଗ୍ରହଣ କରିବେନି ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି।

ପାଣ୍ଡିଆନ୍ ଦଳ ପାଇଁ ଓ ରାଜ୍ୟ ପାଇଁ ବହୁତ କରିଛନ୍ତି ବୋଲି ନିଜେ ବିଜେଡି ସୁପ୍ରିମୋ ଗଣମାଧ୍ୟମରେ କହିଛନ୍ତି। କିନ୍ତୁ ଶ୍ରୀ ପାତ୍ର ଏହାକୁ ରୋକଠୋକ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, ପାଣ୍ଡିଆନଙ୍କ ଯୋଗୁ ଦଳର ବହୁତ କ୍ଷତି ହୋଇଛି। ଆମେ ମୂଳରୁ ତାଙ୍କୁ ପ୍ରତ୍ୟାଖ୍ୟାତ କରିଛୁ। ଏବେ ସେ କାହିଁକି ଦଳ କଥା ବୁଝିବେ? ତାଙ୍କ ନେତୃତ୍ୱରେ ଆମେ ଦଳରେ ପଶି ନଥିଲୁ। ସେ ଦାୟିତ୍ୱ ନେବା ପ୍ରଶ୍ନ କେଉଁଠୁ ଆସୁଛି। ଆମେ କାହାର ନେତୃତ୍ୱକୁ ଜୋରଜବରଦସ୍ତ ମାନିବୁ ନାହିଁ। ଏକଥା ଯଦି ଉଠିବ, ତେବେ ମୁଁ ପ୍ରଥମେ ବାହାରିବି। ସେ ଆହୁରି କହିଛନ୍ତି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଅଛୁ। ଯଦି ଦଳରେ ପାଣ୍ଡିଆନଙ୍କ ପ୍ରାଦୁର୍ଭାବ ରହୁଥିବ, ତେବେ ଦଳ ନିଶ୍ଚିତ ଭୋଗିବ। ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ତାଙ୍କ ନେତୃତ୍ୱରେ ଦଳକୁ ପ୍ରତିଷ୍ଠିତ କରିବାକୁ ଚାହିଁଲେ, ତାହା ଫଳପ୍ରଦ ହେବ ନାହିଁ। ବହୁତ ଲୋକ ତାଙ୍କୁ ବିରୋଧ କରିବେ। ବିଜୁ ବାବୁଙ୍କ ନାଁକୁ ବୁଡ଼ାଇକି ଦଳ ରଖିଲେ, ଆମେ ରହିପାରିବୁନି। ନିର୍ବାଚନ ବେଳେ ବିଜୁ ବାବୁଙ୍କ ଫୋଟ ଯିଏ କାଢ଼ିଛି ସିଏ ଭୋଗିଛି। ବିଜୁ ବାବୁଙ୍କ ଫଟୋ କାଢ଼ି ତାଙ୍କୁ ନ୍ୟୂନ କରି ଯେଉଁମାନେ ଆଗକୁ ବଢ଼ିଛନ୍ତି ଏବଂ ଉପରକୁ ଯିବାକୁ ଚେଷ୍ଟା କରିଛନ୍ତି, ତା'ର ଫଳ ଭୋଗିଛନ୍ତି। ଯେଉଁମାନେ ଆକାଶରେ ଉଡୁଥିଲେ, ଉଚ୍ଚ ଚେହେରା ରଖିଥିଲେ, ସେମାନଙ୍କୁ ଲୋକ ଭୁଲିଗଲେଣି। ତାଙ୍କ ପରିଚୟ ହଜିଗଲାଣି।

ବଦ୍ରିଙ୍କ ଏପରି ବିସ୍ଫୋରଣ ନେଇ ଅନ୍ୟ ବିଜେଡି ନେତାମାନେ ମୁହଁ ଖୋଲି ନାହାନ୍ତି। ଏପରିକି ପାଣ୍ଡିଆନଙ୍କ ସପକ୍ଷରେ ଏକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ବିଜେଡିର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ପ୍ରସଙ୍ଗରେ ଏଯାଏଁ ଆଗକୁ ଆସି ନାହାନ୍ତି। ନବୀନଙ୍କୁ ନୁହେଁ, ବରଂ ପାଣ୍ଡିଆନଙ୍କୁ ଓଡ଼ିଶା ବିକାଶର ବିନ୍ଧାଣୀ ଭାବେ ଉପସ୍ଥାପନ କରିବାକୁ ଲଗାତାର ଭାବେ ଯେଉଁ ଚେଷ୍ଟା ଚାଲିଛି, ତାହା ଦଳର ବରିଷ୍ଠ ନେତାମାନଙ୍କୁ ଅକଳରେ ପକାଇ ଦେଇଛି। ବଦ୍ରିଙ୍କ ବୟାନ ହିଁ ଏହାକୁ ଧରା ପକାଇ ଦେଉଛି। ଅପରପକ୍ଷରେ ଶଙ୍ଖ ଭବନରେ ବିଜେଡିର ଟଣାଓଟରା ଆଉ ଏକ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ବିଜେଡିର ମୁଖ୍ୟାଳୟ ଦାୟିତ୍ୱରେ ଦୁଇ ଜଣ ନେତା ରହିଛନ୍ତି। ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ପ୍ରତାପ ଜେନା। ସାଧାରଣତଃ ଦଳ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର ଦସ୍ତଖତ କରୁଥିଲେ। ଗତ ୧୪ ତାରିଖରେ ଓଡ଼ିଆ ନୂଆବର୍ଷ ପାଳନ ପାଇଁ ତାଙ୍କରି ଦସ୍ତଖତରେ ହିଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। କିନ୍ତୁ ମଧୁ ବାବୁଙ୍କ ଜୟନ୍ତୀ ପାଳନ ?ପାଇଁ ଗତକାଲି ଜାରି ନିର୍ଦ୍ଦେଶନାମାରେ ଉଭୟ ଶ୍ରୀ ମିଶ୍ର ଓ ଶ୍ରୀ ଜେନାଙ୍କର ଦସ୍ତଖତ ରହିଛି। ଗୋଟିଏ ନିର୍ଦ୍ଦେଶନାମାରେ ହଠାତ୍ କାହିଁକି ଉଭୟଙ୍କ ଦସ୍ତଖତ ଦରକାର ପଡ଼ିଲା, ତାହା ବେଶ୍ ରହସ୍ୟଜନକ ହୋଇ ପଡ଼ିଛି। ଏହାକୁ ନେଇ ଦଳ ଭିତରେ ଆଲୋଚନା ଜୋର୍ ଧରିଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ତାସଘର ପରି ଭୁଶୁଡ଼ୁଛି ବିଜେଡି ଦୁର୍ଗ : ନବୀନ ଅସହାୟ

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ଭଦ୍ରକ ଜିଲ୍ଲାର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସମେତ ପ୍ରାୟ ୫୦୦ରୁ ଅଧିକ ପଂଚାୟତ ଓ ସମବାୟ ପ୍ରତିନିଧି ଦଳରୁ ଇସ୍ତଫା ଦେବା ଘଟଣା ବିଜେଡିର ସାଂଗଠନିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଓଡ଼ିଶା ରାଜନୀତିରେ ଅପରାଜେୟ ରହିଥିବା ବିଜେଡି ଏବେ ତାସଘର ପରି ଭୁଶୁଡ଼ିବାରେ ଲାଗିଛି। ଦକ୍ଷିଣରୁ ଉତ୍ତର, ପୂର୍ବରୁ ପଶ୍ଚିମ ଏବେ ସବୁଠି ଦଳରେ ବିଦ୍ରୋହର ନିଆଁ ବ୍ୟାପିବାରେ ଲାଗିଛି। ବିଜେଡିର ଦୁର୍ଗ ଭାବେ ପରିଚିତ ଭଦ୍ରକ ଜିଲ୍ଲାରେ ଆଜି ଦଳର ଆଗଧାଡ଼ିର ନେତାମାନଙ୍କ ସମେତ ପ୍ରାୟ ୫୦୦ ନିର୍ବାଚିତ ପ୍ରତିନିଧି ଓ ଆଗଧାଡ଼ିର କର୍ମୀମାନେ ସମୂହ ଇସ୍ତଫା ଦେବା ବିଜେଡିକୁ ଶକ୍ତ ଝଟକା ଦେଇଛି। ଆଉ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବେ କୁଚକ୍ରୀଙ୍କ ଚକ୍ରାନ୍ତରେ ଅସହାୟ ହୋଇପଡ଼ିଛନ୍ତି ଓ ଦଳ ଏବେ 'ମୁରବୀଶୂନ୍ୟ' ହେବାରେ ଲାଗିଛି ବୋଲି ଆଜି ବିଜେଡି ଛାଡ଼ିଥିବା ଭଦ୍ରକର ନେତାମାନେ ଅଭିଯୋଗ କରିଛନ୍ତି। ଭଦ୍ରକ ଜିଲ୍ଲାର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟିକା ପ୍ରାର୍ଥନୀ ସୁବାସିନୀ ସାହୁ, ଶଶିକାନ୍ତ ସାହୁ ଓ ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସମେତ ପ୍ରାୟ ୫୦୦ରୁ ଅଧିକ ପଂଚାୟତ ଓ ସମବାୟ ପ୍ରତିନିଧି ଏକାସଙ୍ଗେ ବିଜେଡିରୁ ଇସ୍ତଫା ଦେବା ଘଟଣା ବିଜେଡିର ସାଂଗଠନିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେଡିରୁ ଇସ୍ତଫା ଦେବା ପରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଦଳର ଆଭ୍ୟନ୍ତରୀଣ ପରିଚାଳନାକୁ




ନେଇ କଡ଼ା ଭାଷାରେ ବର୍ଷିଛନ୍ତି। ସେ କାହାରି ନାଁ ନନେଇ ଚାନ୍ଦବାଲି ବିଧାୟକଙ୍କୁ ଷଡ଼ଯନ୍ତ୍ରକାରୀ ଭାବେ ଆକ୍ଷେପ କରି କହିଛନ୍ତି ଯେ, ଯେଉଁମାନେ ଧାମନଗର ଉପନିର୍ବାଚନରେ ଦଳକୁ ହରାଇବା ପାଇଁ ଷଡ଼ଯନ୍ତ୍ର କରିଥିଲେ, ଏବେ ସେହିମାନେ ହିଁ ଦଳର ସର୍ବେସର୍ବା ସାଜିଛନ୍ତି। କିଛି କୁଚକ୍ରୀ ଗୋଷ୍ଠୀ ନିଜ ଫାଇଦା ପାଇଁ ନିଷ୍ଠାପର କର୍ମୀଙ୍କୁ ବଳି ଦେଉଛନ୍ତି। ମୁକ୍ତିକାନ୍ତଙ୍କ ପତ୍ନୀ ତଥା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ମଧ୍ୟ କ୍ଷୋଭର ସହ କହିଛନ୍ତି ଯେ, ଦଳ ଭିତରେ ଥିବା ଏକଛତ୍ରବାଦ ଶାସନ ପୁରୁଣା ସଂଗଠକଙ୍କୁ ଦୂରେଇ ରଖିଛି। ଦଳର ବିଧାୟିକା ପ୍ରାର୍ଥୀ ସୁବାସିନୀ ସାହୁଙ୍କ ପତି ତଥା ଦଳର ସଂଗଠକ ଶଶିକାନ୍ତ ସାହୁ କହିଛନ୍ତି ଯେ, ବିଜେଡି ଏବେ ସମ୍ପୂର୍ଣ୍ଣ ମୁରବୀଶୂନ୍ୟ। ଏଠାରେ କର୍ମୀଙ୍କ ସ୍ୱର ଶୁଣିବାକୁ କେହି ନାହାଁନ୍ତି। କାହାକୁ ଅଭିଯୋଗ ଓ ଆପତ୍ତି କରିବୁ ତାହା ମଧ୍ୟ ଜାଣିପାରୁନାହୁଁ। ଆମେ ଯେଉଁ ଦଳ ପାଇଁ ରକ୍ତଝାଳ ଦେଇଥିଲୁ, ସେଠାରେ ଆଜି ଆମକୁ ଅପମାନିତ କରାଯାଉଛି। ସେହିପରି ଜଗନ୍ନାଥ ସ୍ୱାଇଁ ଓ ଅନ୍ୟମାନେ ମଧ୍ୟ ବିଜେଡି ଭିତରେ ଚାଲିଥିବା ଅନ୍ତଃକନ୍ଦଳ ଓ ଚକ୍ରାନ୍ତ କଥା କହି କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବିଜେଡି ସଂଗଠନରେ ଏହି ସଙ୍କଟ କେବଳ ଭଦ୍ରକ ଜିଲ୍ଲାରେ ସୀମିତ ନାହିଁ ବରଂ ସମଗ୍ର ରାଜ୍ୟରେ ବିଜେଡିରେ ଏଭଳି ତୀବ୍ର କନ୍ଦଳ ଦେଖିବାକୁ ମିଳିଛି। ବାଲେଶ୍ୱରରେ ରବୀନ୍ଦ୍ର ଜେନା ନିଜର ସମର୍ଥକମାନଙ୍କ ସହ ବିଜେଡି ଛାଡ଼ିବାର ଦେଢ଼ ମାସ ବିତିଯାଇଥିଲେ ବି ଦଳ ସେଠାରେ ତାଙ୍କର ବିକଳ୍ପ ନେତୃତ୍ୱ ଠିଆ କରିପାରିନି। କିମ୍ବା କାହାରିକୁ ସେହି ଜିଲ୍ଲାରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଦାୟିତ୍ୱ ଦେବାରେ ସକ୍ଷମ ହୋଇପାରିନାହିଁ। ରାୟଗଡ଼ାରେ ଏନ. ଭାସ୍କର ରାଓ ଓ ଲାଲବିହାରୀ ହିମିରିକା ଦଳ ଛାଡ଼ିବାର ୬ ମାସ ପରେ ବି ସଂଗଠନ ସେଠାରେ ମୁଣ୍ଡ ଟେକି ପାରୁନାହିଁ। କେବଳ ସେତିକି ନୁହେଁ, ଦଳ ନିଜର ୮ଜଣ ବିଧାୟକଙ୍କୁ ନିଲମ୍ବନ କରିଛି। ସେହି ସ୍ଥାନରେ ଦଳ କାହା ନେତୃତ୍ୱରେ ଆଗକୁ ବଢ଼ିବ ତାକୁ ନେଇ ମଧ୍ୟ କର୍ମୀ-ନେତାମାନଙ୍କ ମଧ୍ୟରେ ଆଶଙ୍କା ଲାଗି ରହିଛି। ବିଜେଡି ସମ୍ପୃକ୍ତ ବିଧାନସଭା ମଣ୍ଡଳୀରେ ଏଭଳି କୌଣସି ବିକଳ୍ପ ନେତୃତ୍ୱ ଦେବାରେ ସକ୍ଷମ ହୋଇପାରିନି ଯାହାଙ୍କ ଉପରେ ଦଳର କର୍ମୀ ଓ ସମର୍ଥକମାନେ ଭରସା କରିପାରିବେ। ଏହି ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକମାନଙ୍କୁ ଦଳ ନିଲମ୍ବନ କରିଥିବାରୁ ସେସବୁ ସ୍ଥାନରେ କର୍ମୀମାନେ ଏବେ ଅନିଶ୍ଚିତତା ମଧ୍ୟରେ ରହିବାକୁ ବାଧ୍ୟ ହେଉଛନ୍ତି। ଗତ ଜାନୁଆରୀ ମାସରେ ପାଟକୁରା ଓ ଚମ୍ପୁଆ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜେ ପାଟକୁରାର ଦଳୀୟ କର୍ମୀ ଓ ନେତାମାନଙ୍କୁ ଖୁବଶୀଘ୍ର ନୂଆ ନେତୃତ୍ୱ ଦେବେ ବୋଲି ଆଶ୍ୱାସନା ଦେଇଥିଲେ। ୩ମାସ ପରେ ମଧ୍ୟ ନବୀନଙ୍କ ଆଶ୍ୱାସନା ପାଣିର ଗାର ହୋଇ ରହିଯାଇଛି। ନବୀନ ନିଜର ବୟସାଧିକ୍ୟ ଯୋଗୁ ସାଂଗଠନିକ କାର୍ଯ୍ୟ ପାଇଁ ବିମୁଖ ଥିବାବେଳେ ଦଳରେ 'ସେକେଣ୍ଡ-ଇନ୍-କମାଣ୍ଡ' ବା ଦ୍ୱିତୀୟ ମୁଖିଆଙ୍କ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ଯଦିଓ ଭିକେ ପାଣ୍ଡିଆନ ପରଦା ପଛରେ ରହି ଦ୍ୱିତୀୟ ମୁଖିଆ ଭାବେ କାର୍ଯ୍ୟ କରୁଛନ୍ତି କିନ୍ତୁ ତାଙ୍କ ପ୍ରତି ଦଳରେ ଗ୍ରହଣୀୟତା ନଥିବାରୁ ସେ ସାମ୍ନାକୁ ଆସିବା ମଧ୍ୟ ସମ୍ଭବପର ହୋଇପାରୁନି। ନବୀନ ମଧ୍ୟ ଏବେ ଅନ୍ୟ କୌଣସି ନେତାଙ୍କୁ ସେଭଳି ପ୍ରଭାବଶାଳୀ କରାଇ ଦ୍ୱିତୀୟ ମୁଖିଆ ଭାବେ କାର୍ଯ୍ୟ କରିବାର ସୁଯୋଗ ଦେଉନଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି। ଆଉ ଏହି କାରଣରୁ ହିଁ ଦଳର ସଂଗଠନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଜେଡିର ନେତା ଓ ଆଗଧାଡ଼ିର ନିର୍ବାଚିତ ପ୍ରତିନିଧିମାନେ ଇସ୍ତଫା ଦେଉଥିଲେ ମଧ୍ୟ ଦଳର ବରିଷ୍ଠ ନେତାମାନେ ନିରବତା ଅବଲମ୍ବନ କରିବାରେ ଲାଗିଛନ୍ତି। ଭଦ୍ରକରେ ଆଜି ୫୦୦ରୁ ଅଧିକ ଦଳୀୟ ନେତା-କର୍ମୀ ବିଜେଡିରୁ ଇସ୍ତଫା ଦେବା ପରେ ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଚିରାଚରିତ ଢଙ୍ଗରେ ବୟାନ ଦେଇ ନିଜର ଦାୟିତ୍ୱ ଶେଷ କରିଛନ୍ତି। ଯଦିଓ ପ୍ରଫୁଲ୍ଲ ନିଜ ପୁଅ ପ୍ରୟାସକାନ୍ତିଙ୍କୁ ଦଳରେ ରଖିବାରେ ସକ୍ଷମ ହୋଇପାରିନାହାନ୍ତି। ପ୍ରୟାସକାନ୍ତି ନିଜେ ଦଳ ଛାଡ଼ିବା ସହ ଦଳର ଆଗଧାଡ଼ିର ବ୍ଲକସ୍ତରୀୟ କିଛି ନେତାଙ୍କୁ ମଧ୍ୟ ସାଙ୍ଗରେ ନେଇ ବିଜେପିରେ ସାମିଲ ହୋଇସାରିଛନ୍ତି। ୨୪ବର୍ଷର କ୍ଷମତାକୁ ହରାଇବା ପରେ ଦଳରେ ନେତୃତ୍ୱ ସଙ୍କଟ, ସମନ୍ୱୟର ଅଭାବ ଓ ଶୀର୍ଷ ନେତୃତ୍ୱଙ୍କ ନୀରବତା ଏବେ କର୍ମୀମାନଙ୍କ ମନୋବଳକୁ ହ୍ରାସ କରିବାରେ ଲାଗିଛି। ବିଜେଡି ନେତୃତ୍ୱ ଦଳର ଏଭଳି ବିପର୍ଯ୍ୟୟ ଓ ସମୂହ ଇସ୍ତଫାକୁ ରୋକିବା ପାଇଁ ମଧ୍ୟ ଅଦୃଶ୍ୟ କାରଣରୁ ଆଖିଦୃଶିଆ ପଦକ୍ଷେପ ନେବାରେ ସକ୍ଷମ ହେଉନଥିବା ଜଣାପଡ଼ିଛି। ପଂଚାୟତ ନିର୍ବାଚନ ପୂର୍ବରୁ ଯଦି ଏହି 'ମୁରବୀଶୂନ୍ୟ' ଦଳ ନିଜକୁ ନସଜାଡ଼େ, ତେବେ ଉତ୍ତର ଓଡ଼ିଶାରେ ବିଜେଡି ନିଜର ଅସ୍ତିତ୍ୱ ହରାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

# ରାଜ୍ୟରେ ହେବ କି କଂଗ୍ରେସ-ବିଜେଡି ମେଣ୍ଟ ?



ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ରାଜ୍ୟ କଂଗ୍ରେସର ୟୁଟର୍ଣ୍ଣ। ପ୍ରଥମେ ମେଣ୍ଟ ନେଇ ଘୋଷଣା କରାଗଲା। ଯାହାକୁ ନେଇ ରାଜ୍ୟ ରାଜନୀତିରେ ଉଠିଲା ହଇଚଇ। କଂଗ୍ରେସ ଏବଂ ବିଜେଡି ମଧ୍ୟରେ ମେଣ୍ଟ ନେଇ ରାଜ୍ୟ ରାଜନୀତି ଉଠିଲା ପଡ଼ିଲା। କଂଗ୍ରେସର ରାଜ୍ୟ ମୁଖିଆ କହିଲେ, ଆମେ ମେଣ୍ଟ ପାଇଁ ଆମେ ପ୍ରସ୍ତୁତ ଅଛୁ। କିନ୍ତୁ ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ। ଏ କଥାକୁ କିଛି ବିତିବା ପରେ ହଠାତ କଂଗ୍ରେସର ମନପରିବର୍ତ୍ତନ ହେଇଗଲା। ଏବେ ପିସିସି ସଭାପତି ଭକ୍ତଚରଣ ଦାସ କହୁଛନ୍ତି କି, ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଏକା ଲଢିବ। ସେ କହିଛନ୍ତି ଯେ, ରାଜ୍ୟରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ବିଜେଡି ସହିତ ମେଣ୍ଟ କରିବାକୁ ନେଇ ଚର୍ଚ୍ଚା ଏବଂ ଆଲୋଚନା ଚାଲିଥିଲା। କିନ୍ତୁ ଦଳ ଭିତରେ ମେଣ୍ଟ ପ୍ରସଙ୍ଗ ନେଇ ଅନେକଙ୍କ ମନରେ ଅସନ୍ତୋଷ ରହିଛି। ତେଣୁ ଦଳ ଭିତରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖି ପିସିସି ସଭାପତି ନିଜ ନିଷ୍ପତ୍ତିରୁ ଓହରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ, ମ୍ୟୁନିସିପାଲିଟି ନିର୍ବାଚନରେ ଏକା ଲଢିବ କଂଗ୍ରେସ। ନିଜ ଦମରେ ଲଢିବ ବୋଲି ପିସିସି ସଭାପତି କହିଛନ୍ତି। ବିଜେଡି ସହ ଏକା ହୋଇ ଲଢିବନି କଂଗ୍ରେସ। ସେହିପରି ବିଧାନସଭା ନିର୍ବାଚନ ସମୟରେ ଯଦି ଆବଶ୍ୟକ ପଡେ। ତେବେ ହାଇକମାଣ୍ଡ ସହ କଥାବାର୍ତ୍ତାରେ ମେଣ୍ଟ ନେଇ କୌଣସି କଥା ଆଲୋଚନା। ଉଭୟ ଦଳର ସହମତିରେ ମେଣ୍ଟ ହୋଇପାରେ। ତେବେ ଦେଖାଯାଉ କଂଗ୍ରେସ-ବିଜେଡି ମେଣ୍ଟ କେବେ ହେଉଛି ?

# ରାଜ୍ୟର ସମସ୍ତ ମଣ୍ଡଳରେ ହେବ ବିଜେପିର ଜନ ଆକ୍ରୋଶ ମହିଳା ପଦଯାତ୍ରା

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ମହିଳାଙ୍କ ସଶକ୍ତୀକରଣ ନିମନ୍ତେ ଦେଶରେ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ଉପସ୍ଥାପିତ ହୋଇଥିଲା, କିନ୍ତୁ ଏହାକୁ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଯୋଗୁଁ ଏହା ପାରିତ ହୋଇପାରିଲା ନାହିଁ। ବିରୋଧୀ ଦଳର ଏହି ନାରୀ ବିରୋଧୀ ଆଭିମୁଖ୍ୟ ବିରୋଧରେ ରାଜ୍ୟର ସମସ୍ତ ମଣ୍ଡରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଆଜି ବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ କହିଛନ୍ତି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଆୟୋଜନ କରାଯାଇଥିଲା। ସେହିପରି



ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ 'ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏବେ ରାଜ୍ୟର ସମସ୍ତ ମଣ୍ଡଳସ୍ତରରେ ମହିଳାମାନେ ବ୍ୟାପକ ପ୍ରତିବାଦ କରିବେ। ଏନେଇ ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସମସ୍ତ ମଣ୍ଡଳରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହେବ। ଆସନ୍ତାକାଲି ଭୁବନେଶ୍ୱରରେ ଏକ ବିରାଟ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସାଂସଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା ଐଶ୍ୱର୍ଯ୍ୟ ବିଶ୍ୱାଳ ଉପସ୍ଥିତ ଥିଲେ

# ଖୁବ ଶୀଘ୍ର ରାଜ୍ୟ ବିଜେପି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ବିଜେପି ରାଜ୍ୟ ସଭାପତିଙ୍କ ବଡ଼ ବୟାନ। ରାଜ୍ୟରେ ଖୁବଶୀଘ୍ର ନିଗମ ଓ ବୋର୍ଡର ହେବ ନିଯୁକ୍ତି। ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପୂର୍ବରୁ ଏହି ସବୁ ପଦୀବ ପୂରଣ ହୋଇପାରେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ, ଜୁନ ୧୨ରେ ବିଜେପି ସରକାରକୁ ୨ ବର୍ଷ ପୂର୍ତ୍ତି ହେବ। ଏହା ପୂର୍ବରୁ ବାକି ଥିବା ସମସ୍ତ ନିଯୁକ୍ତି ଶେଷ ହେବ। ଖାଲି ପଡ଼ିଥିବା ନିଗମ ଓ ବୋର୍ଡରେ ନିଯୁକ୍ତି ହେବ। ରାଜ୍ୟର ୨୯ ଜିଲ୍ଲାରେ ଓକିଲ ନିଯୁକ୍ତି ସରିଛି, ଖାଲି ଖୋର୍ଦ୍ଧାରେ ବାକି ଅଛି। ଖୁବଶୀଘ୍ର ଖୋର୍ଦ୍ଧା ଜିଲ୍ଲାରେ ଓକିଲ ନିଯୁକ୍ତି କରାଯିବ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ମନମୋହନ କହିଛନ୍ତି ଯେ, କେନ୍ଦ୍ରୀୟ ନେତାଙ୍କ ସହ ବୈଠକ ପରେ ସମ୍ପ୍ରସାରଣ ହେବ। ଯେତେବେଳେ ଲାଗିବ ସମ୍ପ୍ରସାରଣ ହେବା ଦରକାର, ସେତେବେଳେ ହେବ। ସଂକଳ୍ପ ପତ୍ରରେ ଯେଉଁ କଥା କହିଥିଲୁ, ସେଥିରୁ ୮୦ ପ୍ରତିଶତ ସାରିଛୁ। ବାକି ଥିବା କାମ ୨ ବର୍ଷ ପୂର୍ତ୍ତି ପୂର୍ବରୁ ଶେଷ ହେବ। ଅନ୍ୟପଟେ ଆସାମ ଓ ପଶ୍ଚିମବଙ୍ଗ ନିର୍ବାଚନ ପ୍ରସଙ୍ଗରେ ମନମୋହନ କହିଛନ୍ତି ଯେ, ଆସାମ ଏବଂ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଓଡ଼ିଶାକୁ ୩୬ଟି ବିଧାନସଭା ଦାୟିତ୍ୱ ଦିଆଯାଇଥିଲା। ବେଙ୍ଗଲକୁ ଲାଗିଥିବା ଜିଲ୍ଲାମାନଙ୍କୁ ଆମର ଅଧିକା କାର୍ଯ୍ୟକର୍ତ୍ତା ଯାଇଥିଲେ। ପ୍ରତି ବିଧାନସଭା ପାଇଁ ଜଣେ କି ଦୁଇ ଜଣ କାର୍ଯ୍ୟକର୍ତ୍ତା ଯାଇଥିଲେ। ବେଙ୍ଗଲ ନିର୍ବାଚନ ବର୍ତ୍ତମାନ ସାଧାରଣ ଲୋକଙ୍କ ନିର୍ବାଚନ ହୋଇଯାଇଛି। ଆସାମକୁ ଦୁଇଟି ଫେଜରେ ୧୪ ଜଣ ଏବଂ ବେଙ୍ଗଲକୁ ମଧ୍ୟ ଦୁଇଟି ଫେଜରେ ଅଧିକ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯାଇଥିଲେ।

# ଓଡ଼ିଶାର ପୋଟିଲିମାକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ମାନ୍ୟତା

ନୂଆଦିଲ୍ଲୀ, ୦୨/୦୫ : ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ପଞ୍ଚାୟତ ପ୍ରଗତି ସୂଚକାଙ୍କ ରିପୋର୍ଟର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଦେଶର ୩୬୩୫ଟି ପଞ୍ଚାୟତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି। ତୃଣମୂଳ ସ୍ତରର ପ୍ରଶାସନକୁ ସୁଦୃଢ଼ କରିବା ଏବଂ ସମାବେଶୀ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ। ଦେଶର ୧,୧୮,୮୨୪ଟି ପଞ୍ଚାୟତ ପ୍ରଦର୍ଶନକାରୀ ବର୍ଗରେ ସ୍ଥାନ ପାଇଛନ୍ତି।

ଦାରିଦ୍ର୍ୟ ଦୂରୀକରଣ ଓ ପଞ୍ଚାୟତରେ ଅଧିକ ଜୀବିକା ସୁଯୋଗ ଏବଂ ସୁସ୍ଥ ପଞ୍ଚାୟତ ବିଷୟବସ୍ତୁ ବର୍ଗରେ ମୋଟ୍ ୩,୩୧୩ ପଞ୍ଚାୟତ ଭଲ ପ୍ରଦର୍ଶନ କରିଛନ୍ତି। ଏସବୁ ପଞ୍ଚାୟତକୁ ଏ ପ୍ଲସ୍ ମାନ୍ୟତା ମିଳିଛି। ସେହିପରି ୧,୦୧୫ଟି ପଞ୍ଚାୟତ ସୁସ୍ଥ ପଞ୍ଚାୟତ ବର୍ଗରେ ଏ ପ୍ଲସ୍ ? ମାନ୍ୟତା ହାସଲ କରିଛନ୍ତି। ଏସବୁ ପଞ୍ଚାୟତ ନିରାକରଣଯୋଗ୍ୟ ସ୍ୱାସ୍ଥ୍ୟସେବା, ପୋଷଣ ସଚେତନତା, ସ୍ୱଚ୍ଛତା ଅଭ୍ୟାସ ଏବଂ ସାମାଜିକ ଅଂଶଗ୍ରହଣ କ୍ଷେତ୍ରରେ ଦୃଢ଼ ଫଳାଫଳ ପ୍ରଦର୍ଶନ କରିଛନ୍ତି। ପଞ୍ଚାୟତ ପ୍ରଗତି ସୂଚକାଙ୍କର ଦ୍ୱିତୀୟ ସଂସ୍କରଣରେ ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୯୭.୩୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୨,୫୯,୮୬୭ଟି ପଞ୍ଚାୟତ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୩୬୩୫ଟି ପଞ୍ଚାୟତ ଏ, ୧୧୮୮୨୪ ପଞ୍ଚାୟତ ବି, ୧୨୩୭୧୯ ପଞ୍ଚାୟତ ସି ଏବଂ ୧୩୬୮୯ଟି ପଞ୍ଚାୟତ ଡି ବର୍ଗରେ ରହିଛନ୍ତି। ଓଡ଼ିଶାରେ ଗଞ୍ଜାମଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ପୋଟିଲିମା ପଞ୍ଚାୟତ ସାମଗ୍ରିକ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତ ଭାବେ 'ଏ' ମାନ୍ୟତା ହାସଲ କରିଛି ରାଜ୍ୟର ୫୫୫ଟି ପଞ୍ଚାୟତ ପ୍ରଥମ, ୪୫୬୬ ପଞ୍ଚାୟତ ଦ୍ୱିତୀୟ, ୧୬୨୭ଟି ପଞ୍ଚାୟତ ତୃତୀୟ ଏବଂ ୪୬ଟି ପଞ୍ଚାୟତ ଚତୁର୍ଥ ବର୍ଗରେ ରହିଛନ୍ତି। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସୋହପୁର ପଞ୍ଚାୟତ ଦାରିଦ୍ର୍ୟ ଦୂରୀକରଣ ଏବଂ ଉନ୍ନତ ଜୀବିକା ପଞ୍ଚାୟତ ବର୍ଗରେ ଏ ପ୍ଲସ୍ ମାନ୍ୟତା ହାସଲ କରିଛି। ସେହିପରି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ରାୟପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ଏ ପ୍ଲସ୍ ମାନ୍ୟତା ଲାଭ କରିଛି। ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ତାରପୁର ପଞ୍ଚାୟତ ଶିଶୁ ଅନୁକୂଳ ପଞ୍ଚାୟତ ରୂପେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ପଡୁଆ ପଞ୍ଚାୟ ଜଳ ସ୍ୱଚ୍ଛଳ ପଞ୍ଚାୟତ ରୂପେ ଏ ପ୍ଲସ୍ ମାନ୍ୟତା ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ରୂପେ ସର୍ବଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ଭଟକୁମରଡ଼ା ଆତ୍ମନିର୍ଭରଶୀଳ ଭିତ୍ତିଭୂମି ବିଶିଷ୍ଟ ପଞ୍ଚାୟତ ରୂପେ ଏ ପ୍ଲସ୍ ମାନ୍ୟତା ଲାଭ କରିଛି। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ମନ୍ଦାର ପଞ୍ଚାୟତ ସାମାଜିକ ସମାନତା ଓ ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଏ ମାନ୍ୟତା ଲାଭ କରିଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ତୁରୁମୁ ପଞ୍ଚାୟତ ସୁଶାସନ ଏବଂ ପାତ୍ରପୁର ବ୍ଲକ୍ ଗୁଡ଼ିଆପଦର ମହିଳା ଅନୁକୂଳ ପଞ୍ଚାୟତ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଏ ମାନ୍ୟତା ଲାଭ କରିଛି।

# ୮ ଏମଏଲଏଙ୍କ ସଭ୍ୟ ପଦ ରଦ୍ଦ ଦାବି : ୪୩ ଦିନରେ ବିଜେଡିର ମନେପଡ଼ିଲା, ବାଚସ୍ପତି ନେବେ କେତେ ଦିନ ?

ଭୁବନେଶ୍ୱର, ୦୨/୦୫ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ପାଇଁ ନୁହେଁ ବରଂ 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୁଦ୍ଧରେ ଯାଇ କାର୍ଯ୍ୟ କରିଥିବା' ଭଳି ଅଭିଯୋଗମାନ ଆଣି ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛି ବିଜେଡି। ବିଜେଡିରେ ତୀବ୍ର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଓ ନେତୃତ୍ୱ ସଙ୍କଟକୁ ନେଇ ଲାଗି ରହିଥିବା ଅନିଶ୍ଚିତତତା ମଧ୍ୟରେ ଦଳ ଆଜି ନିଜର ୮ଜଣ ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଲିଖିତ ଦାବି ଜଣାଇଛି। ଏହି ୮ବିଧାୟକଙ୍କ ନିଲମ୍ବନକୁ ମାସାଧିକ କାଳ ବିତିଯାଇଥିଲେ ବି ସେମାନଙ୍କର ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଲିଖିତ ଦାବି ଜଣାଇବାକୁ ୪୩ ଦିନ ସମୟ ନେଇଛି ବିଜେଡି।



ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ପାଇଁ ନୁହେଁ ବରଂ 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୁଦ୍ଧରେ ଯାଇ କାର୍ଯ୍ୟ କରିଥିବା' ଭଳି ଅଭିଯୋଗମାନ ଆଣି ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛି ବିଜେଡି। ତେବେ ପ୍ରାୟ ୪୩ଦିନ ବିଳମ୍ବରେ ବାଚସ୍ପତିଙ୍କୁ ଲିଖିତ ଭାବେ ଅବଗତ କରିଥିବା ବିଜେଡି କିନ୍ତୁ ଶୀଘ୍ର ଏହି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଆଜି ଦାବି ଜଣାଇଛି। ବିଜେଡିର ବିଧାୟକମାନେ ଆଜି ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଦଳର ନିଲମ୍ବିତ ୮ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ପିଟିସନ୍ ଦାଖଲ କରିଛନ୍ତି। ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ବରିଷ୍ଠ ନେତା ଡକ୍ଟର ଅରୁଣ ସାହୁ କହିଛନ୍ତି ଯେ, ଏହି ୮ଜଣ ବିଧାୟକ ଦଳ ସହ ବିଶ୍ୱାସଘାତକତା କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ଦଳର ମୁଖ୍ୟ ସଚେତକ ମାର୍ଚ୍ଚ ୧୩ରୁ ୧୬ ତାରିଖ ମଧ୍ୟରେ ଜାରି କରିଥିବା ନିର୍ଦ୍ଦେଶକୁ ଏହି ବିଧାୟକମାନେ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏହି ବିଧାୟକମାନେ କେବଳ କ୍ରସଭୋଟିଂ କରିନାହାନ୍ତି, ବରଂ ସାର୍ବଜନୀନ ଭାବେ ଦଳର ନେତୃତ୍ୱଙ୍କୁ ଅପମାନିତ କରିଛନ୍ତି।

ନିର୍ବାଚନ ପୂର୍ବରୁ ଯେଉଁସବୁ ନିର୍ଦ୍ଦେଶ ଦଳ ପକ୍ଷରୁ ଦିଆଯାଇଥିଲା ତାକୁ ମଧ୍ୟ ଉଲ୍ଲଘଂନ କରିଛନ୍ତି। ସେମାନେ ଖୋଲାଖୋଲି ଭାବେ ଦଳର ନେତୃତ୍ୱ ଓ ନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।ଯାହାକି ସମ୍ବିଧାନର ଦଶମ ଅନୁସୂଚୀ ଅନୁସାରେ, 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ସହ ସମାନ। ଏହି ୮ ଜଣଙ୍କୁ ବିଜେଡି କେବଳ ନିଲମ୍ବନ କରି ନାହିଁ, ବରଂ ସେମାନଙ୍କ ସଦସ୍ୟତା ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସବୁ ପ୍ରକାରର ଆଇନଗତ ପ୍ରମାଣ ଆଜି ବାଚସ୍ପତିଙ୍କ ପାଖରେ ଦାଖଲ କରିଛି।

ଏହି ପ୍ରସଙ୍ଗରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀଙ୍କ ସହ ମଧ୍ୟ ଦଳ ପରାମର୍ଶ କରିଛି। ଶରଦ ଯାଦବଙ୍କ ସଭ୍ୟ ପଦ ଓ ହିମାଚଳ ପ୍ରଦେଶର ବିଧାୟକମାନଙ୍କ ସଭ୍ୟ ପଦ ଯେଭଳି ରଦ୍ଦ ହୋଇଛି ସେହି ଆଧାରରେ ବିଜେଡି ଏହି ବିଧାୟକମାନଙ୍କ ସଭ୍ୟ ପଦକୁ ତୁରନ୍ତ ରଦ୍ଦ କରିବା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି ଜଣାଇଛି ବୋଲି ଡକ୍ଟର ସାହୁ କହିଛନ୍ତି।

ସେହିପରି ବିଜେଡି ମୁଖ୍ୟ ସଚେତକ ନେତ୍ରୀ ପ୍ରମିଳା ମଲ୍ଲିକ ଚେତାବନୀ ଦେଇ କହିଛନ୍ତି ଯେ, ଯେଉଁମାନେ ବିଜେଡି ଟିକେଟରେ ଜିତି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଲେ, ସେମାନଙ୍କର ବିଧାନସଭାରେ ବସିବାର କୌଣସି ନୈତିକ ଅଧିକାର ନାହିଁ। ଦଳ ଏହି ଲଢ଼େଇକୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନେବାକୁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେଡିରୁ ନିଲମ୍ବିତ ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ଦଳର ନେତୃତ୍ୱକୁ ଜବରଦସ୍ତି ଲଦି ଦିଆଯାଉଛି। ରାଜ୍ୟସଭା ନିର୍ବାଚନରେ ସେ ନିଜର ସାମ୍ବିଧାନିକ ଅଧିକାର ପ୍ରୟୋଗ କରି ଭୋଟ ଦେଇଛନ୍ତି ଓ ରାଜ୍ୟସଭା ନିର୍ବାଚନରେ କୌଣସି ଦଳୀୟ ହ୍ୱିପ୍ ଲାଗୁ ହୁଏ ନାହିଁ। ଦଳ ଭିତରେ ଏବେ ଏକ ଭୟର ବାତାବରଣ ସୃଷ୍ଟି କରାଯାଉଛି। ସମ୍ପର୍କ ବା ଆବେଗ ଅପେକ୍ଷା ଜବରଦସ୍ତି ଶାସନ କରିବାକୁ ଚେଷ୍ଟା କରାଯାଉଛି। ପାଣ୍ଡିଆନଙ୍କ ନେତୃତ୍ୱକୁ ମାନିବାକୁ ବାଧ୍ୟ କରାଯାଉଛି। ବାଚସ୍ପତିଙ୍କ ନିକଟରେ ବିଜେଡି ଯେଉଁ ଅଭିଯୋଗ ଦାଖଲ କରିଛି, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବା ପରେ ସେ ଆଇନଗତ ଭାବେ ନିଜର ପକ୍ଷ ରଖିବେ ବୋଲି ସେ କହିଛନ୍ତି। ସେହିପରି ଦଳର ନିଲମ୍ବିତ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ କହିଛନ୍ତି ଯେ,ଆଇନ ଓ ନିୟମ ସମସ୍ତଙ୍କ ପାଇଁ ସମାନ ଏବଂ ସେମାନେ କୌଣସି ଭୁଲ କିମ୍ବା ଦଳବିରୋଧୀ କାର୍ଯ୍ୟ କରିନାହାନ୍ତି। ବିଜେଡି ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଯେଉଁ ଅଭିଯୋଗ କରାଯାଇଛି, ତାହା କେବଳ ସାଧାରଣ ଲୋକଙ୍କୁ ଭ୍ରମିତ କରିବା ପାଇଁ ଏକ ପ୍ରୟାସ ବୋଲି ସେ ଅଭିହିତ କରିଛନ୍ତି। ଯଦି ଆବଶ୍ୟକ ପଡ଼େ ସେ ଏହି ଲଢ଼େଇକୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନେଇଯିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ପ୍ରସଙ୍ଗରେ ବିଜେଡିକୁ ଆଇନର ପାଠ ପଢ଼ାଇଛନ୍ତି ବିଜେପି ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ,ବିଜେଡି ବୋଧହୁଏ 'ଆଣ୍ଟି-ଡିଫେକ୍ସନ ଲ' ବିଷୟରେ କିଛି ଜାଣିନାହାନ୍ତି। ଯେତେବେଳେ ଜଣେ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଏ, ସେ ସେହି ଦଳର ନିର୍ଦ୍ଦେଶ ପରିସରଭୁକ୍ତ ହୋଇ ରହନ୍ତି ନାହିଁ। ବିଜେଡି ଯେଉଁ ୮ ଜଣଙ୍କୁ ନିଲମ୍ବନ କରିଛି, ସେମାନଙ୍କ ଉପରେ ହୁଇପ୍ ଜାରି କରିବା ଆଇନଗତ ଭାବେ ହାସ୍ୟାସ୍ପଦ। ବିଜେଡି ଏବେ 'ଚାବୁକ ମାର' ନିଜ ସଦସ୍ୟଙ୍କୁ ଶାସନ କରିବାକୁ ଚାହୁଁଛି, ଯାହା ଗଣତନ୍ତ୍ରରେ ଅସମ୍ଭବ। ଯଦି ବିଜେଡି ନେତାମାନେ ଆଇନ ଜାଣିନାହାନ୍ତି, ତେବେ ସେମାନେ ମୋ' ପାଖକୁ ଆସନ୍ତୁ, ମୁଁ ସେମାନଙ୍କୁ ସବୁ ବୁଝାଇଦେବି ବୋଲି ସେ କଟାକ୍ଷ କରିଛନ୍ତି। ବିଧାୟକମାନେ କ୍ରସ୍ ଭୋଟିଂ କରିଛନ୍ତି କି ନାହିଁ ତାହା ପରବର୍ତ୍ତୀ କଥା, କିନ୍ତୁ ନିଲମ୍ବିତ ସଦସ୍ୟଙ୍କ ସଦସ୍ୟତା ରଦ୍ଦ ପାଇଁ ଦାବି କରିବା ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି। ନିଜ ଦଳର ୮ବିଧାୟକଙ୍କ ବିରୁଦ୍ଧରେ ପ୍ରାୟ ୪୩ଦିନ ବିଳମ୍ବରେ(ସାଧାରଣତଃ ଆପତ୍ତି ପାଇଁ ୪୫ଦିନର ଅବଧି ରହିଛି) ଲିଖିତ ଦାବି ଉପସ୍ଥାପନ କରିଥିବା ବିଜେଡି ଆଜି ତ୍ୱରିତ୍ ନ୍ୟାୟ ଆଶା କରିଛି। ଯଦିଓ ଆପତ୍ତିର ସମୟସୀମା ୪୫ଦିନ ସରିବାର ଠିକ୍ ୨ଦିନ ପୂର୍ବର ବାଚସ୍ପତି ସୁରମା ପାଢ଼ୀଙ୍କୁ ସେମାନଙ୍କର ସଦସ୍ୟତା ରଦ୍ଦ ପାଇଁ ଲିଖିତ ଭାବେ ବିଜେଡି( ଈସହଙ୍କ ଔବଭବସ୍ୱବ ଉବକ୍ଷ) ଅବଗତ କରିଛି। ଏବେ ବାଚସ୍ପତିଙ୍କ କୋର୍ଟରେ ଏହି ବଲ୍ ରହିଛି। ସେ ଏହି ୮ ଜଣ ବିଧାୟକଙ୍କ ଭବିଷ୍ୟତ ନେଇ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଅନୁରୂପ ଭାବେ ଦଶମ ଅନୁସୂଚୀରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ୨୦୨୫ ମସିହାରେ ତେଲେଙ୍ଗାନା ବିଧାନସଭା ବାଚସ୍ପତିଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ଆବେଦନ ଉପରେ ବାଚସ୍ପତି ସର୍ବାଧିକ ୩ମାସ ମଧ୍ୟରେ ନିଷ୍ପତ୍ତି ନେବେ। ଯଦି କୌଣସି ବିଧାୟକ ଜାଣିଶୁଣି ଏହି ପ୍ରକ୍ରିୟାକୁ ବିଳମ୍ବିତ କରନ୍ତି ତା'ହେଲେ ବାଚସ୍ପତିଙ୍କୁ ତାଙ୍କ ବିରୁଦ୍ଧରେ ପ୍ରତିକୂଳ ନିର୍ଯ୍ୟାସ ନେବାକୁ ପଡ଼ିବ। ସୁପ୍ରିମକୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏଭଳି ମାମଲାରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଏକ ଟ୍ରିବ୍ୟୁନାଲ ଭଳି କାର୍ଯ୍ୟ କରିଥାନ୍ତି। ତେଣୁ ସୁପ୍ରିମକୋର୍ଟ(ଅନୁଚ୍ଛେଦ-୩୨) ଓ ହାଇକୋର୍ଟ(ଅନୁଚ୍ଛେଦ ୨୨୬ ଓ ୨୨୭)ଙ୍କ ଅଧିକାର କ୍ଷେତ୍ରରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଆସିବାର ପ୍ରାବଧାନ ରହିଛି। ଅବଶ୍ୟ ପୂର୍ବରୁ ସମ୍ବିଧାନରେ ଏଭଳି ଆବେଦନ ଉପରେ ବିଚାର ପାଇଁ କୌଣସି ସମୟସୀମା ନଥିଲା କିନ୍ତୁ ଗତବର୍ଷ ସୁପ୍ରିମକୋର୍ଟ ୩ମାସ ମଧ୍ୟରେ ବାଚସ୍ପତି ନିଷ୍ପତ୍ତି ନେବା ବାଧ୍ୟତାମୂଳକ କରିଛନ୍ତି।

# କୋଡ଼ିଙ୍ଗା ମାଳି ବକ୍ସାଇଟ୍ ପାଇଁ ବେଦାନ୍ତ - ଆଦିତ୍ୟ ଆଲୁମିନା ବଳ କଷାକଷି
# ସମସ୍ୟା ଘେରରେ ଅଞ୍ଚଳବାସୀ, ବିକାଶ ଅପେକ୍ଷା ରାଜନୀତି ବେଶୀ



**କୋରାପୁଟ, ୦୨।୦୫ ( ଶରତ ନାୟକଙ୍କ ରିପୋର୍ଟ):** କୋରାପୁଟ ଜିଲା ଲକ୍ଷ୍ମୀପୁର କୋଡିଙ୍ଗା ମାଳି କୁ ନେଇ ଅନେକ ସମୟରେ ଉପୁଜୁଛି ଅପ୍ରିତିକର ପରିସ୍ଥିତି, କେତେବେଳେ କିଛି ସପକ୍ଷରେ ତ କେତେବେଳେ ବିରୋଧରେ ଏହି ଭଳି ବାତାବରଣ ଏଠାରେ ଦେଖିବାକୁ ମିଳିଥାଏ। ତେବେ ଏହାର ପ୍ରଛଦପଟରେ ଥାନ୍ତି ଦୁଇ ପ୍ରମୁଖ କମ୍ପାନୀ ବେଦାନ୍ତ ଆଲୁମିନିୟମ ଲିଃ ଓ ଆଦିତ୍ୟ ଆଲୁମିନା କମ୍ପାନୀ । ଯେଉଁଥିପାଇଁ ଅଞ୍ଚଳରେ ପ୍ରାୟତଃ ଅଶାନ୍ତିର ବାତାବରଣ ସୃଷ୍ଟି ହେବା ସହିତ ନୀରିହ ଆଦିବାସୀ ମାନଙ୍କ ମନରେ ଭରି ଦିଆଯାଉଛି ତିକ୍ତତାର ମାନସିକତା। ଯାହା ଫଳରେ ଦୁଇ କମ୍ପାନୀଙ୍କ ଲଢେଇ ମଧ୍ୟରେ ପେଶୀ ହେଉଛନ୍ତି ମୁଖ୍ୟତଃ ଜନଜାତି ସମୁହ। ଏଠାରେ ଥିବା ଜଙ୍ଗଲ ସମ୍ପଦକୁ ଏଠାରେ ଆଦିବାସୀ ମାନେ ଗର୍ବ କରନ୍ତି ଓ ଜୀବନ ଜୀଅନ୍ତି ତାହାକୁ ଖ୍ନଭିନ୍ କରାଯାଇ ମାଟି ମାକୁ ବିଦାରଣ କରାଯାଇ ପ୍ରତିଦିନ ଶହ ଶହ ଟ୍ରିପ୍ ହାଇଓ୍ଵା ବରି ବହନ ହେଉଛି। ତେବେ ଅଞ୍ଚଳର ବିକାଶର ନାଁ ଗନ୍ଧ ନାହିଁ। ବର୍ତମାନ ଉକ୍ତ ଖଣିରୁ ବାର୍ଷିକ ୩.୬ ମିଲିୟନ ଟ୍ରନ୍ ବକ୍ସାଇଟ୍ ଖନନ ହେଉଛି। ଏଥିରୁ ବେଦାନ୍ତ କମ୍ପାନୀ ୩ ମିଲିୟନ ଟ୍ରନ ନେଉଥିବା ବେଳେ. ୬ କୁ ଖୋଲା ଟେଣ୍ଡର ମାଧ୍ୟମରେ ବିକ୍ରି କରାଯାଉଛି। ଆଗାମୀ ଦିନରେ ତାହା କୁ ୬ ମିଲିୟନ ଟ୍ରନ୍ କରିବା ପାଇଁ ସ୍ଥିର ହୋଇ ସାରିଥିବା ବେଳେ ଏନେଇ ଆସନ୍ତା ମାସ ୧୬ ତାରିଖରେ ଏନେଇ ଜନ ଶୁଣାଣୀ ହେବ ବୋଲି ତାରିଖ ଧାର୍ଯ୍ୟ ହୋଇ ସାରିଛି। ତେବେ ଏହାକୁ ମାଳି ସଂଲଗ୍ନ କିଛି ଗ୍ରାମବାସୀ ବିରୋଧ କରିବା ସହିତ ଖନନ ବୃଦ୍ଧି ହେଲେ ଅଳ୍ପ ଦିନ ମଧ୍ୟରେ ଗଚ୍ଛିତ ଥିବା ବକ୍ସାଇଟ୍ ଶେଷ ହୋଇଯିବ ବୋଲି ଅଭିଯୋଗ କରିବା ସହିତ ଏଠାରୁ ବେଦାନ୍ତ କମ୍ପାନୀକୁ କଞ୍ଚାମାଲ ନଦେବା ପାଇଁ ଜିଦ୍ ଧରିଛନ୍ତି। ଏନେଇ ସେମାନେ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଜନ ଶୁଣାଣୀ କୁ ବାତିଲ୍ କରିବା ପାଇଁ ଦାବି କରିଛନ୍ତି। ଖାଲି ସେତିକି ନୁହେଁ କାରଖାନା ନାହିଁ ତ ବକ୍ସାଇଟ୍ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବେଦାନ୍ତ କମ୍ପାନୀ ୨୦୧୮ ମଶିହାରୁ କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକର କୋଡିଙ୍ଗା ମାଳିରୁ ଲାଞ୍ଜିଗଡ଼ ଠାରେ ଥିବା ତା'ର କାରଖାନା ପାଇଁ କଞ୍ଚାମାଲ ନେଉଥିବା ବେଳେ କେବଳ ବିଭିନ୍ନ ସମୟରେ ଆନ୍ଦୋଳନ କରୁଥିବା ବ୍ୟକ୍ତି ବିଶେଷ ଓ କେତେକ ସଂଗଠନ କୁ ଖୁସି କରି ତାହାକୁ ପ୍ରତିହ କରିବାକୁ ଚେଷ୍ଟା କରି ଚାଲିଛି ସିନା ଅଞ୍ଚଳରେ ସେଭଳି କୌଣସି ଆଖିଦୃଶିଆ ବିକାଶ କରିନାହିଁ। ସେହିପରି ବେଦାନ୍ତ ଲକ୍ଷ୍ମୀପୁର ଠାରୁ ଯେଉଁ ବକ୍ସାଇଟ୍ ନେଉଛି ତାହା ଶାଗ ମାଛ ଦର ସହିତ ସମାନ ବୋଲି ଅଭିଯୋଗ ହୋଇଛି। ଦିର୍ଘ ଦୁଇ ଦଶନ୍ଧି ହେବ ଆଦିତ୍ୟ ଆଲୁମିନା କମ୍ପାନୀ କାରଖାନା ପ୍ରତିଷ୍ଠା ପାଇଁ କୋଡିଙ୍ଗା ମାଳି ଲିଜ୍ ନେଇଥିବା ସହିତ କେତେକ ଗ୍ରାମର ବେସରକାରୀ ଜମି କିଣି ୨୦୦୬ରେ ଅଧିଗ୍ରହଣ କରିଥିଲା। କାରଖାନା ସିଘ୍ର ପ୍ରତିଷ୍ଠା ହେଲେ ସେଠାରେ ଜମିହରା ମାନେ ଏବଂ ଅଞ୍ଚଳ ବାସୀ ନିଯୁକ୍ତି ପାଇବେ ବୋଲି ଆଶା ବାନ୍ଧିଥିଲେ। ଦିର୍ଘ ବର୍ଷ ପରେ ମଧ୍ୟ ଆଦିତ୍ୟ ଆଲୁମିନା କମ୍ପାନୀ ନିର୍ଦ୍ଧାରିତ ସମୟରେ କାରଖାନା ନକରିବା ଓ ଖଣି ଖନନ ନକରିବା କାରଣ ରୁ ତା ସହିତ ହୋଇଥିବା ଚୁକ୍ତି କୁ ସରକାର ବାତିଲ୍ କରି ଲାଞ୍ଜିଗଡ଼ ଠାରେ ବନ୍ଦ ଥିବା ବେଦାନ୍ତ କମ୍ପାନୀକୁ ଦେଇଥିଲେ। ଯାହା ୨୦୦୧୮ରେ ଖନନ ଆରମ୍ଭ ହୋଇଥିଲା। ଏଠାରୁ ବେଦାନ୍ତ କମ୍ପାନୀ ସମସ୍ତ କଞ୍ଚାମାଲ ନେଉଥିବା ବେଳେ ଅଳ୍ପ କିଛି ବର୍ଷ ହେଲା ଏଥିରୁ ୩୦ ପ୍ରତିଶତ ହିଣ୍ଡାଲକୋ ଓ ଅନ୍ୟ ଏକ କମ୍ପାନୀ କୁ ଦିଆଯାଉଛି। ତେବେ ଜମି ହରାଇଥିବା ଆଦିବାସୀ ମାନେ କ୍ଷତିପୂରଣ ବାବଦକୁ ଯେଉଁ ଟଙ୍କା ପାଇଥିଲେ ବସି ବସି ଖାଇ ତାହାକୁ ସରାଇ ଦେଲେ। ସେମାନଙ୍କ ଆଶା ଆଶାରେ ହିଁ ରହିଗଲା। ତେବେ ୨୦୨୪ ରେ ଗତ ସରକାର ସମୟରେ ଲକ୍ଷ୍ମୀପୁର କାଶୀପୁର ମଧ ଭାଗରେ କାରଖାନା ପ୍ରତିଷ୍ଠା କରାଯିବ ବୋଲି ଏକ ସଭାର ଆୟୋଜନ ହେବା ସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାହା ଘୋଷଣା କରିଥିଲେ, ପ୍ରଥମ ପର୍ଯ୍ୟାୟରେ ଏକ କପଡ଼ା କାରଖାନା ସହିତ ପରବର୍ତ୍ତୀ ସମୟରେ ଆଲୁମିନା କାରଖାନା ହେବ ବୋଲି ଘୋଷଣା ହୋଇଥିଲା। ବର୍ତ୍ତମାନ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଆଲୁମିନା କାରଖାନା ପାଇଁ କୋଡିଙ୍ଗା ମାଳିରୁ କଞ୍ଚାମାଲ ନେବ ବୋଲି ଆଶା ବାନ୍ଧିଥିବା ଆଦିତ୍ୟ ଆଲୁମିନା କମ୍ପାନୀ ୩ ମିଲିୟନ ଟ୍ରନ ରୁ ୬ ମିଲିୟନ ଟ୍ରନ୍ ହେଲେ ଏବଂ ବେଦାନ୍ତ ସେଥିରୁ ପ୍ରାୟ ୭୦ ପ୍ରତିଶତ ନେଲେ ଅଳ୍ପ ଦିନର ଶେଷ ହୋଇଥିବାର ଆଶଂକା କରି ତାହାକୁ କିପରି ବାତିଲ୍ କରାଯିବ ସେନେଇ ଚେଷ୍ଟା ଚଳାଇଛି। ଏତେ ସବୁ ଭିତରେ ପାକୃତିକ ସମ୍ପଦ ଭରା ପାହାଡ଼ ସବୁକୁ ଭୁଲୁଣ୍ଠିତ କରି ଶ୍ରୀହୀନ କରାଯିବାକୁ ଚେଷ୍ଟା ଚାଲିଥିବା ବେଳେ ଅଞ୍ଚଳର ପକୃତ ବିକାଶ ହେଉ ନଥିବା ବେଳେ ଉଭୟ କମ୍ପାନୀ ଅଞ୍ଚଳରେ ବିଭାଜନ ନୀତି ଆପଣେଇ କିପରି ଭାଇଚାରା ନଷ୍ଟ ହେବ ସେହି ପନ୍ଥା ଆପଣାଉ ଛନ୍ତି। ଅନ୍ୟ ପକ୍ଷରେ ବେଦାନ୍ତ ଏଠାରୁ ଦିର୍ଘ ବର୍ଷ ହେଲା ବେଦାନ୍ତ କମ୍ପାନୀ ଏଠାରୁ କଞ୍ଚାମାଲ ନେଇ ଲାଞ୍ଜିଗଡ଼ ଠାରେ ବନ୍ଦ ଥିବା କାରଖାନା କୁ ଚଳାଉଥିବା ବେଳେ ପ୍ରଭାବିତ ଖଣି ଅଞ୍ଚଳ ବାସୀ ଙ୍କୁ କୌଣସି ନିଯୁକ୍ତି ଦେଇନାହିଁ କି କି ପାରିପାର୍ଶ୍ୱିକ ଅଞ୍ଚଳରେ ସେଭଳି କିଛି ଉନ୍ନୟନ କାର୍ଯ୍ୟ କରିନାହିଁ, ଯାହା ଫଳରେ ମାଳି ଦ୍ୱାର ଜୀବନ ଜୀବିକା ନିର୍ବାହ କରୁଥିବା ଆଦିବାସୀ ମାନେ ଦୁଇଟି ଯାକ କମ୍ପାନୀ ପାଇଁ ଆଶା ଆଶଂକା ମଧ୍ୟରେ ଉଭୟ ଙ୍କ ମଧ୍ୟରେ ଲଢେଇରେ ଅଞ୍ଚଳ ବାସୀ ପେସି ହେଉଛନ୍ତି । ଯାହାର ପ୍ରଭାବ କାଶୀପୁର ବ୍ଲକର ସିଜି ମାଳିରେ ପଡିଥିବା ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ଆଦିବାସୀ ମାନେ ଖଣି ଖନନ କୁ ବିରୋଧ ଜାରି ରଖିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏକାଧିକ ମାଳି ରହିଛି। ଯେଉଁ ପାହାଡ଼ ଗୁଡ଼ିକରେ ଝରଣା ରହିଛି ସେ ସବୁ ମାଳିରେ ବକ୍ସାଇଟ୍ ଗଚ୍ଛିତ ଥିବା ତଥ୍ୟରୁ ଜଣାପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଶ୍ଚିମବଙ୍ଗରେ କିଏ...

କଷ୍ଟକର ହେବ ବୋଲି କୁହାଯାଉଛି। କିନ୍ତୁ ନନ୍ଦୀଗ୍ରାମରେ କିଛି ଏକଜିଟ ପୋଲ ଶୁଭେନ୍ଦୁ ଅଧିକାରୀ ଆଗୁଆ ରହିବେ ବୋଲି ଦର୍ଶାଉଥିବା ବେଳେ ଏଠାରେ ଏକ ବଡ଼ ଓଲଟଫେର ହୋଇପାରେ ବୋଲି ଆକଳନ କରାଯାଉଛି। ଶୁଭେନ୍ଦୁଙ୍କ ପାଇଁ ନିଜ ଗଡ଼ ରକ୍ଷା କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ମମତାଙ୍କ ପରେ ତାଙ୍କ ପୁତୁରା ଟିଏମସିର ସବୁଠାରୁ ଶକ୍ତିଶାଳୀ ନେତା। ସେ ଲଢୁଥିବା ନିର୍ବାଚନ ମଣ୍ଡଳୀରେ ବହୁତ ଭଲ ସ୍ଥିତିରେ ଅଛନ୍ତି ଏବଂ ତାଙ୍କ ବିଜୟ ସୂନିଶ୍ଚିତ ବୋଲି ଆକଳନ କରାଯାଇଛି। ସେହି ପରି ବିଜେପିର ଟାଣୁଆ ନେତା ଦିଲ୍ଲୀପ ଘୋଷ ଜିତିବା କଷ୍ଟକର ହୋଇପାରେ ବୋଲି ଆକଳନ କରାଯାଇଥିବା ବେଳେ ଜଣାଶୁଣା ଟିଏମସି ନେତ୍ରୀ ମହୁଆ ମୈତ୍ରୀ ବିଜେପି ପ୍ରାର୍ଥୀଙ୍କ ଠାରୁ କଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ସାମାନ୍ୟ ଅଗ୍ରଣୀ ରହିବାର ସମ୍ଭାବନା ରହିଛି।

### ଓଡ଼ିଶାରେ ବ୍ୟବସ୍ଥାର...

ଭଉଣୀ 'କାଲରା ମୁଣ୍ଡା'ଙ୍କ ମୃତ୍ୟୁ ଘଟିଲା । ହେଲେ ଭଉଣୀ ନାଁରେ ବ୍ୟାଙ୍କରେ ଜମା ଥିଲା ୧୯ ହଜାର ୩୦୦ ଟଙ୍କା । ସେହି ଜମା ପୁଞ୍ଜି ଟଙ୍କା ଉଠେଇବା ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ ଜିତୁ । ଭଉଣୀ ତ ଚାଲିଗଲା ଅନ୍ତତଃ ପରିବାରର କାମରେ ସେହି ୧୯ ହଜାର ୩୦୦ ଲାଗିବ ବୋଲି ଆଶା କରିଥିଲେ । ବ୍ୟାଙ୍କରୁ ସେହି ଟଙ୍କା ଉଠାଇ ଆଣି ଘର ଚଳାଇବେ, ଗୁଜୁରାଣ ମେଣ୍ଟାଇବେ ଏଇୟା ଭାବିଥିଲେ ଜିତୁ । କିନ୍ତୁ ଅପାଠୁଆ ଜିତୁ ମୁଣ୍ଡାଙ୍କୁ ପାଠ ପଢେଇଲେ ବ୍ୟାଙ୍କ କର୍ମଚାରୀ । କହିଲେ, ଯାହା ନାଁରେ ଖାତା, ସେ ନଆସିଲେ ଟଙ୍କା ମିଳିବ ନାହିଁ । ସେ ଆସି ଦସ୍ତଖତ କରି ଟଙ୍କା ଉଠାଇଲେ ହିଁ ଟଙ୍କା ମିଳିବ । ହେଲେ ଜିତୁ ଯେତେ ଭଉଣୀର ମୃତ୍ୟୁ କଥା ବୁଝାଇ କହିଲେ ବି କେହି ତାଙ୍କୁ ବିଶ୍ୱାସ କଲେନି। ତେଣୁ ଅନ୍ୟ ଉପାୟ ନପାଇ, ୨ମାସ ତଳେ ମାଟିରେ ପୋତା ଯାଇଥିବା ମୃତ ଭଉଣୀର କଙ୍କାଳସାର ଶବକୁ ଧରି ବ୍ୟାଙ୍କରେ ପହଞ୍ଚିଲେ। ହେଲେ କଥା ଏତିକିରେ ସରିଲା ନାହିଁ। ବ୍ୟାଙ୍କ ବାଲା ଗ୍ରୀଲରେ ଚାବି ପକେଇ ପୋଲିସ୍ ଡାକିଲେ। ଲୋକ ଜମା ହେଇ ଅପାଠୁଆ ଲୋକଟିର ଥଟ୍ଟାମଜା କଲେ। ଯାହାର ଭିଡିଓ ଦେଖିଲେ ଏ ସଭ୍ୟ ସମାଜ ମୁଣ୍ଡ ନୂଆଇଁ ପଡିବ । କାରଣ, ଏହା ହିଁ ହେଉଛି ଆମ ସରକାରୀ ବ୍ୟବସ୍ଥା । ଜଣେ ଅଶିକ୍ଷିତ ଲୋକକୁ, ବ୍ୟାଙ୍କରେ ବସିଥିବା ଏକାଧିକ ଶିକ୍ଷିତ ବାବୁ ସାହାଯ୍ୟ କରିପାରିଲେ ନାହିଁ। ଆବଶ୍ୟକ ପଡ଼ିଲେ ସରକାରୀ ତହବିଲ ଖାଲି କରିବାକୁ ନିୟମକୁ ନିଜ ଇଚ୍ଛାରେ ମୋଡ଼ି ପାରୁଥିବା ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇପାରିଲା ନାହିଁ ଏହି ଅଶିକ୍ଷିତ ଅସହାୟ ମଣିଷଟି ପାଇଁ । ଏହି ନୀରିହ ଲୋକଟିକୁ କେହି ଉପାୟ ବତାଇଲେ ନାହିଁ ବରଂ ତାର ନିରୀହପଣ ଓ ଅସହାୟତାର ଥଟ୍ଟା ତାମସା କରାଗଲା । ଯାହାର ଭିଡ଼ିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । କିନ୍ତୁ ଏଠାରେ ବଡ଼ ପ୍ରଶ୍ନ ହେଉଛି ପ୍ରକୃତରେ ସରକାର ଓ ବ୍ୟବସ୍ଥା ଲୋକଙ୍କ ସୁବିଧା ପାଇଁ ନା ବ୍ୟବସ୍ଥା କେବେଳ ଏହିଭଳି ଅବସ୍ଥା ପାଇଁ ?

### ମୋବାଇଲକୁ ଆସୁଛି...

ବ୍ରଡକାଷ୍ଟ ଆରମ୍ଭ କରିଛି । ସଚେତନ ନାଗରିକ, ସୁରକ୍ଷିତ ଦେଶ । ଏହି ବାର୍ତ୍ତା ପାଇବା ପରେ ଜନସାଧାରଣଙ୍କ ଠାରୁ କୌଣସି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ନାହିଁ । ଏହା ଏକ ପରୀକ୍ଷାମୂଳକ ବର୍ତ୍ତା-ଗୃହ ମନ୍ତ୍ରାଳୟ ।

### ଓଡ଼ିଶାକୁ ଶ୍ରେଷ୍ଠ...

ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଡ଼କ ଭିତ୍ତିଭୂମି ଗ୍ରାମୀଣ ବିକାଶର ଏକ ମୌଳିକ ସ୍ତମ୍ଭ ସ୍ଥାପନ କରିବ । ରାୟଗଡ଼ର ସ୍ଥାନୀୟ ଜେଏସକେ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀ,କେନ୍ଦ୍ରୀୟ ନିର୍ଦ୍ଦେଶିକା ରୀନା ଓ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମଂଚାସୀନ ଥିଲେ ଓ ୮ଟି ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ତାଙ୍କର ରାୟଗଡ଼ଓ ଗସ୍ତ କାର୍ଯ୍ୟକ୍ରମରେ ୮୨୭ଟି ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା- ୪ର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ରାୟଗଡ଼ ଜିଲ୍ଲାରେ ୨୭୪ଟି ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୫୬୨. ୧୦କୋଟି ଟଙ୍କା ବ୍ୟୟ କରାଯିବ କ୍ଷ ଏହି ସଡ଼କ ଯୋଗୁଁ ଜିଲ୍ଲାର ୩୧୪ଟି ଜନବସତି ଗ୍ରାମକୁ ଯୋଗାଯୋଗ ହୋଇପାରିବ ବୋଲି କହିବା ସହ ଜିଲ୍ଲାରେ ନୂତନ ଭାବରେ ୫୫୨. ୨୧କିଲୋମିଟର ନୂତନ ରାସ୍ତା ନିର୍ମାଣ ହେବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ରେ ରାୟଗଡ଼ ଜିଲ୍ଲା ଓଡ଼ିଶାରେ ସର୍ବାଧିକ ପ୍ରକଳ୍ପ ରହିଛି । ଏହିଁ ଯୋଜନାରେ ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ସେବାର ଉପଲବ୍ଧତାକୁ ସକ୍ଷମ କରିବା, କୃଷି ଆୟ ବୃଦ୍ଧି କରିବା, ଉତ୍ପାଦନଶୀଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଏହିଯୋଜନାରେ ପୂର୍ବରୁ ସଂଯୋଗ ହୋଇନଥିବା ଗ୍ରାମୀଣ ବସତିଗୁଡ଼ିକୁ ସବୁ ପାଣିପାଗରେ ଚାଲୁରହୁଥିବା ରାସ୍ତା ସହ ସଂଯୋଗ କରିବ ବୋଲି ସୂଚନା ଦେଇଥିଲେ । ସାମାଜିକ-ଆର୍ଥିକ ପରିବର୍ତନର ଏକ ପ୍ରମୁଖ ବାହକ ଭାବରେ ବିକଶିତ ହୋଇଛି, ଯାହା ବଜାର ସମନ୍ୱୟକୁ ସୁଦୃଢ଼ କରିଛି, କୃଷକମାନଙ୍କ ପାଇଁ ସୁଲଭ ମୂଲ୍ୟ ପ୍ରାପ୍ତିକୁ ସହଜ କରିଛି ଏବଂ କୃଷି ଓ ଅଣ-କୃଷି ଜୀବିକାକୁ ସମର୍ଥନ କରିଛି। ସାମୂହିକ ଭାବରେ, ଏହି ଫଳାଫଳଗୁଡ଼ିକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶକୁ ଆଗକୁ ବଢ଼ାଇବାରେ କାର୍ଯ୍ୟକ୍ରମର କେନ୍ଦ୍ରୀୟ ଭୂମିକାକୁ ଦର୍ଶାଉଛି ବୋଲି ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ କହିଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଗୁଣପୁର ଉପଜିଲ୍ଲାପାଳ ଦିଲୀପ ଅଭିଷେକ ଦୁଧଓଲ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୩୦ କୋଟି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୩୦ କୋଟି ଟଙ୍କା ବ୍ୟୟରେ ନୂଆ ଯୋଜନାର ଘୋଷଣା କରିଥିଲେ ଯାହା ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଆଇସିସିଟିୟୁର ଶ୍ରମିକ ଦିବସ ପାଳିତ




ଭୁବନେଶ୍ୱର, ୦୨/୦୫ (ଜେଏନଏସ) : ମେ ୧ ତାରିଖ ଦିନ ଅଶୋକ ନଗର ସ୍ଥିତ ନାଗଭୁଷଣ ଭବନ ଠାରେ ଏଆଇସିସିଟିୟୁ ପକ୍ଷରୁ ମଇ ଦିବସ ପାଳନ କରାଯାଇଛି। ଏହି ଅବସରରେ ସିପିଆଇ(ଏମ-ଏଲ )ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ପତାକା ଉତଳନ କରି ସହୀଦ ମାନଂଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କଲାପରେ ଏଆଇସିସିଟିୟୁ ର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ଙ୍କ ସଭାପତିତ୍ୱରେ ଯୋଗଦେଇ ଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠି ଶ୍ରମିକ ଦିବସର ଇତିହାସ ସମ୍ପର୍କରେ ତାଙ୍କର ବକ୍ତବ୍ୟ ପ୍ରଦାନ କରି କହିଲେ ଯେ ୧୮୬୬ ମସିହାରେ ଆମେରିକାର ଚିକାଗୋ ସହରର ହେ ମାର୍କେଟରେ ଶ୍ରମିକ ଓ କର୍ମଚାରୀ ମାନଙ୍କ ଉପରେ ହୋଇଥିବା ଦମନଲୀଳା ନିରନ୍ତର ସଂଘର୍ଷ ମହାନ ବିପ୍ଳବରେ ସାରା ଦେଶରେ ଶ୍ରମିକ ୮ ଘଣ୍ଟା ଆଇନ କାର୍ଯ୍ୟକାରୀ ହୋଇଥିଲା ଓ ୮ ଘଣ୍ଟା ନିଜର ପରିବାର ପାଇଁ କାମ କରିବାର ନିଷ୍ପତ୍ତି ହୋଇଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧୀ କରି ୧୨ ଘଣ୍ଟା କରିଛନ୍ତି । ପୁଞ୍ଜିବିନିଯୋଗ ନାମରେ ଶ୍ରମିକ କର୍ମଚାରୀଙ୍କ ପାଇଁ ପୂର୍ବରୁ ଥିବା ୪୪ ଟି ଶ୍ରମ କୋର୍ଡକୁ ପରିବର୍ତ୍ତନ କରି ମାଲିକମାନଙ୍କୁ ସୁହାଇଲା ଭଳି ୪ ଟି ଲେବ କୋର୍ଡ କରିଛନ୍ତି। ଶ୍ରମିକ ମାନଙ୍କୁ ଆଇନ ଥିବା ବେଳେ ମଧ୍ୟ ଶ୍ରମିକମାନଙ୍କ ନ୍ୟାୟ ମିଳୁ ନଥୁବା ଦେଖା ଦେଇଛି । ସାରା ଦେଶରେ ଶ୍ରମିକ ମାନଙ୍କ ଦାବିକୁ ନେଇ ଲଢ଼େଇ କରୁଥିବା କର୍ମୀ ମାନଙ୍କୁ-ଗିରଫ କରାଯାଉଛି। ଅନ୍ୟତମ ଅତିଥି ପ୍ରଭାସ ସାମନ୍ତରାୟ ତାଙ୍କର ବକ୍ତବ୍ୟ ରେ କହିଲେ ଯେ ବୋଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନିତିକୁ ତିବ୍ର ସମାଲୋଚନା କରିବା ସହ ଶ୍ରମିକ ମାନଙ୍କ ଅଧିକାରକୁ ଆନ୍ଦୋଂଳନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ନାରୀ ନେତ୍ରୀ ରେଣୁବାଳା ସାହୁ ଘରୋଇ ମହିଳା ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା ସହ ସେମାନଙ୍କର ମଜୁରୀ ବୃଦ୍ଧି ଲାଗି ସରକାର କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖ ଓ ପରୀତାପର ବିଷୟ ବୋଲି ସେ କହିଥିଲା ବେଳେ ଶ୍ରମିକ ନେତା ଶରତ ବରାଳ ଓ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ତାଙ୍କର ବକ୍ତ୍ୟବ୍ୟ ରେ ଶ୍ରମିକ ମାନେ ସଙ୍ଗଠିତ ହୋଇ ଆନ୍ଦୋଳନ କୁ ବ୍ୟାପକ କରିବା ସହିତ ମଜୁରୀ ଲାଗି ଆନ୍ଦୋଳନ ରତ ଶ୍ରମିକ ନେତା ମାନଙ୍କୁ ଜେଲ ପଠାଇବା ନିନ୍ଦନୀୟ ବୋଲି ସେମାନେ କହିଥିଲା ବେଳେ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ସଭାପତି ଭାଷଣ ରେ କହିଲେ ଯେ ଆଗାମୀ ଦିନରେ ୮ ଘଣ୍ଟା କାର୍ଯ୍ୟ ଦିବସ, ସର୍ବନିମ୍ନ ମଜୁରୀ ୨୬ହଯାର ଟଙ୍କା ଓ ଡବଲ ଇଂଜିନ ସରକାରର ଶ୍ରମିକ ବିରୋଧୀ ନୀତି ବିରୋଧରେ ଓଡ଼ିଶାରେ ଶ୍ରମିକ ଆନ୍ଦୋଳନକୁ ତେଜିଆନ କରିବା ଲାଗି ସମସ୍ତ ସଂଘଠିତ ଓ ଅସଂଗଠିତ ଶ୍ରମିକ ମାନଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜ୍ୟୋତି ସେନାପତି, ଚିତ୍ର ସେନ ସେଠି, ଲୋକନାଥ ବାରିକ ତାଙ୍କର ବକ୍ତ୍ୟବ୍ୟ ରଖିଥିଲେ। ଏହି ଶ୍ରମିକ ଦିବସ ରେ ସଫେଇ କର୍ମଚାରୀ, ଠିକା ଶ୍ରମିକ, ଘରୋଇ ମହିଳା ଶ୍ରମିକ, ନିର୍ମାଣ ଶ୍ରମିକ ମାନେ ଯୋଗଦେଇ ଶ୍ରମିକ ମାନଙ୍କ ର ଆଗମୀ ଆନ୍ଦୋଳନକୁ ତୀବ୍ର କରିବାକୁ ସଂକଳ୍ପ ନେଇଥିଲେ।

## ବିଧାନସଭାରେ ଉଠିଲା ଜିତୁ ମୁଣ୍ଡାଙ୍କ ଘଟଣା, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର: ରାଜ୍ୟଠାରୁ ଆରମ୍ଭ କରି ସମଗ୍ର ଦେଶରେ ଆଲୋଡ଼ନ ଖେଳାଇ ଦେଇଥିବା ବ୍ୟାଙ୍କକୁ କଙ୍କାଳ ବୋହିବା ଘଟଣାର ଅନୁସନ୍ଧାନ ପାଇଁ ଆଜି ଆରଡିସି ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଛନ୍ତି। ପାଟଣା ବ୍ଲକ୍‌ର ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡାଙ୍କ ଘରେ ଆରଡିସି ତାଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ବେଳେ କଂଗ୍ରେସ ବିଧାୟକମାନେ ବ୍ୟାଙ୍କକୁ କଙ୍କାଳ ନେଇ ଯିବା ଘଟଣାରେ ପ୍ରତିବାଦ କରିବା ସହ କକ୍ଷ ତ୍ୟାଗ କରିଛନ୍ତି। କଂଗ୍ରେସ ବିଧାୟକମାନେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରିଥିବାବେଳେ ପୋଷ୍ଟର ଧରି ପ୍ରତିବାଦ କରିଛନ୍ତି। ବାସ୍ତବରେ ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଥିବାବେଳେ କଂଗ୍ରେସ ବିଧାୟକମାନେ ହୋହଲ୍ଲା କରିଥିଲେ। ବାଚସ୍ପତିଙ୍କ ପୋଡିୟମ ତଳେ କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଉଲ୍ଲେଖ ଥାଉ କି ଆଜି ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିଥିବାବେଳେ ଏଥିରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ଆଲୋଚନା ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ମୋସନ୍ ଆଣିବେ। ଏହା ଉପରେ ସବୁ ଦଳର ବିଧାୟକ ଆଲୋଚନା କରିବେ। ଶେଷରେ ମୁଖ୍ୟମନ୍ତ୍ରୀ ଆଲୋଚନାର ଉତ୍ତର ରଖିବେ ବୋଲି ଜଣାପଡ଼ିଛି।

## ଶେଷ ହେଲା ଆମେରିକା-ଇରାନ ଯୁଦ୍ଧ : ସାଂସଦଙ୍କୁ ଚିଠି ଲେଖିଲେ ଟ୍ରମ୍ପ

ୱାଶିଂଟନ, ୦୨/୦୫: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଇନ ପ୍ରଣୟନକାରୀମାନଙ୍କୁ ସୂଚନା ଦେଇଛନ୍ତି ଯେ ଇରାନ ବିରୁଦ୍ଧରେ ଯୁଦ୍ଧ ଶେଷ ହୋଇଛି; ତେଣୁ, ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଅନୁମୋଦନ ନେବାକୁ ତାଙ୍କୁ ଆବଶ୍ୟକ କରୁଥିବା ବୈଧାନିକ ସମୟସୀମା ତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ହ୍ୱାଇଟ ହାଉସ ଏହି ବିଷୟରେ ଆମେରିକୀୟ କଂଗ୍ରେସକୁ ଏକ ଚିଠି ପଠାଇଛି। ପଲିଟିକୋ ଅନୁଯାୟୀ, କଂଗ୍ରେସ ନେତାମାନଙ୍କୁ ସମ୍ବୋଧିତ ଏକ ଚିଠିରେ ଟ୍ରମ୍ପ କହିଛନ୍ତି, 'ଏପ୍ରିଲ ୭, ୨୦୨୬ଠାରୁ, ଆମେରିକା ଏବଂ ଇରାନ ମଧ୍ୟରେ କୌଣସି ଗୁଳି ବିନିମୟ ହୋଇନାହିଁ।' ସେ ଆହୁରି ମଧ୍ୟ କହିଛନ୍ତି, 'ଫେବୃଆରୀ ୨୮, ୨୦୨୬ରେ ଆରମ୍ଭ ହୋଇଥିବା ଶତ୍ରୁତା ଏବେ ବନ୍ଦ ହୋଇଯାଇଛି।' ରିପୋର୍ଟକୁ ଉଦ୍ଧୃତ କରି, ଜିନହୁଆ ନ୍ୟୁଜ ଏଜେନ୍ସି ଉଲ୍ଲେଖ କରିଛି ଯେ ଏହି ପଦକ୍ଷେପ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଅନୁମୋଦନ ଆବଶ୍ୟକ କି ନାହିଁ ସେ ବିଷୟରେ ବିତର୍କକୁ ଦମନ କରିବାର ଏକ ପ୍ରୟାସ।

## ଶକ୍ତି ଏ ସପ୍ତାହର

**ମୁଲ୍ୟାଙ୍କକିପରି ଗଣନା କରିବେ – କେବଳ ତାରିକରେ ଥିବା ସଂଖ୍ୟାକୁ ମିଶେଇକି ଏକ ଅଙ୍କ ଆଣିବେ– ୧୯-୦୩-୨୦୨୬ = ୧ +୯ = ୧୦ = ୧ +୦ = ୧) (୩-୯ମଇ'୨୬)**

**ମୁଲ୍ୟାଙ୍କ ୧:** ଆପଣଙ୍କ କାର୍ଯ୍ୟ ପାଇଁ ଆପଣ ସହଜରେ ପରିଚିତ ହେବେ। ସମସ୍ତଙ୍କୁ ସ୍ୱାଭାବିକ ଭାବରେ ଆପଣଙ୍କ ପ୍ରତି ଆକର୍ଷିତ କରିବେ। ବୃତ୍ତିଗତ ଭାବରେ ଆପଣ ନୂତନ ଦାୟିତ୍ୱ ଗ୍ରହଣ କରିବେ। ବିଶେଷକରି ଘରେ ସମ୍ପର୍କରେ ସନ୍ତୁଳନ ରହିବ। ଛାତ୍ରଙ୍କୁ ଧ୍ୟାନ ଦେବା ଉଚିତ। ଆର୍ଥିକ ଦୃଷ୍ଟିରୁ କୌଣସି ପ୍ରତିବନ୍ଧକ ଆସିପାରିବ ନାହିଁ କାରଣ ଏହି ସପ୍ତାହରେ ଆପଣଙ୍କ ପାଇଁ ଉପଲବ୍ଧ ସମ୍ବଳ ଯଥେଷ୍ଟ ହେବ।

**ମୁଲ୍ୟାଙ୍କ ୨ :** ଭାବପ୍ରବଣ ଭାବରେ ଏହା ଆପଣଙ୍କର ଶକ୍ତିକୁ ହ୍ରାସ କରିବ। ଚିନ୍ତା କରିବା ଏବଂ ନିଷ୍ପତ୍ତି ନେବାରେ ଆପଣଙ୍କୁ କଷ୍ଟ ହେବ। ଆର୍ଥିକ ସମ୍ବନ୍ଧୀୟ ଧ୍ୟାନର ଅଭାବ ଯୋଗୁଁ କୌଣସି ଭୁଲ ବୁଝାମଣା ହୋଇପାରେ। ଛାତ୍ରମାନଙ୍କର ପ୍ରଦର୍ଶନ ମଧ୍ୟମ ଭଲ ରହିବ। ସାଥୀ କିମ୍ବା ଜୀବନସାଥୀଙ୍କ ସହିତ ଯୁକ୍ତିତର୍କ ହୋଇପାରେ। ଆପଣଙ୍କୁ ମେ ମାସର ୪ ତାରିଖରେ ବିଶେଷ ଭାବରେ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡିବ। ବୃତ୍ତିଗତ ଭାବରେ ଆପଣଙ୍କ ଯୋଜନା ପାଇଁ ଜିନିଷ ପଚରାଯିବ।

**ମୁଲ୍ୟାଙ୍କ ୩ :** ଏହି ସପ୍ତାହରେ ଛାତ୍ରମାନଙ୍କର ପ୍ରଦର୍ଶନ ଭଲ ହେବ। ଯେକୌଣସି ଫର୍ମ ପୂରଣ କରିବା କିମ୍ବା କୌଣସି ଡକ୍ୟୁମେଣ୍ଟେସନ୍ କାମ କରିବା ପାଇଁ ମେ ମାସ ୯ ତାରିଖ ପ୍ରିୟ ହେବ। ପରିବାର କିମ୍ବା ବୃତ୍ତିଗତ ପ୍ରତିବଦ୍ଧତା ସହିତ ଜଡିତ କୌଣସି ଆଲୋଚନା ଏବଂ ବୈଠକରୁ ଦୂରେଇ ରୁହନ୍ତୁ। ମେ ମାସ ୩ ଏବଂ ୬ ତାରିଖରେ ଆପଣ ପରିବାର ପକ୍ଷରୁ ବିଶେଷକରି ଜୀବନସାଥୀଙ୍କ ବିରୋଧର ସମ୍ମୁଖୀନ ହୋଇପାରନ୍ତି। ଆପଣଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ। ଛୋଟମୋଟ ବାଧା ରହିବ କିନ୍ତୁ ଆପଣଙ୍କ ପ୍ରୟାସ ସହିତ ତାହା ଦୂର ହୋଇଯିବ।

**ମୁଲ୍ୟାଙ୍କ ୪:** ଏହି ସପ୍ତାହରେ ଆପଣଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡିବ। ଗାଡି ଚଲାଇବା ସମୟରେ ସତର୍କ ରହିବାକୁ ଚେଷ୍ଟା କରନ୍ତୁ। ଆପଣ ଆପଣଙ୍କ ଜୀବନ ସହିତ ଜଡିତ ଅନେକ ତଥ୍ୟ ଜାଣିପାରିବେ। ଭାବପ୍ରବଣ ଭାବରେ ବହୁତ କ୍ଲାନ୍ତ ଅନୁଭବ କରିବେ। ଆର୍ଥିକ ସମସ୍ୟା ରହିବ ନାହିଁ। ସାଧାରଣତଃ ସମ୍ପର୍କ କଷ୍ଟଦାୟକ ହେବ। ଲୋକମାନଙ୍କର ଆପଣଙ୍କୁ ବୁଝିବା କଷ୍ଟ ହବ। ଛାତ୍ରମାନେ ଧ୍ୟାନ ଦେବାରେ କଷ୍ଟକର ହେବେ। ବୃତ୍ତିଗତ ବ୍ୟକ୍ତି ବିଳମ୍ବରେ ଆସିବେ।

**ମୁଲ୍ୟାଙ୍କ ୫:** ଆପଣ ଟଙ୍କା ଏବଂ ସମ୍ପତ୍ତି ବିଷୟରେ ଚିନ୍ତିତ ରହିବେ। ଏହି ସପ୍ତାହରେ ଆପଣ କୌଣସି ପ୍ରଭାବଶାଳୀ ଏବଂ ଧନୀ ବ୍ୟକ୍ତିଙ୍କ ଦ୍ୱାରା ଭୟଭୀତ ହେବେ। ଆପଣଙ୍କ ଆର୍ଥିକ ସ୍ଥିତି ବିଷୟରେ ଲୋକମାନେ ଅଧିକ ଜାଣିବେ ବୋଲି ଆପଣଙ୍କୁ ଭୟ ଲାଗୁଛି। ଧ୍ୟାନ ଅଭାବରୁ ସମ୍ପର୍କ କ୍ଷତିଗ୍ରସ୍ତ ହେବ। ମାନସିକ ଉତ୍ତେଜନା ସୃଷ୍ଟି ହେବ ଏବଂ ସେଥିପାଇଁ ଆପଣ ଅସୁସ୍ଥ ହୋଇପାରନ୍ତି। ବୃତ୍ତିଗତ ଭାବରେ ଆପଣ ଆପଣଙ୍କ କ୍ଷମତା ଅନୁଯାୟୀ କାର୍ଯ୍ୟ କରିପାରିବେ ନାହିଁ।

**ମୁଲ୍ୟାଙ୍କ ୬:** କର୍ମକ୍ଷେତ୍ରରେ ମତଭେଦ ଆପଣଙ୍କୁ ଚିନ୍ତିତ କରିବ। ଆପଣ କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ସହିତ ମିଳନ ଅନୁଭବ କରିଛନ୍ତି। ଜୀବନସାଥୀଙ୍କ ସହ ମତଭେଦ ବଢ଼ିବ ଏବଂ ଏପରି ଏକ କାରଣ ହୋଇପାରେ ଯେତେବେଳେ ଆପଣ ଭାବିବେ ଯେ ଆପଣଙ୍କୁ ଅଲଗା ହେବା ଉଚିତ। ରୋଜଗାର କରିବାର କିଛି ନୂତନ ସୁଯୋଗ ପାଇବାକୁ ଯାଉଥିବାରୁ ଆର୍ଥିକ ସ୍ଥିତି ଭଲ ରହିବ। ଗାଡି ଚଲାଇବା ସମୟରେ ଆପଣଙ୍କୁ ସତର୍କ ରହିବାକୁ ପଡିବ।

**ମୁଲ୍ୟାଙ୍କ ୭:** ଆର୍ଥିକ ସ୍ଥିତି ଭଲ ରହିବ, ଏହା ଆପଣଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ଭାବରେ ଚିନ୍ତା କରିବାରେ ସାହାଯ୍ୟ କରିବ। ଏହି ସପ୍ତାହରେ ଏହା ପ୍ରଦର୍ଶନ କରିବାରେ ବହୁତ ଦକ୍ଷ ହେବ। ଆପଣ କରିବାକୁ ଯାଉଥିବା ନିବେଶ ଆପଣଙ୍କୁ ଭବିଷ୍ୟତରେ ଲାଭ ଦେବ। ସମ୍ପର୍କ ବହୁତ ଭଲ ରହିବ ଏବଂ ଏହି ସପ୍ତାହରେ ଜଣେ ସମ୍ପର୍କୀୟଙ୍କୁ ମଧ୍ୟ ଭେଟିବେ। ଛାତ୍ରମାନେ ଭଲ ପ୍ରଦର୍ଶନ କରିବେ। ଆପଣ କିଛି ସଙ୍କେତ ସ୍ୱପ୍ନ ପାଇବେ ଯାହା ଉପରେ ଆପଣଙ୍କୁ ଧ୍ୟାନ ଦେବାକୁ ପଡିବ।

**ମୁଲ୍ୟାଙ୍କ ୮:** ଆପଣ ୪ ମଇ ପାଖାପାଖି ସାବଧାନତାର ସହ ଆର୍ଥିକ ଖର୍ଚ୍ଚ କରିବାକୁ ଯାଉଛନ୍ତି। ଆପଣ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁମାନେ ଆପଣଙ୍କ ପଛରେ ଆପଣଙ୍କ କୃପଣ ଆଚରଣ ବିଷୟରେ ଆଲୋଚନା କରିବେ। ଯାତ୍ରା ଅସହଜ ହେବ କିନ୍ତୁ ଆପଣ ଆପଣଙ୍କ ଉଦ୍ୟମରେ ସଫଳ ହେବେ। ବୃତ୍ତିଗତ ଭାବରେ ଆପଣ ବହୁତ ସମର୍ପିତ ଏବଂ ସଚ୍ଚୋଟ ହେବେ। ପ୍ରତିଯୋଗିତାମୂଳକ ପରୀକ୍ଷା କ୍ଷେତ୍ରରେ ମଧ୍ୟମ ଫଳାଫଳ ପାଇବେ। ସମ୍ପର୍କ ସମୀକରଣ ଭଲ ରହିବ।

**ମୁଲ୍ୟାଙ୍କ ୯:** ଏହି ସପ୍ତାହରେ ଆପଣ ହୃଦୟ ଉପରେ ମସ୍ତିଷ୍କ ବ୍ୟବହାର କରିବେ। ମେ ମାସ ୩ ଏବଂ ୯ ତାରିଖରେ ଆପଣ ଆପଣଙ୍କ ଦୈନନ୍ଦିନ ଜୀବନରେ ଘଟୁଥିବା କିଛି ବିଷୟରେ ଅଧିକ ଚିନ୍ତା କରିବେ। ବ୍ୟକ୍ତିଗତ ଭାବରେ, ଆପଣ ଆପଣଙ୍କ ପରିବାର ସଦସ୍ୟଙ୍କ ଉପରେ ପ୍ରଭାବଶାଳୀ ଦେଖାଯାଇପାରନ୍ତି। ଛାତ୍ରମାନଙ୍କର ପ୍ରଦର୍ଶନ ବହୁତ ଭଲ ହେବ। ଆପଣ ସହରରେ ନୂତନ ଖାଦ୍ୟ ସଂଯୋଗ ଅନୁସନ୍ଧାନରେ ରହିବେ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

## ପ୍ରମୁଖ ଖବର ଏ ସପ୍ତାହର

- ରାଜ୍ୟରେ ସୁଭଦ୍ରା ଯୋଜନା ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଜାରି ।
- ମଇ ଦ୍ୱିତୀୟ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ବାତ୍ୟାର ରୂପ ନେବାର ସମ୍ଭାବନା।
- ଭୁବନେଶ୍ୱରରେ ଆଜିଠାରୁ 'ପ୍ରଥମ ଭାରତୀୟ ଇଣ୍ଡୋର ଓପନ ପୋଲ ଭଲ୍ଟ' ପ୍ରତିଯୋଗିତା ଆରମ୍ଭ ।
- ଆଜି କେନ୍ଦ୍ର ସରକାର ଏବଂ ଏନଡିଏମଏ ସାରା ଦେଶରେ ସେଲ ବୋଡକାଷ୍ଟ ଆଲର୍ଟ ସିଷ୍ଟମ ପରୀକ୍ଷଣ ।
- ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ୧୫ଟି ବୁଥରେ ଆଜି ପୁନଃ ମତଦାନ ଜାରୀ।
- ୪ଟି ୟୁରୋପୀୟ ଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ।
- ବ୍ୟବସାୟିକ ଏଲପିଜି ସିଲିଣ୍ଡର ଦରରେ ୯୯୩ ବୃଦ୍ଧି ।
- ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ନୂଆ ପ୍ରତିବନ୍ଧକ ଲଗାଇଲେ।
- ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଭିଏତନାମ ଗସ୍ତ କରି ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ପାଇଁ ଏକାଧିକ ଚୁକ୍ତି କରିଛନ୍ତି।
- ପେରୁ ସରକାର ଏକ ମାନବ ଚାଲାଣ ରାକେଟର ତଦନ୍ତ କରୁଛନ୍ତି, ଯେଉଁମାନେ ପେରୁ ନାଗରିକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଋଷ ପକ୍ଷରୁ ଯୁଦ୍ଧ କରିବାକୁ ପଠାଉଥିଲେ ।
- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ଏବଂ ଅଳଙ୍କାର ଗଣତି ପାଇଁ ସରକାର ପ୍ରକ୍ରିୟା ଜାରି
- ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ପରେ ଏବେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ପ୍ରକ୍ରିୟା ଉପରେ ଗୁରୁତ୍ୱ
- ପୁରୀଠାରେ ପ୍ରସ୍ତାବିତ 'ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର' ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ
- ବ୍ରହ୍ମପୁର ଏବଂ ସମ୍ବଲପୁରରେ ବେଆଇନ ଆଇପିଏଲ୍ ବେଟିଂ ଉପରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ
- କାଳବୈଶାଖୀ ଯୋଗୁଁ ଗରମରୁ କିଛିଟା ଆଶ୍ୱସ୍ତି ମିଳିଥିଲେ ମଧ୍ୟ ଅନେକ ସ୍ଥାନରେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଚାଷୀମାନଙ୍କୁ ସତର୍କ ରହିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ
- ମଇ ମାସର ଦ୍ୱିତୀୟ ସପ୍ତାହ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି।

# ରିକେଲ୍ଟନଙ୍କ ଅପରାଜିତ ଶତକ ନିଷ୍ଫଳ : ୬ଷ୍ଠ ପରାଜୟ ପରେ ଚିନ୍ତାରେ ମୁମ୍ବାଇ



ମୁମ୍ବାଇ, ୦୨/୦୫: ଚଳିତ ଆଇପିଏଲ୍‌ରେ ନବମ ଶତକ ହାସଲ କରିଛନ୍ତି ମୁମ୍ବଇ ଇଣ୍ଡିଆନ୍‌ସର ରିୟାନ ରିକେଲ୍ଟନ। ହେଲେ ତାଙ୍କର ଏହି ଶତକ ପାଞ୍ଚ ଥର ଚମ୍ପିଆନ୍ ମୁମ୍ବଇକୁ ଜିତାଇ ପାରିନାହିଁ। ବୁଧବାର ମୁମ୍ବାଇକୁ ୬ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ ପରାସ୍ତ କରିଛି। ରିକେଲ୍ଟନଙ୍କ ଅପରାଜିତ ୧୨୩ ରନ୍ ବଳରେ ପ୍ରଥମେ ବ୍ୟାଟିକରି ଘରୋଇ ମୁମ୍ବଇ ଇଣ୍ଡିଆନ୍‌ସ ୫ ୱିକେଟ୍ ହରାଇ ୨୪୩ ରନ୍ କରିଥିଲା। ପରେ ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମା ଓ ହେନ୍‌ରିକ କ୍ଲାସେନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୮ଟି ବଲ୍ ବାକିଥାଇ ୪ ୱିକେଟ୍ ହରାଇ ସନ୍‌ରାଇଜର୍ସ ମ୍ୟାଚ୍ ଜିତି ନେଇଥିଲା। ୨୪୪ ରନ୍ ଆଇପିଏଲ୍ ଇତିହାସରେ ୪ର୍ଥ ସର୍ବାଧିକ ରନ୍‌ର ପିଛାକରି ବିଜୟ। ସନ୍‌ରାଇଜର୍ସ ୯ମ ମ୍ୟାଚ୍‌ରେ ୬ଷ୍ଠ ବିଜୟ ପରେ ୧୨ ପଏଣ୍ଟ ସହ ୩ୟ ସ୍ଥାନକୁ ଉଠିଛି। ତେବେ ୮ଟି ମ୍ୟାଚ୍‌ରୁ ୬ଷ୍ଠ ମ୍ୟାଚ୍ ହାରି ମୁମ୍ବଇ ଚିନ୍ତାରେ ପଡ଼ିଯାଇଛି। ସନ୍‌ରାଇଜର୍ସ ହାଇଦରାବାଦ ସମ୍ମୁଖରେ ୨୪୪ ରନ୍ ବିଜୟଲକ୍ଷ୍ୟର ପାହାଡ଼ ଥିବା ବେଳେ ଦୁଇ ଓପନର ଆରମ୍ଭରୁ ଝଡ଼ ପରି ବର୍ଷିଥିଲେ। 'ଟ୍ରାଭିଷେକ' ଭାବେ ପରିଚିତ ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ନିୟମିତ ଭାବେ ବାଉଣ୍ଡରୀ ମାରି ଚାଲିଥିଲେ। ଫଳରେ ସନ୍‌ରାଇଜର୍ସ ମାତ୍ର ୮ ଓଭରରେ ୧୨୬ ରନ୍ କରିଥିଲା। ହେଡ୍ ୨୦ ବଲ୍‌ରୁ ୫୦ ରନ୍ ପୂରଣ କରିଥିଲେ। ମାତ୍ର ୫୧ ବଲ୍‌ରୁ ସନ୍‌ରାଇଜର୍ସ ୧୨୯ ରନ୍ କରିଥିବା ବେଳେ ଆଉ ୪ ରନ୍‌ରେ ୩ଟି ୱିକେଟ୍ ପଡ଼ିଥିଲା। ୯ମ ଓଭରରେ କ୍ରମାଗତ ୨ଟି ବଲ୍‌ରେ ଗଜନଫର ୱିକେଟ୍ ନେଇଥିଲେ। ଅଭିଷେକ ଶର୍ମା ବିଧ୍ୱଂସୀ ବ୍ୟାଟିଂକରି ମାତ୍ର ୨୪ ବଲ୍‌ରୁ ୩ଟି ଛକା ଓ ୪ଟି ଚୌକା ସହ ୪୫ ରନ୍ କରି ବିଦାୟ ନେଇଥିଲା। ଈଶାନ୍ କିଷନ ପ୍ରଥମ ବଲ୍ ଖେଳି ଆଉଟ୍ ହୋଇଥିଲେ। ପରବର୍ତ୍ତୀ ଓଭରରେ ହେଡ୍ ଆଉଟ୍ ହେବା ସନ୍‌ରାଇଜର୍ସ ପାଇଁ ଶକ୍ତ ଧକ୍କା ଥିଲା। ଟ୍ରାଭିସ୍ ହେଡ୍ ୩୦ ବଲ୍‌ରୁ ୮ଟି ଛକା ଓ ୪ଟି ଚୌକା ସହ ୭୬ ରନ୍ କରିଥିଲେ। ପରେ ହେନ୍‌ରିକ କ୍ଲାସେନ୍ ଆକ୍ରମଣ କରି ନୀତୀଶ ରେଡୀଙ୍କ ସହ ୯୦ ରନ୍ ଯୋଡ଼ିଥିଲେ। ନୀତୀଶ ରେଡୀ ୧୭ ବଲ୍‌ରୁ ୨୧ ରନ୍ କରି ଆଉଟ୍ ହୋଇ ଯାଇଥିଲେ। ପରେ କ୍ଲାସେନ୍ ଓ ସାହିଲ ଅରୋରା ଅବିଭାଜିତ ୫ମ ୱିକେଟ୍‌ରେ ୪୫ ରନ୍ ଯୋଡ଼ି ଦଳକୁ ଜିତାଇଥିଲେ। ହେନ୍‌ରିକ୍ କ୍ଲାସେନ୍ ୩୦ ବଲ୍‌ରୁ ୪ଟି ଛକା ଓ ୭ଟି ଚୌକା ସହ ୬୫ ଏବଂ ସାହିଲ ଅରୋରା ୧୦ ବଲ୍‌ରୁ ୩ଟି ଛକା ଓ ୨ଟି ଚୌକା ସହ ୩୦ ରନ୍‌କରି ଅପରାଜିତ ଥିଲେ। ହେନ୍‌ରିକ୍ କ୍ଲାସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମୁମ୍ବଇ ଇଣ୍ଡିଆନ୍‌ସ ଟସ୍ ଜିତି ବ୍ୟାଟିଂ ନେଇଥିଲା। ଦୁଇ ଓପ୍‌ନର ରିୟାନ ରିକେଲ୍ଟନ ଓ ୱିଲ୍ ଜ୍ୟାକ୍‌ସ ଆରମ୍ଭରୁ ଆକ୍ରମଣ କରିଥିଲେ। ଫଳରେ ୭ ଓଭରରେ ମୁମ୍ବଇ ବିନା ୱିକେଟ୍‌ରେ ୯୩ ରନ୍‌କରି ବଡ଼ ସ୍କୋର୍‌ର ମୂଳଦୁଆ ପକାଇଥିଲା। ଚଳିତବର୍ଷ ପ୍ରଥମ ମ୍ୟାଚ୍ ଖେଳି ଇଂଲଣ୍ଡର ୱିଲ୍ ଜ୍ୟାକ୍‌ସ ବିଧ୍ୱଂସୀ ବ୍ୟାଟିଂକରି ୨୨ ବଲ୍‌ରୁ ୩ଟି ଛକା ଓ ୫ଟି ଚୌକା ସହ ୪୬ ରନ୍‌କରି ବିଦାୟ ନେଇଥିଲେ। ନିୟମିତ ବାଉଣ୍ଡରୀ ମାରି ରିକେଲ୍ଟନ ମାତ୍ର ୨୩ ବଲ୍‌ରୁ ୫୦ ରନ୍ କରି ପାରିଥିଲେ। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବ ୫ ରନ୍‌କରି ବିଦାୟ ନେଇଥିଲେ। ବାମହାତି ରିୟାନ ରିକେଲ୍ଟନ ଓ ନମନ ଧୀର ତୃତୀୟ ୱିକେଟ୍ ପାଇଁ ୩୦ ବଲ୍‌ରୁ ୫୫ ରନ୍ ଯୋଡ଼ିଥିଲେ। ନମନ ୧୭ ବଲ୍‌ରୁ ୩ଟି ଚୌକା ସହ ୨୨ ରନ୍ କରିଥିଲେ। ରିକେଲ୍ଟନ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୫୬ ରନ୍ ଯୋଡ଼ିଥିଲେ। ହାର୍ଦ୍ଦିକ ୧୫ ବଲ୍‌ରୁ ୨ଟି ଲେଖାଏଁ ଛକା ଓ ଚୌକା ସହ ୩୧ ରନ୍ କରିଥିଲେ। ତିଳକ ବର୍ମା ୭ ରନ୍ କରିଥିଲେ। ଚଳିତ ଆଇପିଏଲ୍‌ରେ ୮ମ ବ୍ୟାଟ୍‌ସମ୍ୟାନ୍ ଭାବେ ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ରିୟାନ ରିକେଲ୍ଟନ ୫୫ ବଲ୍‌ରୁ ୮ଟି ଛକା ଓ ୧୦ଟି ଛକା ସହ ୧୨୩ ରନ୍‌କରି ଅପରାଜିତ ଥିଲେ। ପ୍ରଫୁଲ ହିଙ୍ଗେ ୨ଟି ୱିକେଟ୍ ନେଇଥିଲେ।

## ହରଭଜନ ସିଂଙ୍କ ଘର ବାହାରେ ବିକ୍ଷୋଭ

ମୁମ୍ବାଇ, ୦୨/୦୫: ଆପରୁ ଇସ୍ତଫା ଦେଇ ଆଣିବା ପରେ ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂଙ୍କ ବାସଭବନ ସମ୍ମୁଖରେ ଆପ ବିକ୍ଷୋଭ ପ୍ରଦର୍ଶନ କରିଛି। ପଞ୍ଜାବର ଜଳନ୍ଧରରେ ପୂର୍ବତନ ଆପ ରାଜ୍ୟସଭା ସାଂସଦ ଉପନେତା ଅଶୋକ ମିତ୍ତଲଙ୍କ ବିରୋଧରେ ଆପ କର୍ମୀମାନେ ପ୍ରତିବାଦ କରିଥିଲେ। ଅଶୋକ ମିତ୍ତଲ ଓ ରାଘବ ଚଡ୍ଢାଙ୍କ ସମେତ ଆପ ଛାଡ଼ି ବିଜେପିରେ ମିଶିଥିବା ସମସ୍ତ ସାଂସଦଙ୍କ ବିରୁଦ୍ଧରେ ବିକ୍ଷୋଭ କରିଥିଲେ। ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘର ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ ଆପ କର୍ମକର୍ତ୍ତା। ସେ ମଧ୍ୟ ଆପ ଦଳରୁ ରାଜ୍ୟସଭା ସାଂସଦ ଥିଲେ। ରାଘବ ଚଡ୍ଢାଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି। ଆପ କର୍ମୀମାନେ ହରଭଜନ ସିଂଙ୍କ ବାସଭବନ ସମ୍ମୁଖରେ ଆପ ଛାଡ଼ି ବିଜେପିରେ ଯୋଗ ଦେଇଥିବା ସାଂସଦ ମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## କ୍ରିକେଟ୍ ବୋର୍ଡକୁ ନିୟନ୍ତ୍ରଣକୁ ନେଲେ ଶ୍ରୀଲଙ୍କା ସରକାର



କଲମ୍ବୋ, ୦୨/୦୫ : ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ସଭାପତି ସାମ୍ମି ସିଲ୍‌ଭାଙ୍କ ଇସ୍ତଫା ପରେ ସେଠାକାର ସରକାର ବୋର୍ଡର ପରିଚାଳନା ଓ କାର୍ଯ୍ୟକାରୀ କମିଟିକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ଏବେ ଶ୍ରୀଲଙ୍କାର କ୍ରୀଡ଼ା ଓ ଯୁବସେବା ବିଭାଗ ବୋର୍ଡର ପରିଚାଳନା କରିବ। ଏହା ସହିତ ଶ୍ରୀଲଙ୍କା କ୍ରିକେଟ୍‌ରେ କେତେକ ଢାଞ୍ଚାଗତ ସଂସ୍କାର ଲାଗି ସରକାର ଏକ ଅନ୍ତରୀଣ କମିଟି ଗଠନ କରିଛନ୍ତି ବୋଲି ଶ୍ରୀଲଙ୍କାର କ୍ରୀଡ଼ାମନ୍ତ୍ରୀ ସୁନୀଲ କୁମାର ଗମାଗେ ସୂଚନା ଦେଇଛନ୍ତି। ବୋର୍ଡର କର୍ମକର୍ତ୍ତାମାନଙ୍କ ଉପରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଉଠିବା ପରେ ସେମାନଙ୍କୁ ଇସ୍ତଫା ଦେବାକୁ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମଙ୍ଗଳବାର ବୋର୍ଡର କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ବସିଥିଲା, ଯାହାପରେ ସଭାପତିଙ୍କ ସମେତ ଅନ୍ୟମାନେ ଇସ୍ତଫା ଦେଇଥିଲେ। ସେମାନଙ୍କ ଇସ୍ତଫାକୁ ଗ୍ରହଣ କରାଯାଇଥିବା ଗମାଗେ କହିଛନ୍ତି। ଗତ ସାତ ବର୍ଷ ହେଲା ସଭାପତି ପଦରେ ଥିବା ସିଲ୍‌ଭାଙ୍କ କାର୍ଯ୍ୟକଳାପ ନେଇ ଶ୍ରୀଲଙ୍କା ଖେଳାଳିମାନେ ଅଭିଯୋଗ କରିଆସୁଥିଲେ। ଏହା ସହିତ ବୋର୍ଡରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଉଠୁଥିଲା। ତେବେ ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ଖରାପ ପ୍ରଦର୍ଶନ ପରେ ବୋର୍ଡ ଉପରେ ଚାପ ଅଧିକ ବଢିଯାଇଥିଲା। ଏହା ପରେ ସରକାର ବାଧ୍ୟ ହୋଇ ପରିସ୍ଥିତିରେ ହସ୍ତକ୍ଷେପ କରିଥିଲେ।

# ଟପ୍ ପୋଜିସନରେ ପହଁଚିବା ଲକ୍ଷ୍ୟରେ ବେଙ୍ଗାଲୁର ଗୁଜୁରାଟ ନେଇପାରେ ପୁରୁଣା ପ୍ରତିଶୋଧ



ବେଙ୍ଗାଲୁରୁ, ୦୨/୦୫ : ଆଇପିଏଲର ୪୨ତମ ଲିଗ୍ ମୁକାବିଲାରେ ଗୁରୁବାର ଗୁଜୁରାଟ ଘରୋଇ ଗ୍ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁକୁ ଭେଟିବ । ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଥିବା ଗୁଜୁରାଟ ବିଜୟଧାରା ଜାରି ରଖିବା ସହ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ । ବେଙ୍ଗାଲୁରୁ ପାଇଁ ଶୀର୍ଷ ସ୍ଥାନରେ ପହଞ୍ଚିବାର ସୁଯୋଗ ରହିଛି । ୧୨ ପଏଣ୍ଟ ଅର୍ଜନ କରି ସାରିଥିବା ବେଙ୍ଗାଲୁରୁ ମୁକାବିଲା ଜିତିଲେ ଟେବୁଲ ଟପ୍ପର ପଞ୍ଜାବ କିଙ୍ଗ୍ସକୁ ପଛରେ ପକାଇ ପାରିବ । ଗତ ୨୪ ତାରିଖରେ ଉଭୟ ଦଳ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମରେ ପରସ୍ପରକୁ ଭେଟିଥିଲେ। ବେଙ୍ଗାଲୁରୁ ୫ ୱିକେଟରେ ଉକ୍ତ ମ୍ୟାଚ ଜିତିଥିଲା । ଉକ୍ତ ମ୍ୟାଚରେ ସାଇ ସୁଦର୍ଶନ ଶତକ ଅର୍ଜନ କରିଥିଲେ ହେଁ ଜବାବରେ ବିରାଟ କୋହଲି ଓ ଦେବଦତ୍ତ ପାଡିକଲ ବିସ୍ଫୋରକ ବ୍ୟାଟିଂ କରି ଗୁଜରାଟ ଠାରୁ ବିଜୟ ଛଡ଼ାଇ ନେଇଥିଲେ । ଗୁରୁବାର ନିଜ ଘରୋଇ ଗ୍ରାଉଣ୍ଡ ଓ ସମର୍ଥକଙ୍କ ଗହଣରେ ଖେଳୁଥିବା ଗୁଜୁରାଟ ଶୃଙ୍ଖଳିତ ବୋଲିଂ କରି ବେଙ୍ଗାଲୁରୁ ବ୍ୟାଟରଙ୍କୁ ଅଟକାଇବାକୁ ଚେଷ୍ଟା କରିବ । ଦଳର ଭାଗ୍ୟ ମୁଖ୍ୟତଃ ରସିଦ ଖାନ, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜଙ୍କ ବୋଲିଂ ଉପରେ ନିର୍ଭର କରିବ । ଆଇପିଏଲରେ ଉଭୟ ଦଳ ପରସ୍ପରକୁ ୭ଥର ଭେଟିଛନ୍ତି । ଏଥିରୁ ବେଙ୍ଗାଲୁରୁ ୪ଟି ମ୍ୟାଚ ଜିତିଥିବା ବେଳେ ୩ଟି ମ୍ୟାଚରେ ପରାଜିତ ହୋଇଛି । ଚମତ୍କାର ଫର୍ମରେ ରହିଥିବା ବେଙ୍ଗାଲୁରୁ ମଧ୍ୟ ଆଧିପତ୍ୟ ଜାରି ରଖିବା ଆଶା କରାଯାଉଛି । ଗୁଜରାଟ ପକ୍ଷରୁ ଶୁଭମନ ଗିଲଙ୍କ ଉପରେ ନଜର ରହିବା ସ୍ୱାଭାବିକ । ସେ ଇତି ମଧ୍ୟରେ ୩୩୦ ରନ ସଂଗ୍ରହ କରିସାରିଛନ୍ତି । ସେହିପରି ସୁଦର୍ଶନଙ୍କୁ ମଧ୍ୟ ଶାନ୍ତ ରଖିବାକୁ ବେଙ୍ଗାଲୁରୁ ରଣନୀତି ପ୍ରସ୍ତୁତ କରିବ। ବେଙ୍ଗାଲୁରୁ ପକ୍ଷରୁ ବିରାଟ କୋହଲି ଓ ରଜତ ପାତିଦାରଙ୍କ ଉପରେ ଦର୍ଶକଙ୍କ ନଜର ରହିବା ନିଶ୍ଚିତ ।

## ବଢ଼ିଲା ରିୟାନ ପରାଗଙ୍କ ଅଡୁଆ : ଇ-ସିଗାରେଟ୍ ଟାଣିବାରୁ ବିସିସିଆଇର ଆକ୍ସନ

ଜୟପୁର, ୦୨/୦୫ : ଫାଇନ୍ ଗଣିବେ ରିୟାନ ପରାଗ । ଡ୍ରେସିଂ ରୁମରେ ଇ-ସିଗାରେଟ୍ ଟାଣିଥିବାରୁ କଡା କାର୍ଯ୍ୟାନୁଷ୍ଠାନ ନେଇଛି ବିସିସିଆଇ । ରାଜସ୍ଥାନ ରୟାଲ୍ସ ଅଧିନାୟକ ରିଆନଙ୍କ ଭିଡିଓ ଭାଇରାଲ ପରେ ତାଙ୍କ ବିରୋଧରେ ଆକ୍ସନ୍ ନିଆଯାଇଛି । ରିପୋର୍ଟ ଅନୁସାରେ,ରାଜସ୍ଥାନ ରୟାଲ୍ସର ଅଧିନାୟକ ରିୟାନ ପରାଗ ଏବେ ଏକ ବଡ଼ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏପ୍ରିଲ ୨୮ ତାରିଖରେ ମୁଲ୍ଲାନପୁରର ମହାରାଜା ଯାଦବିନ୍ଦ୍ର ସିଂ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍ ଚାଲିଥିବା ସମୟରେ ତାଙ୍କୁ ଡ୍ରେସିଂ ରୁମରେ ଭେପିଂ ବା ଇ-ସିଗାରେଟ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ସମୟରେ ଯେତେବେଳେ ସମସ୍ତଙ୍କ ନଜର ଖେଳ ଉପରେ ଥିଲା, ସେତେବେଳେ ରିୟାନ ପରାଗ ଅତି ସାଧାରଣ ଭାବେ ଇ-ସିଗାରେଟ୍ ଟାଣୁଥିଲେ। ଜଣେ ଦଳର ନେତୃତ୍ୱ ନେଉଥିବା ଖେଳାଳିଙ୍କ ପାଇଁ ଏଭଳି ଆଚରଣ ଖେଳର ମର୍ଯ୍ୟାଦା ହାନୀ କରୁଛି ବୋଲି ସମାଲୋଚନା କରିଥିଲେ ଫ୍ୟାନ୍ସ। ପ୍ରଶଂସକମାନେ ଏହାକୁ ଖେଳ ପ୍ରତି ତାଙ୍କର ବେପରୁଆ ମନୋଭାବ ବୋଲି ମତ ଦେଇଥିଲେ । ଆଇପିଏଲ ୨୦୨୬ ମଝିରେ ଏହି ବିବାଦ ରାଜସ୍ଥାନ ରୟାଲ୍ସ ପାଇଁ ଅଡୁଆ ସୃଷ୍ଟି କରିଛି। ଜଣେ ଯୁବ ଖେଳାଳି ତଥା ଅଧିନାୟକଙ୍କ ପାଇଁ ଶୃଙ୍ଖଳା ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ତେବେ ପରାଗଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା କମ୍ ଥିଲେ ମଧ୍ୟ ବିସିସିଆଇର ଆଭ୍ୟନ୍ତରୀଣ ଶୃଙ୍ଖଳା କମିଟି ଏହାକୁ ଗୁରୁତ୍ୱର ସହ ନେଇଛି। ତାଙ୍କର ମ୍ୟାଚ୍ ଫି'ର ୨୫ ପ୍ରତିଶତ କଟାଯାଇଛି । ବିସିସିଆଇର ଶୃଙ୍ଖଳା ନିୟମ ଅନୁସାରେ ସେ ନିୟମ ୨.୨୧କୁ ଉଲ୍ଲଙ୍ଘନ କରିଛନ୍ତି । ଯାହା ଖେଳାଳିଙ୍କ ସମସ୍ତ ଆଚରଣ ବାବଦରେ ଉଲ୍ଲେଖ କରିଥାଏ ।

## ବିଶ୍ୱ ଟିଟି : ୟୁକ୍ରେନକୁ ହରାଇଲା ଭାରତ



ଲଣ୍ଡନ, ୦୨/୦୫ : ଇଂଲଣ୍ଡର ଲଣ୍ଡନଠାରେ ଚାଲିଥିବା ଆଇଟିଟିଏଫ୍ ବିଶ୍ୱ ଦଳଗତ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତ ରୋମାଞ୍ଚକ ଢଙ୍ଗରେ ୟୁକ୍ରେନ୍‌କୁ ୩-୨ରେ ପରାସ୍ତ କରିଛି। ତା' ସହିତ ଗ୍ରୁପ୍-୬ରେ ନିଜ ସ୍ଥିତିକୁ ପୂର୍ବାପେକ୍ଷା ଆହୁରି ସୁଦୃଢ଼ କରି ନେଇଛି। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଅଭିଜ୍ଞ ମନିକା ବାତ୍ରା ପ୍ରତିପକ୍ଷ ତେତୟାନା ବିଲେଙ୍କୋଙ୍କୁ ୧୧-୯, ୭-୧୧, ୧୧-୬, ୧୧-୫ରେ ହରାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୟୁକ୍ରେନ୍‌ର ମାର୍ଗାରିଟା ପେସୋତ୍‌ସ୍କା ଭାରତର ଯଶସ୍ୱିନୀ ଘୋରପଡ଼େଙ୍କୁ ହରାଇ ସ୍ଥିତି ୧-୧ କରି ନେଇଥିଲେ। ସେହିଭଳି ଦିୟା ଚିତାଲେ ତୃତୀୟ ମ୍ୟାଚ୍‌ରେ ଭେରୋନିକା ମାତିୟୁନାଙ୍କୁ ହରାଇ ଭାରତକୁ ପୁଣି ଥରେ ୨-୧ରେ ଆଗୁଆ କରି ଦେଇଥିଲେ। ହେଲେ ମନିକା ଦୁର୍ଭାଗ୍ୟଜନକ ଚତୁର୍ଥ ମୁକାବିଲାରେ ଭାବେ ମାର୍ଗାରିଟାଙ୍କଠାରୁ ହାରି ଯାଇଥିଲେ। ଏଣୁ ସ୍ଥିତି ୨-୨ରେ ବରାବର ହୋଇଯାଇଥିଲା। ପଞ୍ଚମ ତଥା ନିର୍ଣ୍ଣାୟକ ମୁକାବିଲାରେ ଘୋରପଡ଼େ ଅସୀମ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ପରିଚୟ ଦେଇ ତେତୟାନାଙ୍କୁ ହରାଇବା ସହ ଭାରତକୁ ବିଜୟୀ କରାଇଥିଲେ।

# 'କଥା ସ୍ୱାଭିମାନର ବିଚାର ଆପଣଙ୍କର'

# ଓଡ଼ିଶାର ଯୁବଶକ୍ତି ଓ ସରକାରଙ୍କ ପ୍ରତି ଆହ୍ୱାନ



ଶାରଦା ପ୍ରସନ୍ନ ସ୍ୱାଇଁ

"ଏ ରାଜ୍ୟ ଆମର, ଏ ଖଣି ଆମର, ଏ ନଦୀ ଆମର" - ଓଡ଼ିଶାର ଯୁବଶକ୍ତିଙ୍କ ସ୍ୱାଭିମାନ ଓ ରୋଜଗାରକୁ ନେଇ ଜନ ଜାଗରଣର ସମ୍ପାଦକ ଶାରଦା ପ୍ରସନ୍ନ ସ୍ୱାଇଁ ଏକ ବଡ଼ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମ୍ପଦରେ କେବଳ ଓଡ଼ିଆ ଯୁବକଙ୍କ ଅଧିକାର ଦାବି କରି ସେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ଏହି ଆହ୍ୱାନ ଓଡ଼ିଶାରେ ବଢୁଥିବା "ସ୍ଥାନୀୟ ନିଯୁକ୍ତି" ଓ "ଓଡ଼ିଆ ସ୍ୱାଭିମାନ" ଭାବନାକୁ ଦର୍ଶାଉଛି। ଖଣି, ଜଙ୍ଗଲ, ଜଳ, ଜମି ଉପରେ ସ୍ଥାନୀୟ ଲୋକଙ୍କ ଅଧିକାର ପ୍ରସଙ୍ଗ ଦୀର୍ଘ ଦିନରୁ ରାଜ୍ୟ ରାଜନୀତିର କେନ୍ଦ୍ରରେ ରହିଛି। ୨୦୨୪ ନିର୍ବାଚନ ପରେ ନୂଆ ସରକାର ଉପରେ ଯୁବ ରୋଜଗାର ଓ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସୁଯୋଗ ଦେବା ନେଇ ଆମ୍ଭେ ଚାପ ପକାଇ ଆସୁଛୁ। କିନ୍ତୁ ଏହି ଆହ୍ୱାନ ଉପରେ ରାଜ୍ୟ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳି ପାରିନାହିଁ।

ମୁଁ ଚାହେଁ ମୋ ଓଡ଼ିଶାର ଯୁବକମାନେ ଆମ ରାଜ୍ୟରେ ଥିବା ଖଣିରେ କାମ କରନ୍ତୁ, ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନ ଗଢ଼ନ୍ତୁ ଓ ଶିଳ୍ପ ସଂସ୍ଥାରେ ନିଯୋଜିତ ହୁଅନ୍ତୁ। ଉନ୍ନତ ମାନର ପ୍ରାକୃତିକ ଜୈବ ସମ୍ପଦ ବ୍ୟବହାର କରି ଚାଷ କାମ କରନ୍ତୁ। ଠିକା କାମ, ଘର ନିର୍ମାଣ ଓ ଜାଗା ନିର୍ମାଣରେ ନିଜକୁ ନିଯୋଜିତ କରନ୍ତୁ। ବିଲ୍‌ଡର, କଣ୍ଟ୍ରାକ୍ଟି, ପ୍ଲଟିଙ୍ଗ୍, ଟ୍ରାନ୍ସପୋର୍ଟିଙ୍ଗ୍ ଏବଂ ଖଣିଜ ଉତ୍ତୋଳନ - ଏ ସବୁ କାମ କେବଳ ଆମ ଓଡ଼ିଆ ପିଲାମାନେ ହିଁ କରିବେ। ସରକାରଙ୍କ କର୍ତ୍ତବ୍ୟ ହେଉଛି ସେମାନଙ୍କୁ ଏହି କାମରେ ସାହାଯ୍ୟ କରିବା ଏବଂ ଆବଶ୍ୟକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିବା।

ଏ ରାଜ୍ୟ ଆମର, ଏ ପାଣି ଆମର, ଏ ଜଙ୍ଗଲ ଆମର, ଏ ପବନ ଆମର, ଏ ଖଣି ଆମର, ନଦୀ ଆମର ଏବଂ ୫୭୪ କିଲୋମିଟରର ସମୁଦ୍ର ତଟ ମଧ୍ୟ ଆମର। ମାତ୍ର ଦୁଃଖର ବିଷୟ, ସବୁ ଉପରେ ନେତାମାନେ ନିଜର ହକ୍ ଜାହିର କରି ରଖୁଛନ୍ତି ଏବଂ ବଡ଼ ବଡ଼ ଅଣ-ଓଡ଼ିଆ ଶିଳ୍ପପତିମାନେ ଏହାକୁ ଅକ୍ତିଆର କରି ରଖିଛନ୍ତି। ସରକାର ଅଣ-ଓଡ଼ିଆଙ୍କୁ ଖଣିଜ କାମ ଦେବାରୁ ନିବୃତ ରହିବା ଉଚିତ୍। ଓଡ଼ିଆ ପିଲାମାନେ କେମିତି ବିନା କୌଣସି ରାଜନେତାଙ୍କ ଦୟାରେ ସରଳ ଭାବରେ ଠିକା କାମ ପାଇପାରିବେ, ସେଥିପାଇଁ ବ୍ୟବସ୍ଥା ହେବା ଦରକାର।

ଆଜି ଆମ ଓଡ଼ିଶାର ଯୁବକମାନଙ୍କୁ ଆର୍ଥିକ ଭାବେ ପଙ୍ଗୁ କରି ରଖାଯାଉଛି। ଯୁବକମାନେ କେବଳ 'ଜିନ୍ଦାବାଦ' ପକାଇବାରେ ବ୍ୟସ୍ତ ରହୁଛନ୍ତି, ନିଜ ହକ ଉପରେ ଧ୍ୟାନ ଦେଉନାହାନ୍ତି। ସେମାନଙ୍କୁ ମାଗଣାରେ କିଛି ଦେଇ ପ୍ରଲୋଭିତ କରାଯାଉଛି, ଯେଉଁଥିପାଇଁ ଆଜି ଯୁବପିଢ଼ି ଚାଟୁକାରିତା ଓ ନିଶା ସେବନରେ ବ୍ୟସ୍ତ। ଗାଁ ଗାଁରେ ଯୁବକ ପାଣି ପିଉ ନାହାନ୍ତି ମଦ ପିଉଛନ୍ତି। କର୍ମ ସଂସ୍ଥାନ ନଥିବାରୁ ସମୟ ଅତିବାହିତ ପାଇଁ ନିଶାକୁ ଆପଣେଇ ନେଉଛନ୍ତି। ନେତାଙ୍କ ପୁଅ ନେତା ହେବ, ବେପାରୀର ପୁଅ ବେପାରୀ ହେବ ଏବଂ ରାଜତନ୍ତ୍ରର ସବୁ ସୁବିଧା ପାଇବ, କିନ୍ତୁ ସାଧାରଣ ଓଡ଼ିଆ ପିଲା ଭକୁଆ ଭଳି ଚାହିଁ ରହିବ - ଏହାକୁ ଆଜିର ଯୁବ ସମାଜ ଆଉ ସହ୍ୟ କରିବ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ରଖିବା ଆବଶ୍ୟକ।

ସମସ୍ତଙ୍କୁ ମୋର ଅନୁରୋଧ, ନିଶା ଛାଡ଼ି ନିଜ ରାଜ୍ୟର ଭବିଷ୍ୟତ ପାଇଁ କର୍ମ କରନ୍ତୁ। ସରକାରଙ୍କୁ ବି ଅନୁରୋଧ, ଆମ ରାଜ୍ୟର ସମସ୍ତ କାର୍ଯ୍ୟରେ କେବଳ ଓଡ଼ିଆଙ୍କୁ ସାମିଲ କରନ୍ତୁ। ଅଣ-ଓଡ଼ିଆ ପ୍ରେମରେ ନ ପଡ଼ି, ନିଜ ରାଜନେତାଙ୍କୁ କେବଳ ଆର୍ଥିକ ସକ୍ଷମ କରିବା ପରିବର୍ତ୍ତେ ଜନସାଧାରଣଙ୍କୁ ସକ୍ଷମ କରନ୍ତୁ। ନହେଲେ ଏ ଓଡ଼ିଶାର ଯୁବ ସମାଜ କେବେ କ୍ଷମା ଦେବେନି, ମହାପ୍ରଭୁ ଜଗନ୍ନାଥ ବି କ୍ଷମା ଦେବେନି।

ଯଦି ନ ସୁଧୁରିବେ, ତେବେ ଆଗାମୀ ନିର୍ବାଚନରେ ଭୋଟ୍ ମାଗିବାକୁ ଆସିଲେ ଜନସାଧାରଣ ଆଉ ଚୁପ୍ ରହିବେ ନାହିଁ। ଏକ ବିକଳ୍ପ ଚିନ୍ତା କରିବେ ଓ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ।

**ସାରଦା ପ୍ରସନ୍ନ ସ୍ୱାଇଁ**
**ସଂପାଦକ**
**ଜନ ଜାଗରଣ**

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra